

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୫ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 05 JULY 2021

Vol.No. 32 ■ No. 169 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଫିଲିପାଇନ୍ସରେ ବିମାନ ଦୁର୍ଘଟଣା

### ମୃତ୍ୟୁସଂଖ୍ୟା ୨୯କୁ ବୃଦ୍ଧି, ୫୦ଜଣ ଉଦ୍ଧାର



ମାନିଲା,୦୪/୦୭: ଦକ୍ଷିଣ ଫିଲିପାଇନ୍ସରେ ରବିବାର ଦିନ ଏକ ସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ପ୍ରଥମେ ୧୭ ଜଣଙ୍କର ମୃତ୍ୟୁ ହୋଇଥିବା ନେଇ ଖବର ମିଳିଥିବା ବେଳେ ଏବେ ମୃତ୍ୟୁସଂଖ୍ୟା ୨୯କୁ ବୃଦ୍ଧି ପାଇଛି । ସୂଚନା ଅନୁଯାୟୀ ଏହି ବିମାନରେ ୯୨ ଜଣ ଲୋକ ଥିଲେ । ସେମାନଙ୍କ ମଧ୍ୟରେ ତିନିଜଣ ପାଇଲଟ ଏବଂ ଅନ୍ୟ ପାଞ୍ଚ ଜଣ କ୍ରୁ ସଦସ୍ୟ ମଧ୍ୟ ଥିଲେ। ଅନ୍ୟମାନେ ସୈନିକ ଥିବାବେଳେ ଏପର୍ଯ୍ୟନ୍ତ ୫୦ ଜଣଙ୍କୁ ଉଦ୍ଧାର କରାଯାଇଛି। ବର୍ତ୍ତମାନ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ମୃତ୍ୟୁ ସଂଖ୍ୟା ବଢିପାରେ ବୋଲି ଆଶଙ୍କା କରାଯାଉଛି । ରଏଟର୍ସ ରିପୋର୍ଟ ଅନୁଯାୟୀ ଫିଲିପାଇନ୍ସ ବାୟୁସେନାର ସି-୧୩୦ ବିମାନ ଜୋଲୋ ଦ୍ୱୀପରେ ଅବତରଣ କରିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫିଲିପାଇନ୍ସର ସେନା ମୁଖ୍ୟ ସିରିଲିଟୋ ସୋବେଜାନା କହିଛନ୍ତି ଯେ ବିମାନରେ ୯୨ ଜଣ ଲୋକ ଥିଲେ, ସେଥିମଧ୍ୟରୁ ୫୦ ଜଣଙ୍କୁ ଉଦ୍ଧାର କରାଯାଇଛି। ବାକି ଯାତ୍ରୀମାନଙ୍କୁ ଉଦ୍ଧାର କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଚାଲିଛି । ସେ କହିଛନ୍ତି ଯେ ବିମାନଟି ସୈନିକମାନଙ୍କୁ ନେଇ ଦକ୍ଷିଣ କଗାୟନରୁ ଯାଉଥିଲା । ଆଉ ବିମାନ ଜୋଲୋ ଦ୍ୱୀପରେ ଅବତରଣ କରିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲା ।

## କରୋନା ଟିକାକରଣରେ ଓଡ଼ିଶାର ରେକର୍ଡ

### ୧ କୋଟି ଲୋକଙ୍କୁ ଦିଆଗଲା ପ୍ରଥମ ଡୋଜ ଟିକା

ଭୁବନେଶ୍ୱର,୦୪/୦୭(ନି.ପ୍ର): କରୋନା ଟିକାକରଣରେ ରେକର୍ଡ କରିଛି ଓଡ଼ିଶା । ରାଜ୍ୟରେ ୧କୋଟି ଲୋକଙ୍କୁ ଦିଆଯାଇଛି ପ୍ରଥମ ଡୋଜ ଟିକା । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଏପର୍ଯ୍ୟନ୍ତ ୧କୋଟି ୨୨ଲକ୍ଷ ଲୋକ ଟିକା ନେଇଛନ୍ତି । ତେବେ ରେକର୍ଡ ୧କୋଟି ଲୋକଙ୍କୁ ପ୍ରଥମ ଡୋଜ ଟିକା ଦିଆଯାଇଛି । ସେହିପରି ୨୨ଲକ୍ଷ ୧୦ ହଜାର ଲୋକ ଟିକାର ୨ଟି ଡୋଜ ନେଇଛନ୍ତି । ଏନେଇ ଟୁଇଟ କରି ଓଡ଼ିଶାବାସୀ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଶୁଭେଚ୍ଛା ଜଣାଇଛି ସ୍ୱାସ୍ଥ୍ୟ ବିଭାଗ ।

## ଆସନ୍ତା ୨୦୨୨-୨୩ ସୁଦ୍ଧା ପୁରୀରୁ ଉଡିବ ବିମାନ



ପୁରୀ,୦୪/୦୭(ନି.ପ୍ର): ଆସନ୍ତା ୨୦୨୨-୨୩ ସୁଦ୍ଧା ପୁରୀରୁ ଉଡିବ ବିମାନ । ସବୁ ଠିକ ଠାକ ଚାଲିଲେ ଉଡିବା ସମ୍ଭାବନା ଉଜ୍ଜଳ । ବର୍ତ୍ତମାନ କରୋନା ପାଇଁ ବିମାନ ବନ୍ଦର ଉନ୍ନତିକରଣ ପ୍ରଭାବିତ ହେଉଛି । ରାଉରକେଲା, ଉତକେଲା, ଜୟପୁର, ରଙ୍ଗେଇଲୁଣ୍ଡାରୁ ଉଡାଣ ପାଇଁ ସହଯୋଗ କରୁଛୁ । ଏହାସହ ସମସ୍ତ ଅବିଭକ୍ତ ଜିଲ୍ଲାରେ ଏୟାରଷ୍ଟ୍ରିପ ଉନ୍ନତି ପାଇଁ ଆଲୋଚନା ଚାଲିଛି ବୋଲି କହିଛନ୍ତି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା । ସେପଟେ ଡାକୋଟା ବିମାନ ପାଇଁ ଜାଗା ଚିହ୍ନଟ ହୋଇଯାଇଥିବା କହିଛନ୍ତି ପରିବହନ ମନ୍ତ୍ରୀ । ଭୁବନେଶ୍ୱର ବିମାନ ବନ୍ଦର ନିକଟ ବିଜୁ ପ୍ରତିମୂର୍ତ୍ତିରେ ରଖିବାକୁ ନିଷ୍ପତ୍ତି ହୋଇଛି । ଏନେଇ ଏୟାରପୋର୍ଟ ଅଥରିଟିଙ୍କୁ ରାଜ୍ୟ ସରକାର ଚିଠି ଲେଖିଥିଲେ ।

## କରୋନା ତୃତୀୟ ଲହରକୁ ନେଇ ସତର୍କ କରାଇଲେ ସ୍ୱାସ୍ଥ୍ୟ ବିଶେଷଜ୍ଞ

### ଡାକ୍ତର ନିରୋଜ ମିଶ୍ର କହିଲେ, ଅଗଷ୍ଟରେ କଟକଣା କୋହଳ ହେବା ଅନୁଚିତ୍



ଭୁବନେଶ୍ୱର,୦୪/୦୭(ନି.ପ୍ର): କରୋନା ତୃତୀୟ ଲହରକୁ ନେଇ ଆଇଆଇଟି କାନପୁରର ଆକଳନ ପରେ ସତର୍କ କରାଇ ଦେଇଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ । ଡାକ୍ତର ନିରୋଜ ମିଶ୍ର କହିଛନ୍ତି, ଅଗଷ୍ଟରେ କଟକଣା କୋହଳ ହେବା ଅନୁଚିତ୍ । ତୃତୀୟ ଲହର ନଭେମ୍ବର ସୁଦ୍ଧା ଆସିବା ନେଇ ଆକଳନ କରାଯାଉଥିବାରୁ ନଭେମ୍ବର ପୂର୍ବରୁ ରାଜ୍ୟରେ ସଂପୂର୍ଣ୍ଣ ଟିକାକରଣ କରିବା ପାଇଁ ଡାକ୍ତର ନିରୋଜ ମିଶ୍ର ପରାମର୍ଶ ଦେଇଛନ୍ତି । ସେପଟେ କରୋନାର ତୃତୀୟ ଲହରକୁ ନେଇ ବଡ ଆକଳନ କରିଛି କାନପୁର ଆଇଆଇଟି ମଡେଲ । କାନପୁର ଓ ହାଇଦ୍ରାବାଦ ଆଇଆଇଟିର ଗବେଷକମାନଙ୍କ ଦ୍ୱାରା ପ୍ରସ୍ତୁତ କୋଭିଡ୍-୧୯ର ଗାଣିତିକ ମଡେଲ ଅନୁସାରେ ବଡ ଆକାରରେ ଆସିନପାରେ ତୃତୀୟ ଲହର । କାନପୁର ଆଇଆଇଟି ପ୍ରଫେସର ମନିନ୍ଦ୍ର ଅଗର୍ୱାଲଙ୍କ ନେତୃତ୍ୱରେ ପ୍ରସ୍ତୁତ ମଡେଲ ଅନୁସାରେ ଅତି ଖରାପ ସ୍ଥିତି ଆସିଲେ ବି ଅକ୍ଟୋବରରୁ ନଭେମ୍ବର ମଧ୍ୟରେ ସର୍ବାଧିକ ଦୈନିକ ୨ଲକ୍ଷ ଲୋକ ସଂକ୍ରମିତ ହୋଇପାରନ୍ତି । ଏଥିସହ କୋଭିଡ୍ ଗାଇଡଲାଇନ କଡାକଡି ପାଳନ କରିବାକୁ କାନପୁର ଆଇଆଇଟି ମଡେଲରେ କୁହାଯାଇଛି ।

## ଭୁବନେଶ୍ୱରରେ ପ୍ରବଳ ବର୍ଷା

ଭୁବନେଶ୍ୱର,୦୪/୦୭(ନି.ପ୍ର): ଦିନ ସାରା ମୁଣ୍ଡ ଫଟା ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି। କିନ୍ତୁ ସଂଧ୍ୟା ୫ ଟା ବେଳକୁ ରାଜଧାନୀ ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସିଲା। ପାଖାପାଖି ୪୫ ମିନିଟ୍ ବିଜୁଳି ଘଡଘଡି ସାଙ୍ଗକୁ ଅବିରତ ବର୍ଷା। ବର୍ଷା ଯୋଗୁଁ ରାଜଧାନୀବାସୀ ଗୁଳୁଗୁଳିରୁ ଆଶ୍ୱସ୍ତି ପାଇଲେ। ତେବେ ତଳିଆ ଅଂଚଳରେ ପାଣି ପଶିଯାଇଥିଲା। ନୟାପଲ୍ଲୀ ସ୍ଥିତ ଇସ୍କନ୍ ସମ୍ମୁଖରେ ପାଣି ଜମା ହେବା ଫଳରେ ଏକାଧିକ ଗାଡି ଫସି ରହିଯାଇଥିଲା। ସେହିପରି ନୟାପଲ୍ଲୀ ବେହେରା ସାହି, ବମିଖାଲ, ଲକ୍ଷ୍ମୀ ସାଗର ଓ ସୁନ୍ଦରପଦା ଅଂଚଳରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇ ଦୟନୀୟ ସ୍ଥିତି ହୋଇଥିଲା। ଜାତୀୟ ରାଜପଥରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିବାରୁ ରାସ୍ତାରେ ଯିବା ଆସିବା ଠପ୍ ହୋଇଯାଇଥିଲା । ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସଂଧ୍ୟା ୫ଟା ୩୦ ମଧ୍ୟରେ ଭୁବନେଶ୍ୱର ଏୟାରପୋର୍ଟ ଅଂଚଳରେ ୧୦.୮ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ରାଜୀବ ଭବନ ଅଂଚଳରେ ୨୯ମିମି, ପଟିଆ ଅଂଚଳରେ ୨୭ ମିମି ବର୍ଷା ରେକର୍ଡ ହୋଇଛି।

## ମୁଖ୍ୟମନ୍ତ୍ରୀ ପଦ ପାଇବା ପରେ ଶପଥ ନେଲେ ପୁଷ୍କରସିଂ ଧାମୀ



ଉତ୍ତରାଖଣ୍ଡ,୦୪/୦୭: ଉତ୍ତରାଖଣ୍ଡର ୧୧ ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ପୁଷ୍କରସିଂ ଧାମୀ । ସବୁଠାରୁ ବଡକଥା ଧାମୀଙ୍କ ମନ୍ତ୍ରୀମଣ୍ଡଳରେ ମାତ୍ର ଅନ୍ୟ ୨ ଜଣ ମନ୍ତ୍ରୀ ସତପାଲ ମହାରାଜ ଓ ହରକ ସିଂ ରାୱତ ବି ଶପଥ ନେଇଛନ୍ତି । ସେମାନଙ୍କୁ ଉତ୍ତରାଖଣ୍ଡ ରାଜ୍ୟପାଳ ବେବି ରାଣୀ ମୌର୍ଯ୍ୟ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ଧାମୀଙ୍କ ଏହି ଶପଥଗ୍ରହଣ ଉତ୍ସବରେ ରାଜ୍ୟ ବିଜେପିର ବରିଷ୍ଠ ନେତା ତଥା ମନ୍ତ୍ରୀ ସତପାଲ ମହାରାଜ, ହରକ୍ ସିଂ ରାୱତ ଓ ବିଜେପିର ଅନ୍ୟନେତା ଓ ବିଧାୟକମାନେ ଯୋଗ ଦେଇଥିଲେ । ଧାମୀ ଶପଥ ନେବା ପୂର୍ବରୁ ପୂର୍ବ ମୁଖ୍ୟମନ୍ତ୍ରୀ ତିରଥସିଂ ରାୱତ, ତ୍ରିବେନ୍ଦ୍ର ସିଂ ରାୱତ ଓ ରାଜ୍ୟ ବିଜେପିର ବରିଷ୍ଠ ନେତା ସତପାଲ ମହାରାଜଙ୍କୁ ସାକ୍ଷାତ କରିଥିଲେ । ଧାମୀଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦଳ ନିର୍ବାଚିତ କରିବା ପରେ ଏହାକୁ ନେଇ ରାଜ୍ୟ ବିଜେପିର କିଛି ବିଧାୟକ ଅସନ୍ତୁଷ୍ଟ ଥିବା କଥା ବି କୁହାଯାଇଛି । ଏନେଇ ଆଜି ସକାଳେ ରାଜ୍ୟ ବିଜେପି ଅଧ୍ୟକ୍ଷ ମଦନ କୌଶିକଙ୍କ ଡେରାଡୁନ ବାସଭବନରେ ଏକ ବୈଠକ ବସିଥିଲା । ଏହି ବୈଠକରେ ରାଜ୍ୟ ପ୍ରଭାରୀ ଦୁଷ୍ମନ୍ତ କୁମାର, ଧନ ସିଂ ରାୱତ,ବିଷନ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ରଥଯାତ୍ରା ନେଇ ପୋଲିସ ଡିଜିଙ୍କ ସମୀକ୍ଷା

### ଘରେ ରହି ରଥଯାତ୍ରା ଦେଖିବାକୁ ଦେଲେ ଆହ୍ୱାନ



ପୁରୀ,୦୪/୦୭(ନି.ପ୍ର): ରଥଯାତ୍ରା ନେଇ ସମୀକ୍ଷା କଲେ ପୋଲିସ ଡିଜି । ପୁରୀ ଗସ୍ତ କରି ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ରଥଯାତ୍ରା ବେଳେ କରୋନା ନିୟମ ମାନିବାକୁ ଆହ୍ୱାନ କଲେ ଡିଜିପି । ଘରେ ରହି ଟିଭିରେ ରଥଯାତ୍ରା ଦେଖିବାକୁ ପରାମର୍ଶ ଦେଲେ । ପୁରୀବାସୀ ପୂର୍ବଥର ପରି ସହଯୋଗ କରନ୍ତୁ । ଗତ ବର୍ଷ ପୁରୀବାସୀଙ୍କ ସହଯୋଗ ଯୋଗୁଁ ରଥଯାତ୍ରା ସଫଳ ହୋଇଥିଲା ବୋଲି କହିଛନ୍ତି ଡିଜିପି । ରଥଯାତ୍ରା ସୁରକ୍ଷା ନେଇ ବ୍ଲୁ ପ୍ରିଣ୍ଟ ତିଆରି କରିଛନ୍ତି ପୁରୀ ଏସପି । ତେବେ ଏହି ବ୍ଲୁ ପ୍ରିଣ୍ଟକୁ ନେଇ ଆଲୋଚନା କରାଯିବ । ଆଉ ରଥଯାତ୍ରା ସୁରକ୍ଷା ନେଇ ଚୂଡାନ୍ତ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯିବ । ରଥ ଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥାକୁ କଡା କଡି କରାଯିବ ।

## ୭ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୦୪/୦୭(ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କେତେକ ଜିଲ୍ଲାର କିଛି ସ୍ଥାନରେ ବଜ୍ରପାତ ସହ ବର୍ଷା। ସମ୍ଭାବନା ରହିଛି। ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, କନ୍ଧମାଳ, ବୌଦ୍ଧ, କଳାହାଣ୍ଡି ଓ ଗଞ୍ଜାମ ଜିଲ୍ଲାରେ ଆସନ୍ତା ୨୪ ଘଂଟା ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ଏହି ସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ସୁନ୍ଦରଗଡ଼, ▶▶ପୃଷ୍ଠା ୭

## ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୪୨ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୦୪/୦୭(ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୪୫ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୪୧୯୬ ହୋଇ ଯାଇଛି । ସ୍ୱାସ୍ଥ୍ୟ ଓ ▶▶ପୃଷ୍ଠା ୭

## ନଭେମ୍ବରରେ ଆସିପାରେ ତୃତୀୟ ଲହର !

ଭୁବନେଶ୍ୱର,୦୪/୦୭(ନି.ପ୍ର): ଅଗଷ୍ଟରେ କଟକଣା କୋହଳ ହେବା ଅନୁଚିତ। ତୃତୀୟ ଲହର ନଭେମ୍ବର ସୁଦ୍ଧା ଆସିବା ନେଇ ଆକଳନ କରାଯାଉଥିବାରୁ ନଭେମ୍ବର ପୂର୍ବରୁ ରାଜ୍ୟରେ ସଂପୂର୍ଣ୍ଣ ଟିକାକରଣ କରିବା ପାଇଁ ଡାକ୍ତର ନିରୋଜ ମିଶ୍ର ପରାମର୍ଶ ଦେଇଛନ୍ତି। କାନପୁର ଓ ହାଇଦ୍ରାବାଦ ଆଇଆଇଟିର ଗବେଷକମାନଙ୍କ ଦ୍ୱାରା ପ୍ରସ୍ତୁତ କୋଭିଡ୍-୧୯ର ଗାଣିତିକ ମଡେଲ ଅନୁସାରେ ବଡ଼ ଆକାରରେ ଆସିନପାରେ ତୃତୀୟ ଲହର। କାନପୁର ଆଇଆଇଟି ▶▶ପୃଷ୍ଠା ୭

## ଅସହ୍ୟ ହେଲାଣି ତେଲ ତାତି

### ଆଜି ବି ପୁଣି ମହଙ୍ଗା ହେଲା ପେଟ୍ରୋଲ ଓ ଡିଜେଲ



ନୂଆଦିଲ୍ଲୀ,୦୪/୦୭: ତୈଳ କମ୍ପାନୀମାନେ ପୁଣି ଆଜି ପେଟ୍ରୋଲ ଓ ଡିଜେଲର ଦର ବୃଦ୍ଧି କରିଛନ୍ତି । ତୈଳଦର ବୃଦ୍ଧିକୁ ନେଇ ସାଧାରଣ ଜନତା ମହଙ୍ଗା ମାଡରେ ଶିକାର ହୋଇଥିବା ବେଳେ ପୁଣି ବୋଝ ଲଦିଛନ୍ତି ତୈଳ କମ୍ପାନୀ ମାନେ । ଦିଲ୍ଲୀରେ ପେଟ୍ରୋଲ ଲିଟର ପ୍ରତି ୩୫ ପଇଷା ବୃଦ୍ଧି ପାଇ ଲିଟର ପ୍ରତି ୯୯.୫୧ ଟଙ୍କାରେ ପହଂଚିଛି । ସେହିଭଳି ଡିଜେଲ ଦର ୧୮ ପଇସା ବୃଦ୍ଧି ପାଇ ୮୯.୩୬ ରେ ପହଂଚିଛି । ସେହିଭଳି ଚେନ୍ନାଇରେ ପେଟ୍ରୋଲ ୧୦୦.୪୪ ଟଙ୍କା ପ୍ରତି ଲିଟର ଓ ଡିଜେଲ ପ୍ରତି ଲିଟରର ଦାମ ୯୩.୯୧ ଟଙ୍କା ରହିଛି । ସେହିଭଳି ଦିଲ୍ଲୀ ଓ କୋଲକତାରେ ପେଟ୍ରୋଲ ସେଞ୍ଚୁରୀ ମାରିବା ଅବସ୍ଥାକୁ ଆସି ଯାଇଛି । କୋଲକତାରେ ପେଟ୍ରୋଲ ଲିଟର ୯୯.୪୫ ଟଙ୍କା ରହିଛି ଓ ଡିଜେଲ ୯୨.୨୭ ଟଙ୍କା । ହେଲେ ଦ୍ୱିତୀୟ ମେଟ୍ରୋସିଟି ମୁମ୍ବାଇରେ ପେଟ୍ରୋଲ ୧୦୫.୫୮ ▶▶ପୃଷ୍ଠା ୭

## ପୁଣ୍ୟତିଥିରେ ସ୍ୱାମୀ ବିବେକାନନ୍ଦଙ୍କୁ ମନେ ପକାଇଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର,୦୪/୦୭(ନି.ପ୍ର): ସ୍ୱାମୀ ବିବେକାନନ୍ଦଙ୍କ ପୁଣ୍ୟ ତିଥିରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କୁ ସ୍ମରଣ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ନିଜର ଓଜସ୍ୱୀ ବିଚାର ଜରିଆରେ ସମ୍ପୂର୍ଣ୍ଣ ବିଶ୍ୱକୁ ଭାରତର ଗରିମା, ସମୃଦ୍ଧ ପରମ୍ପରା ଓ ସନାତନ ସଂସ୍କୃତି ସହ ପରିଚୟ କରାଇଥିବା ମହାନ ବିଚାରକ, ଯୁଗ ପ୍ରବର୍ତ୍ତତ ତଥା ଯୁବକ ମାନଙ୍କର ପ୍ରେରଣାର ଉତ୍ସ ସ୍ୱାମୀ ବିବେକାନନ୍ଦଙ୍କ ପୁଣ୍ୟତିଥିରେ ତାଙ୍କୁ ଶତ ଶତ ନମନ । ସ୍ୱାମୀଜୀଙ୍କ ବୈଚାରିକ ମୂଲ୍ୟବୋଧ, ଆଦର୍ଶ, ସର୍ବ ଧର୍ମ ସମଭାବ ଓ ପରସ୍ପର ସହଯୋଗର ଶିକ୍ଷା ବର୍ତମାନ ସମୟରେ ଆଜି ମଧ୍ୟ ପ୍ରାସଙ୍ଗିକ ରହିଛି । ଆଧୁନିକତାକୁ ଆଧ୍ୟାତ୍ମ ସହ ଯୋଡୁଥିବା ତାଙ୍କର ବିଚାର ଆଜି କେବଳ ଭାରତରେ ହିଁ ନୁହେଁ ସମ୍ପୂର୍ଣ୍ଣ ବିଶ୍ୱକୁ ମାର୍ଗ ଦେଖାଉଛି ।

# ରାଜ୍ୟ ପଂଚାୟତିରାଜ, ପାନୀୟଜଳ, ଆଇନ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ



ବାରିପଦା ,୪/୭ (ନି.ପ୍ର): ରାଜ୍ୟ ପଂଚାୟତିରାଜ, ପାନୀୟଜଳ, ଆଇନ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଆଜି ପୂର୍ବାହ୍ନରେ ମୟୂରଭଂଜ ଜିଲ୍ଲା ଗସ୍ତ ଅବସରରେ ମୟୂରଭଂଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅସ୍ୱାନ ସମ୍ମିଳନୀ କକ୍ଷରେ ରାଜ୍ୟ ସ୍ତରରୁ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଭିଡିଓ କନଫରେନ୍ସ ବୈଠକରେ ଯୋଗଦେଇ ଥିଲେ । ଏହି ବୈଠକରେ ବହୁ ଦିନରୁ ଦାବୀ ହୋଇ ଆସୁଥିବା ଉଦଳା ଠାରେ ଏକ ମଲ୍ଟି ପରପଜ ଇନଡୋର ଷ୍ଟାଡିୟମ ପ୍ରତିଷ୍ଠା ପାଇଁ ସିଧାସଳଖ ଭାବେ ଭିଡିଓ କନଫରେନ୍ସରେ ମୟୂରଭ ଜିଲ୍ଲା ଉଦଳା ଅଂଚଳର କିଛି କ୍ରିଡାବିତ, ବୁଦ୍ଧିଜିବୀ ଏବଂ ବରିଷ୍ଠ ସମାଜସେବୀ ମାନେ ବୈଠକରେ ଅଂଶଗ୍ରହଣ କରି ୫ଟି ସଚୀବ ଭି. କାର୍ତ୍ତିକେୟନ ପାଣ୍ଡିଆନଙ୍କ ସହ ଆଲୋଚନା କରିଥିଲେ। ବାରିପଦା ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ପଂଚାୟତିରାଜ, ପାନୀୟଜଳ, ଆଇନ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସହିତ ଉଦଳା ଅଂଚଳର ବହୁ କ୍ରୀଡାବିତ, ବୁଦ୍ଧିଜିବୀ , ସମାଜସେବୀ ତଥା ଯୁବ ସ୍ୱେଚ୍ଛାସେବୀ ମାନଙ୍କ ପକ୍ଷରୁ ଏକ ସ୍ମାରକପତ୍ର ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଅନୁରୋଧ କ୍ରମେ ଉପସ୍ଥିତ ରାଜ୍ୟ ପଂଚାୟତିରାଜ, ପାନୀୟଜଳ, ଆଇନ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଦ୍ୱାରା ଜିଲ୍ଲା ସ୍ତରରୁ ରାଜ୍ୟ ସରକାରଙ୍କ ୫ଟି ସଚିବ ଭି.କେ. ପାଣ୍ଡିୟାନ ଭା.ପ୍ର.ସେ.ଙ୍କ ଜରିଆରେ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶା କୃଷି ଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି ପ୍ରମୁଖଙ୍କ ସମେତ ଜିଲ୍ଲାର ବହୁ ବୁଦ୍ଧିଜିବୀ ଶିକ୍ଷାବିତ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ପଂଚାୟତ ଶିଶୁ ଶୁରକ୍ଷା କମିଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ହରିଚନ୍ଦନପୁର,୪/୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଆୟୋଜନରେ ହରିଚନ୍ଦନପୁର ବ୍ଲକର ସମସ୍ତ ଗ୍ରାମ ପଂଚାୟତର ଶିଶୁ ସୁରକ୍ଷା କମିଟି ସଦସ୍ୟଙ୍କୁ ନେଇ ଶିଶୁଙ୍କୁ ସୁରକ୍ଷା ଦେବା ନିମନ୍ତେ ଭର୍ଚୁଆଲ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଦେବାଙ୍ଗନା ବାରିକ ଓ ଶିଶୁ ସୁରକ୍ଷା ୟୁନିଟର ଝରଣା ଦାସ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ । କରୋନା ମହାମାରୀ ସମୟରେ ଲୋକେ ବିଭିନ୍ନ ସମସ୍ୟା ଭୋଗୁଥିବା ବେଳେ ମାନସିକ ସ୍ତରରେ ଏହାର ପ୍ରଭାବ ଯୋଗୁଁ ବିଭିନ୍ନ ଅସାମାଜିକ କାର୍ଯ୍ୟ ଦେଖାଦେଉଛି । ଯାହା ଦୃଷ୍ଟିରେ ରଖି ବାଲ୍ୟ ବିବାହ, ଶିଶୁ ଶ୍ରମିକ, ଭିନ୍ନକ୍ଷମ, ଶିଶୁ ଚାଲାଣ, ଅନାଥ ଶିଶୁ, କରୋନା ସଂକ୍ରମିତ ଶିଶୁଙ୍କୁ ହିଂସା ଓ ଅବହେଳାରୁ ସୁରକ୍ଷା ଦେବା ପାଇଁ ପଂଚାୟତ ସ୍ତରରେ ଶିଶୁ ସୁରକ୍ଷା କମିଟିର ଦାୟିତ୍ୱ ଓ କାର୍ଯ୍ୟ ବାବାଦାରେ ସୂଚନା ଦେଇଥିଲେ । ଶିଶୁ ସୁରକ୍ଷା, ଶିଶୁ ଅଧିକାର, ଶିଶୁ ସୁରକ୍ଷା ଯୋଜନା, ଦକ୍ଷତା ବିକାଶ ଯୋଜନା, ଅନଲାଇନ ଶିକ୍ଷା ବ୍ୟବସ୍ଥା ସୁରକ୍ଷା, ମହିଳା ଓ କନ୍ୟା ସନ୍ତାନ ସୁରକ୍ଷା, ମାନସିକ ପରାମର୍ଶ ଆଦି ପ୍ରସଙ୍ଗରେ ବିଶଦ ଭାବରେ ଆଲୋଚନା ହୋଇଥିଲା । ପିତୃମାତୃ ହୀନ, ଅଜ୍ଞାତ ବାସ, କରୋନା ସଂକ୍ରମିତ, ନିର୍ଯାତନା, ଯୌନ ନିର୍ଯ୍ୟାତନା ଶିକାର, ଲିଙ୍ଗଗତ ପାର୍ଥକ୍ୟ, ଭେଦଭାବ ଦେଖାଯାଏ ତେବେ ୧୦୯୮ ଓ ୧୦୪କୁ ଘଟଣା ସମ୍ପର୍କରେ ସିଧାସଳଖ ଭାବେ ଜଣାଇ ପାରିବେ । ପଂଚାୟତ ଶିଶୁ ସୁରକ୍ଷା କମିଟିର ପ୍ରମୁଖ ଭୂମିକା ଶିଶୁଙ୍କ ପ୍ରତି ହେଉଥିବା ଅସାମାଜିକ କାର୍ଯ୍ୟକୁ ବନ୍ଦ କରି ଆଶୀର୍ବାଦ ଯୋଜନା, ଜାତୀୟ ଖାଦ୍ୟ ନିରାପତା, ବିଜୁସ୍ୱସ୍ଥ୍ୟ ଯୋଜନା, ଶିକ୍ଷା ସହିତ ସମସ୍ତ ପ୍ରକାର ସରକାରୀ ଯୋଜନା ଉପଲବ୍ଧ କରାଇବା ସହିତ ସଚେତନତା ସୃଷ୍ଟି କରିବା ଏବଂ ପଂଚାୟତ ସ୍ତରରେ ଶିଶୁ ସୁରକ୍ଷା ପାଇଁ ଯୋଜନା ପ୍ରସ୍ତୁତ କରିବା ଆଦି ପ୍ରସଙ୍ଗରେ ପ୍ରଶିକ୍ଷଣ ଦେଇଥିଲେ । ଭର୍ଚୁଆଲ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସିଡିପିଓ ପ୍ରବିଣା ନାଏକ, ସୁପରଭାଇଜର କୁନ୍ତଳା ନାଏକ, ତିଳୋତ୍ତମା ଜେନା, ସରପଂଚ ତେଲେଙ୍ଗା ମାଝି, ସେବତୀ ନାଏକ, ଶିକ୍ଷକ ବିଜୟ କୁମାର ସାହୁ, ଏମବିକେ ତିଳୋତ୍ତମା ମହାନ୍ତ, ଆସପାୟାର ବ୍ଲକ ସଂଯୋଜକ ଗଦାଧର ମହାନ୍ତ, ବିନୋଦ ସାହୁ, ପ୍ରମୋଦ ସାହୁଙ୍କ ସମେତ ବ୍ଲକର ଆଙ୍ଗନୱାଡ଼ି କର୍ମୀ, ଆଶା ଓ ସରପଂଚ ଯୋଗ ଦେଇଥିଲେ ।

## ମହାମାରୀ କରୋନାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

ନୂଆପଡା,୪/୭ (ନି.ପ୍ର): ମହାମାରୀ କରୋନା କଟକଣା ନୂଆପଡା ଜିଲ୍ଲାର ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ ସହ ଦୁର୍ବଳ କରି ପକାଇଛି । ଗତ ୨୦୨୦ ମାର୍ଚ୍ଚ ମାସ ୨୫ ତାରିଖରୁ ମହାମାରୀ କରୋନା ଲକଡାଉନ ପରେ ପରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ସରକାର ଘୋଷଣା କଲେ । ହେଲେ ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ଖୋଲି ପାରିନାହିଁ । କେବେ ଖୋଲିବ ତାହାର ମଧ ସଠିକ ଠିକଣା ନାହିଁ । ଯାହାଫଳରେ ଶିକ୍ଷାନୁଷ୍ଠାନ ବନ୍ଦ ପରେ କୋମଳମତି ଛାତ୍ରଛାତ୍ରୀଙ୍କ ଉପରେ ଏହାର ପ୍ରଭାବ ପଡିଛି । ଫଳରେ ଅନେକ ଛାତ୍ରଛାତ୍ରୀ ମାନସିକ ଦୁଃଚିନ୍ତାରେ ରହିଛନ୍ତି । ଅନ୍ୟପକ୍ଷରେ ସରକାର ଅନଲାଇନ ମାଧ୍ୟମରେ ଶିକ୍ଷାଦାନ ବ୍ୟବସ୍ଥା କରିଥିବା ବେଳେ ଏହି ଶିକ୍ଷାଦାନ ମଧ ସଫଳିଭୂତ ନୁହେଁ ବୋଲି ଅଭିଭାବକ ମାନେ ମତ ପ୍ରକାଶ କରୁଛନ୍ତି । ନୂଆପଡା ଭଳି ଅନୁନ୍ନତ ଜିଲ୍ଲାର ଅନେକ ପରିବାରରେ ଆଣ୍ଡ୍ରଏଡ ମୋବାଇଲ ନଥିବା ଦେଖିବାକୁ ମିଳିଛି । କିଞ୍ଚତ କେତେ ଜଣ ଛାତ୍ରଛାତ୍ରୀ, ଅଭିଭାବକଙ୍କୁ ଛାଡି ଦେଲେ ଅନେକଙ୍କ ପାଖରେ ଏହି ମୋବାଇଲ ନାହିଁ । ଫଳରେ ଜିଲ୍ଲାର ୯୫ ରୁ ଅଧିକ ପ୍ରତିଶତ ପିଲାଙ୍କ ପାଠପଢା ଏକ ପ୍ରକାର ଠପ ହୋଇଯାଇଛି । ଜିଲ୍ଲା ଶିକ୍ଷା ବିଭାଗ ଏଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଥିବା ନେଇ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ୧ କୋଟି ଟଙ୍କାର ଗଞ୍ଜେଇ, ପିସ୍ତଲ ଜବତ : ୨ ଗିରଫ

ଜୟପୁର,୪/୭ (ନି.ପ୍ର): ଜୟପୁର ସଦର ପୋଲିସ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ବେଳେ ଚଢ଼ଉ କରିଛି । ଏହି ମାମଲାରେ ୨ ଜଣଙ୍କୁ ଗରଫ କରିଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ, କୋରାପୁଟ ଜିଲାର ଲମତାପୁଟ ଠାରୁ ଏକ ଟାଟା ପିକଅପ୍ ଭ୍ୟାନ୍ ନଂ ଓଆର-୧୦-ଏ-୯୭୯ରେ ଗଞ୍ଜେଇ ଆଣି ଏମାନେ ଅପେକ୍ଷା କରିଥିଲେ । ଏନେଇ ଜୟପୁର ସଦର ପୋଲିସ ଥାନା ଅଧିକାରୀ ଆଦିତ୍ୟ ମହାକୁଡ ଖବର ପାଇ ବାମୁଣି ଗାଁ ନିକଟରେ ଚଢଉ କରିଥିଲେ । ଚଢ଼ଉ ବେଳେ ସେଠାରୁ ୧୨ କ୍ୱିଂଟାଲ ୪୩ କେଜି ଗଞ୍ଜେଇ ଜବତ ହୋଇଛି । ଯାହାର ଆନୁମାନିକ ମୂଲ୍ୟ ୧ କୋଟି ୨୦ ଲକ୍ଷ ଟଙ୍କା ହେବ । ଅଭିଯୁକ୍ତ ମାନେ ଗଞ୍ଜେଇ ଧରି ଟ୍ରକ୍ କୁ ଅପେକ୍ଷା କରିଥିଲେ । ଗଞ୍ଜେଇ ଟ୍ରକରେ ଲୋଡ ହୋଇ ହରିୟାଣା ଚାଲାଣ ହୋଇଥାନ୍ତା । ୧୦ ଜଣ ଯୁବକ ଏହି କାର୍ଯ୍ୟରେ ଲିପ୍ତ ଥିବା ବେଳେ ପୋଲିସକୁ ଦେଖି ଚମ୍ପଟ ମାରିଥିଲେ । ପୋଲିସ ୨ଜଣଙ୍କୁ ଧରିବାରେ ସଫଳ ହୋଇଥିଲା । ଗିରଫ ଅଭିଯୁକ୍ତ ମାନେ ହେଲେ ନନ୍ଦପୁରର ପ୍ରଦିପ ପ୍ରଧାନ (୨୮) ଓ ଜୟପୁର ଜୟନଗରର ଅଭିନାଶ ମହାରଣା (୨୩) । ଏମାନଙ୍କ ଠାରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଏକ ଟାଟା ପିକଅପ୍ ଗାଡି, ଟିଭିଏସ ଅପାଚି ଓ ୟାମାହା ବାଇକ୍, ପିସ୍ତଲ, ୪ଟି ମୋବାଇଲ ଜବତ କରିଛି । ଏ ସଂକ୍ରାନ୍ତରେ ୧୨୦/୨୧ ରେ ଏକ ମାମଲା ରୁଜୁ କରି ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସଡିପିଓ ଅରୁପ ଅଭିଷେକ ବେହେରା ସୂଚନା ଦେଇଛନ୍ତି । ଜୟପୁର ଜୟନଗର ମହମ୍ମଦ ଇକବାଲ, କଳାଶାହାଣ୍ଡିର ଶିବ ପୁଜାରି ସହ ଜୟପୁର ସହରର ୭ ଜଣ ଚମ୍ପଟ ମାରିଥିବା ବେଳେ ସେମାନଙ୍କୁ ଖୁବ୍ ଶିଘ୍ର ଧରାଯିବ ବୋଲି ପୋଲିସ ସୂଚନା ଦେଇଛି ।

# ନୀଳଗିରି ଜଗନ୍ନାଥ ମନ୍ଦିର ମାମଲା ସୁପ୍ରିମକୋର୍ଟରେ

## ଭକ୍ତଙ୍କ ଭାବାବେଗକୁ ନେଇ ମାମଲା ରୁଜୁ କଲେ ବିଶିଷ୍ଟ ଆଇନଜୀବୀ

ନୀଳଗିରି,୪/୭ (ନି.ପ୍ର): କୋଭିଡ୍ କଟକଣା ପାଇଁ ଚଳିତ ବର୍ଷ ରଥଯାତ୍ରା ପୁରୀ ଛଡ଼ା ଆଉକେହି ସ୍ଥାନରେ ହେବ ନାହିଁ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ । ନିଷ୍ପତ୍ତି ପୂର୍ବରୁ ନୀଳଗିରିରେ ରଥନିର୍ମାଣକୁ ନେଇ ବହୁ ତୁମ୍ବିତୁଫାନ ଉଠିଥିଲା । ପରେ ପ୍ରଶାସନର ଅଚାନକ ଚଢ଼ାଉ ଆଉ ମହାରଣାଙ୍କୁ ଗିରଫ କରିବା ପରେ ଧାର୍ମିକ ଭାବନା କୁଠାରଘାତ ବୋଲି ଅଭିଯୋଗ ନେଇ ଅଞ୍ଚଳରେ ଅସନ୍ତୋଷ ତେଜିବାର ଲାଗିଥିଲା । ପରେ ସରକାରଙ୍କ ନିଷ୍ପତ୍ତି ଓ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ରଥଯାତ୍ରା ଆଶା ମଉଳି ଯାଇଥିଲା । ହେଲେ ଭକ୍ତ ଧାର୍ମିକ ଭାବାବେଗ ନୀଳଗିରି ବାସୀଙ୍କ ଐତିହ୍ୟକୁ ଆଖି ଆଗରେ ରଖି ସୁପ୍ରିମକୋର୍ଟରେ ବରିଷ୍ଠ ଆଇନଜୀବୀ ଡ. ସୁଶାନ୍ତ କୁମାର କାନୁନଗୋ ଙ୍କ ଏକ ମାମଲା ରୁଜୁ ପରେ ପୁଣି ଥରେ ରଥଯାତ୍ରା ଆଶା ସଂଚାର ହୋଇଛି । ତୃତୀୟ ଶ୍ରୀକ୍ଷେତ୍ର ଭାବେ ବାଲେଶ୍ୱର ଜିଲ୍ଲାର ନୀଳଗିରି ପ୍ରସିଦ୍ଧ ଲାଭ କରିଛି । ପୁରୀ ରୀତିନୀତିରେ ପୂଜା ଅର୍ଚ୍ଚନା ହେଉଥିବା ବେଳେ ରଥଯାତ୍ରା ଏଠାରେ ୩ଦିନ ଧରି ଅନୁଷ୍ଠିତ ହୋଇଥାଏ । ଗତବର୍ଷ କୋଭିଡ୍ କଟକଣା ପାଇଁ ରଥ ତିଆରି ହୋଇଥିଲେ ମଧ ରଥଯାତ୍ରା ପାଇଁ ସରକାର ଅନୁମତି ପ୍ରଦାନ କରି ନ ଥିଲେ । ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ କ୍ରମେ ପ୍ରାୟଶ୍ଚିତ ସ୍ୱରୂପ ମନ୍ଦିର ବେଢ଼ାରେ ରଥଯାତ୍ରାର ରୀତିପୂଜା ହୋଇଥିଲା । ଚଳିତବର୍ଷ ସେହିଭଳି ଅନିଶ୍ଚତତା ମଧରେ ରଥଯାତ୍ରା ଥିବା ବେଳେ ରଥ ନିର୍ମାଣକୁ ନେଇ ତୁମ୍ବିତୋଫାନ ଉଠିଥିଲା । ବିଧାୟକଙ୍କ ଚିଠିରେ ରଥଯାତ୍ରା ନ ହେଲେ ରଥ ନିର୍ମାଣକୁ ନେଇ ପ୍ରଶାସନ ସ୍ପଷ୍ଟ ନିର୍ଦ୍ଦେଶ ଦେଉ ବୋଲି ଉଲ୍ଲେଖ କୁ ନେଇ ବିରୋଧ ମଧ କରାଯାଇଥିଲା । ଏପରିକି ରଥ ନିର୍ମାଣ ଚାଲିଥିବା ବେଳେ କୋଭିଡ୍ ନିୟମ ଉଲଂଘନ ନେଇ ମହାରଣା ଗିରଫ ହେବା ପରେ ଘଟଣାକୁ ନେଇ ମନ୍ଦିର ପୂଜକ, ସେବକ ଓ ଠାକୁରମାହାଲ ହେରିଟାରୀ ଟ୍ରଷ୍ଟି ରାଣୀ ମନୋଜା ମଂଜରୀ ଦେବୀ ସାମ୍ବାଦିକ ସମ୍ମିଳନୀ ଜରିଆରେ ଘଟଣାକୁ ନିନ୍ଦା କରିବା ସହ ସରକାର ରଥଯାତ୍ରା ର ପୁନଃ ବିଚାର କରନ୍ତୁ ବୋଲି ଦାବୀ କରିଥିଲେ । ପରେ ମାନ୍ୟବର ହାଇକୋର୍ଟ ପୁରୀ ଛଡ଼ା ଅନ୍ୟ କେଉଁ ସ୍ଥାନରେ ରଥଯାତ୍ରା ହୋଇ ପାରିବ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଦେବା ପରେ ରଥଯାତ୍ରାର ଆଶା ମଉଳି ଯିବା ସହ ଭକ୍ତଙ୍କ ମନରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା । ଶହ ଶହ ବର୍ଷର ଐତିହାସିକ ରଥଯାତ୍ରା ବନ୍ଦ ହେବା ଅଞ୍ଚଳ ପାଇଁ ଶୁଭ ସଂକେତ ନୁହେଁ ବୋଲି କୁହାଯାଇଥିଲା । ତେବେ ଭକ୍ତଙ୍କ ଭାବାବେଗ ପାଇଁ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଡ. ସୁଶାନ୍ତ କୁମାର କାନୁନଗୋ କୋଭିଡ୍ କଟକଣା ଭିତରେ ରଥଯାତ୍ରା ଅନୁଷ୍ଠିତ ନେଇ ଏକ ମାମଲା ଦାଏର କରିଛନ୍ତି । ପୁରୀ ଛଡ଼ା ରଥଯାତ୍ରା ବନ୍ଦ କରିବା, ରଥ ନିର୍ମାଣ ବନ୍ଦ କରିବା ମୌଳିକ ଅଧିକାର କ୍ଷୁର୍ଣ୍ଣ ହେବା, ନୀଳଗିରି ବାସୀଙ୍କର ଐତିହ୍ୟ ବଂଚାଇ ରଖିବା ସହ କୋଭିଡ୍ ଗାଇଡ୍ ଲାଇନ ଭିତରେ ମନ୍ଦିର ପୂଜକ ଓ ସେବକଙ୍କୁ ନେଇ ସ୍ୱଳ୍ପ ଲୋକ ଭିତରେ ରଥଯାତ୍ରା ଅନୁଷ୍ଠିତ ହେବାକୁ ସେ ମାନ୍ୟବର ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରି ଏହି ମାମଲା ରୁଜୁ କରିଛନ୍ତି । ଗତବର୍ଷ ରିଟିନ ପିଟିସନ ନମ୍ବର ୫୭୧/୨୦୨୦ ଆଧାରରେ ଚଳିତ ବର୍ଷ ଆଇ.ଏ. ନମ୍ବର ୭୩୩୧୬/୨୦୨୧ ମାମଲା ମାନ୍ୟବର ସୁପ୍ରିମକୋଟରେ ଦାୟର ହୋଇଥିବା ଜଣାପଡ଼ିଛି । ନୀଳଗିରି ରଥଯାତ୍ରା ପାରମ୍ପରିକ ଭାବେ ହେଉଥିବାରୁ ନୀଳଗିରି ଜଗନ୍ନାଥ ପ୍ରେମୀମାନଙ୍କ ତରଫରୁ ବରିଷ୍ଠ ଆଇନଜୀବୀଙ୍କର ଏଭଳି ପ୍ରୟାସକୁ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି । ତେବେ ମାନ୍ୟବର ସୁପ୍ରିମକୋର୍ଟ ରାୟକୁ ଜଗନ୍ନାଥ ପ୍ରେମୀ ଚାତକ ପରି ଅନାଇ ରହିଥିବା ଜଣାପଡ଼ିଛି ।

# ଲୋକେଶ୍ୱରୀ ମନ୍ଦିରରେ ଚୋରି : ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟିନେଲେ

ଜୟପୁର,୪/୭ (ନି.ପ୍ର): ଜୟପୁର ବ୍ୟାଙ୍କ କୋଲନି ଠାରେ ଥିବା ଲୋକେଶ୍ୱରୀ ମନ୍ଦିରରରେ ଚୋରି ହୋଇଛି । ଶନିବାର ସକାଳୁ ପୁଜକ ବାଲାଜି ମିଶ୍ର ମନ୍ଦିରକୁ ଯାଇ କବାଟ ଖୋଲିବା ସମୟରେ ଗର୍ଭଗୃହ ଭିତରେ ଦୁର୍ବୃତ ମାନେ ପଶି ଲକରକୁ ଭାଙ୍ଗି ମାଆଙ୍କର ରୁପା ମୁକୁଟ, କମରପଟି, ତ୍ରିଶୁଳ, ଅଳଙ୍କାର ଭଳି ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟି ନେଇଥିବା ଜାଣିବାକୁ ପାଇଥିଲେ । ଶୁକ୍ରବାର ବିଳମ୍ବିତ ରାତ୍ରରେ ଦୁର୍ବୃତ ମାନେ ଏପରି କାଣ୍ଡ ଘଟାଇଥିବା ଜଣାଯାଇଛି । ଏନେଇ ପୂଜକ ମନ୍ଦିର କମିଟିର ସଦସ୍ୟଙ୍କୁ ଜଣାଇବାରୁ ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଅଭିଯୋଗକୁ ଭିତି କରି ପୋଲିସ ଏ ସଂକ୍ରାନ୍ତରେ ୧୫୬/୨୧ ରେ ଏକ ମାମଲା ରୁଜୁ କରିଥିବା ବେଳେ ଘଟଣାସ୍ଥଳରେ ସାଇଂଟିଫିକ ଟିମ୍, ସନ୍ଧାନି କୁକୁର ଓ ଟାଉନ ପୋଲିସ ତଦନ୍ତ କରି ଫେରିଥିବା ଏସଡିପିଓ ଅରୁପ ଅଭିଷେକ ହେହେରା ସୂଚନା ଦେଇଛନ୍ତି । ଏହି ମନ୍ଦିରରେ ଏପରି ୩ ଥର ଚୋରି ହେଲାଣି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି ।

## ପତ୍ନୀ ଓ ଝିଅକୁ ହାଣି ସ୍ୱାମୀର ଆତ୍ମହତ୍ୟା

ଜଗତସିଂହପୁର,୪/୭ (ନି.ପ୍ର): ଜଗତସିଂହପୁରରେ ପତ୍ନୀ ଓ ଝିଅକୁ ହାଣି ସ୍ୱାମୀର ଆତ୍ମହତ୍ୟା ଘଟଣାରେ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତରିତ ହୋଇଥିବା ସ୍ତ୍ରୀର ମୃତ୍ୟୁ ଘଟିଛି । ଏହା ପୂର୍ବରୁ ଆଜି ସକାଳେ ଜଗତସିଂହପୁର ମେଡ଼ିକାଲରେ ଚିକିତ୍ସାଧିନ ଅବସ୍ଥାରେ ଝିଅର ମୃତ୍ୟୁ ଘଟିଛି । ଅନ୍ୟପକ୍ଷରେ ଘର ଭିତରୁ ମୃତ ମହିଳାଙ୍କ ସ୍ୱାମୀର ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୋଲିସ । ଜଗତସିଂହପୁର ଜିଲ୍ଲା ସଦର ଥାନା ଅନ୍ତର୍ଗତ ଜୋତଚାନ୍ଦପାଟଣା ଗ୍ରାମରେ ଘଟିଯାଇଛି ଏଭଳି ଏକ ହତ୍ୟାକାଣ୍ଡ ।

# କନ୍ଧମାଳ ଜିଲ୍ଲା ଖଜୁରିପଡା ଅଂଚଳର ବିଦେଶୀ ମଦ ଦୋକାନରେ ଚୋରୀ

କନ୍ଧମାଳ,୪/୭ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରିପଡା ଥାନା ଅଂଚଳରେ ଥିବା ବିଦେଶୀ ମଦ ଦୋକାନରୁ ଶୁକ୍ରବାର ପ୍ରାୟ ୧୧ ଟା ରାତିରେ ତାଲା ଭଙ୍ଗି ଦୋକାନରୁ ନାମୀ ଦାମୀ ବ୍ରାଣ୍ଡର ବିଦେଶୀ ମଦ ଚୋରୀ ହୋଇଥିବା ନେଇ ଦୋକାନର ମାଲିକ ଖଜୁରିପଡା ଥାନାରେ ଏକ ଅଭିଯୋଗ କରିଥିବା ଜଣାପଡିଛି । ସୂଚନା ଅନୁସାରେ ଖଜୁରିପଡା ରେ ଥିବା ବିଦେଶୀ ମଦ ଦୋକାନରୁ ଦୁଇଦୁଇ ଥର ଚୋରୀ ହୋଇଥିବା ନେଇ ଅଭିଯୋଗ ହୋଇଛି । ରାତିରେ ସେହି ଅଂଚଳରେ ଥିବା ମଦଦୋକାନ ଅଂଚଳଟି ଶୁନସାନ ହୋଇଯାଉଛି । ଏବଂ ସେହି ଅଂଚଳରେ ପୋଲିସ ପାଟ୍ରୋଲିଙ୍ଗ ମଧ୍ୟ ହେଉ ନଥିବାରୁ ଏହିଭଳି ଚୋରୀ ହେଉଥିବା ନେଇ ଅଭିଯୋଗ ହୋଇଛି । ଗତ ରାତିରେ ଦୋକାନରୁ ପ୍ରାୟ ୭୦ ହଜାର ଟଙ୍କାର ନାମୀଦାମୀ ବିଦେଶୀ ମଦ ଚୋରୀ ହୋଇଥିବା ନେଇ ଦୋକାନ ମାଲିକ ଉପେନ୍ଦ୍ର କୁମାର ପଣ୍ଡା ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ଖଜୁରିପଡା ଥାନା ପୋଲିସ ଏକ ମାମଲା ୭୫/୨୧ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଟିକା ନେବାକୁ ନାହିଁ ନଥିବା ଭିଡ଼ : ତହସିଲଦାର, ବିଡିଓ ଓ ପୋଲିସର ହସ୍ତକ୍ଷେପ ପରେ ସ୍ଥିତି ନିୟନ୍ତ୍ରଣାଧିନ

କଣାସ,୪/୭ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକର ଓହ୍ଲାଣ ଗ୍ରାମେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ, ଜଙ୍ଘାର ୟୁ.ପି. ସ୍କୁଲ, ଗୋପିନାଥ ବିଦ୍ୟାପୀଠ ଗଡିଶାଗୋଦା, ମହନ୍ତ ବନମାଳି ଦାସ ବାଳିକା ଉଚ୍ଚ ବିଦ୍ୟାଳୟ, କଣାସ ଟିକା ଦାନ କେନ୍ଦ୍ରରେ ଆଜି ୧୮ବର୍ଷରୁ ୪୪ବର୍ଷ ପର୍ଯ୍ୟନ୍ତ ଲୋକମାନଙ୍କୁ ସକାଳ ୯ଟା ରୁ ମଧାହ୍ନ ୧ଟା ପର୍ଯ୍ୟନ୍ତ ଟିକାଦାନର ବ୍ୟବସ୍ଥା କରାଯାଇଥିଲା । ଯେଉଁମାନେ ଟୀକା ନେବେ ଗତକାଲି ଠାରୁ ଅନ୍‌ଲାଇନ୍ ରେ ବୁକ୍ କରିଥିବାରୁ ଟିକା ନେବାରେ କୌଣସି ଅସୁବିଧା ହୋଇ ନ ଥିବା ଦେଖିବାକୁ ମିଳିଥିଲା । ସେହିପରି ଉକ୍ତ କେନ୍ଦ୍ରମାନଙ୍କରେ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ୪୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଟିକା ଦେବାର ବ୍ୟବସ୍ଥା କରାଯାଇଥିଲା । ଅନ୍ ଲାଇନ୍ ବୁକ୍ ବ୍ୟବସ୍ଥା କରାଯାଇ ନ ଥିବାରୁ ପ୍ରତି କେନ୍ଦ୍ରରେ ୨୫୦ ଜଣ ଟିକା ନେବାର ବ୍ୟବସ୍ଥା ଥିବା ବେଳେ ପ୍ରତି କେନ୍ଦ୍ରରେ ୧ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଜମା ହେବାରୁ ଅନେକ ସ୍ଥାନରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା । ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣାମ, କଣାସ ଥାନା ଆଇ.ଆଇ.ସି ତପନ ରାଉତ, ଗଡିଶାଗୋଦା ଥାନା ଆଇ.ଆଇ.ସି ନାରାୟଣ ଚନ୍ଦ୍ର ଲେଙ୍କା ଏବଂ ପୋଲସ୍ ଫୋର୍ସ ଘଟଣାସ୍ଥଳରେ ପହଂଚି ଏଥିରେ ହସ୍ତକ୍ଷେପ କରିବା ଫଳରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା । ତେବେ ଘଟଣା ପରେ ସାଧାରଣରେ ସଂକ୍ରମଣର ଆଶଙ୍କା ପ୍ରକାଶ ପାଇଛି ।

# ପ୍ରାକୃତିକ ବିପର୍ଯ୍ୟୟରେ ବାରମ୍ବାର କ୍ଷତି ସତ୍ତ୍ୱେ ହାରିନାହାନ୍ତି ଯୁବଚାଷୀ ସୁରେଶ

ଧର୍ମଶାଳା,୪/୭ (ନି.ପ୍ର): ପ୍ରାକୃତିକ ବିପର୍ଯ୍ୟୟରେ ବାରମ୍ବାର କ୍ଷତି ସହିବା ସତ୍ତ୍ୱେ ହାରିନାହାଁନ୍ତି ଯୁବଚାଷୀ ସୁରେଶ ଜେନା । ବନ୍ୟା, ବାତ୍ୟା ପରି ଦୁର୍ବିପାକକୁ ସାମ୍ନା କରି ଆଗକୁ ବଢିଛନ୍ତି । ନିକଟରେ କରୋନା ମହାମାରୀ ସାଙ୍ଗକୁ ପ୍ରଳୟଙ୍କରୀ ବନ୍ୟା ଓ ତା'ସହିତ କ୍ରମାଗତ ଲଘୁଚାପଜନିତ ଲଗାଣ ବର୍ଷା । କ୍ଷତି ପରେ କ୍ଷତି । ଛାତିକୁ ପଥର କରି ଦେହର ଝାଳକୁ ମୁଣ୍ଡରେ ମାରି ନିଜ ଲକ୍ଷ୍ୟପଥରେ ଅଗ୍ରସର ହେଉଛନ୍ତି । ଅଂଟା ସଳଖି ଠିଆ ହେବା ପାଇଁ ଉଦ୍ୟମ କରୁଛନ୍ତି । ପୁଣି କୃଷିକ୍ଷେତ୍ରରେ ମନୋନିବେଶ କରି ସେ ଆଜି ରୋଜଗାରକ୍ଷମ । ନିଜେ ସ୍ୱାବଲମ୍ବୀ ହେବା ସହିତ ୧୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ସୁରେଶ । ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର ପଂଚାୟତ ସାଲେପୁର ଗ୍ରାମର ଅନିରୁଦ୍ଧ ଜେନାଙ୍କ ପୁଅ ହେଉଛନ୍ତି ସୁରେଶ । ୨୯ବର୍ଷୀୟ ସୁରେଶ ମ୍ୟାଟ୍ରିକ୍ ପାସ୍ କରିବାପରେ ଅଧିକ ପଢିବା ପାଇଁ ଇଛା ରଖିଥିଲେ । ହେଲେ ପରିବାରର ଆର୍ଥିକ ସମସ୍ୟା ତାଙ୍କୁ କଲେଜ୍ ପାଠ ପଢିବାର ସୁଯୋଗ ଦେଇ ନଥିଲା । ପରିବାରର ଆର୍ଥିକ ସମସ୍ୟା ଦୂର କରିବା ପାଇଁ ବାପା ଭାଇଙ୍କ ସହିତ କୃଷି କାର୍ଯ୍ୟରେ ଲାଗିଗଲେ । ଅର୍ଥାଭାବ ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଲା । ନିଜର କିଛି ଚାଷ ଜମି ସହିତ ଗାଁ କିଛି ଲୋକଙ୍କ ଜିମିକୁ ଭାଗ ବଖରା କରି ଚାଷ କଲେ । କେତେ ବେଳେ ଲାଭ ତ' କେତେ ବେଳେ କ୍ଷତିରେ ଚାଲିଲା ଚାଷ । ତେବେ ହାର ମାନିବାର ଯୁବକ ନଥିଲେ ସୁରେଶ । ଧାନ ଚାଷପରେ ନିଜ ବାଡିରେ ପନିପରିବା ଚାଷ କରିବାକୁ ମନ ବଳାଇଲେ । ଏଥିପାଇଁ ଆବଶ୍ୟକୀୟ ଉନ୍ନତମାନର ଚାରା ପାଇଁ ଦୂରଦୂରାନ୍ତ ଯିବାକୁ ପଡିଲା । ସେଠାକୁ ବାରମ୍ବାର ଯିବାକୁ ପଡୁଥିଲା । ସେହିପରି ସ୍ଥାନୀୟ ଅଂଚଳର ବହୁ ଚାଷୀ ମଧ୍ୟ ଚାରା ନିମନ୍ତେ ଦୂରସ୍ଥାନକୁ ଯାଇ ସମୟ ନଷ୍ଟ କରିବା ସହିତ ଅଯଥା ଖର୍ଚ୍ଚାନ୍ତ ହେବା ତାଙ୍କୁ ବ୍ୟଥିତ କରିଥିଲା । ୨୦୧୪ରେ ସେ ପନିପରିବା ଚାଷ ନିମନ୍ତେ ଚାରାପ୍ରସ୍ତୁତି ପାଇଁ ଲାଗିପଡିଲେ । ଭଲ ଅମଳକ୍ଷମ ପନିପରିବା ଚାରା କୃଷକମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ଯୋଗାଇ ଦେବା ପାଇଁ ଚେଷ୍ଟା କଲେ । ଚାରା ପ୍ରସ୍ତୁତି ସଂପର୍କିତ ବିଭିନ୍ନ ପୁସ୍ତିକା ପଢି ଏହାକ କାମରେ ଲଗାଇଲେ । ଏପଟେ ଚାରା ପ୍ରସ୍ତୁତି ନିମନ୍ତେ ଆବଶ୍ୟକୀୟ ଭଲ ଉର୍ବର ଜମି ତାଙ୍କର ନଥିଲା । ନିଜ ଗାଁ ନିକଟରେ ଲିଜ୍ ସୁତ୍ରରେ ଜମି ନେଇ ବେଡ୍ ପ୍ରସ୍ତୁତ କରିବା ସହିତ ବିଭିନ୍ନ ପନିପରିବା ଚାରା ପ୍ରସ୍ତୁତ କଲେ । ଯାହା ଆଜି ପର୍ଯ୍ୟନ୍ତ ଜାରି ରହିଛି । ଏଥିରେ ତାଙ୍କୁ ଦୁଇ ବଡ ଭାଇ ରମେଶ ଓ ଆଶିଷ ସାହାଯ୍ୟ କରୁଛନ୍ତି । ଏବେ ସ୍ଥାନୀୟ ଅଂଚଳର ଚାଷୀମାନେ ପୂର୍ବପରି ଆଉ ଦୂରଦୂରାନ୍ତକୁ ନଯାଇ ଚାରା ନେବାପାଇଁ ଏଠାରେ ଭିଡ ଜମାଉଛନ୍ତି । ଏଥିସହ ସୁରେଶ ଔଷଧୀୟ ଚାରା, ଫୁଲଚାରା ଓ ଫଳଚାରା ପ୍ରସ୍ତୁତ କରିବା ସହିତ ଏସବୁ ବିକ୍ରି କରି ବେଶ୍ ଲାଭବାନ ହେଉଥିଲେ । ହେଲେ ଏ ବର୍ଷ ସାଥ ଦେଲାନି ଭାଗ୍ୟ । ବର୍ଷ ପ୍ରାରମ୍ଭରୁ କରୋନା ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ କଟକଣା ଭୟରେ କେହି ଆସିଲେନି । ୧୫୮ ବେଡ୍‌ରେ ପସ୍ତୁତ ପନିପରିବା ଚାରା ସ୍ୱଳ୍ପ ପରିମାଣରେ ବିକ୍ରି ହୋଇଥିଲେ ମଧ୍ୟ ବହୁ ପରିମାଣରେ ନଷ୍ଟ ହେଲା । ଏକ ବଡକ୍ଷତିକୁ ସହିଲେ । ତାପରେ ପୁଣି ଚାରା ପସ୍ତୁତି ଆରମ୍ଭ କଲେ । କିଛିଦିନ ପରେ କୃଷକମାନଙ୍କ ପାଇଁ କରୋନା କଟକଣା ସାମାନ୍ୟ କୋହଳ ହେଲା । ହେଲେ ଝଡବତାସ ସାଙ୍ଗକୁ ବାରମ୍ବାର ଲଘୁଚାପ ବର୍ଷା ହେଲା । ପୁଣି ଅଗଷ୍ଟ ମାସରେ ପ୍ରଳୟଙ୍କରୀ ବନ୍ୟା ସାଙ୍ଗକୁ ରମାପୁର ନିକଟରେ କେଲୁଅ ନଦୀବନ୍ଧରେ ସୃଷ୍ଟି ହେଲା ଏକ ବିରାଟ ଘାଇ । ଯାହା ଫଳରେ ୧୭୦ ବେଡ୍‌ରେ ହୋଇଥିବା ପନିପରିବା ଚାରା ଅଂଟାଏ ପାଣିରେ ବହୁଦିନ ପର୍ଯ୍ୟନ୍ତ ବୁଡି ରହିବା ଯୋଗୁ ସଂପୂର୍ଣ୍ଣ ନଷ୍ଟ ହୋଇଗଲା । ଅଶାଥିଲା ସରକାରୀ ସହାୟତା ମିଳିବ ବୋଲି । ହେଲେ ପର ଜମିକୁ ଲିଜ୍ ସୁତ୍ରରେ ନେଇଥିବାରୁ ତଦନ୍ତକାରୀ ଅଧିକାରୀମାନେ କିଛି ଦେଖିଲେନି କି ଶୁଣିଲେନି । ଏପଟେ ତାଙ୍କ ଫାର୍ମ୍‌ରେ ନିଯୁକ୍ତି ଦେଇଥିବା କର୍ମଚାରୀଙ୍କୁ ଧାର ଉଦ୍ଧାର କରି ଦରମା ଦେଲେ । ପାଖାପାଖି ଚାରିଲକ୍ଷ ଟଙ୍କାର କ୍ଷତି ସହିଲେ । ଭଙ୍ଗାମନ ଓ ଅସଜଡା କ୍ଷେତକୁ ନେଇ ପୁଣି ପନିପରିବା ଚାରା ପ୍ରସ୍ତୁତି ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଅଂଟା ସଳଖିବାର ନିଶା ନେଇ ଭଲ ଅମଳକ୍ଷମ ଓ ଉନ୍ନତମାନର ଫୁଲକୋବି, ଉଲକୋବି, ବନ୍ଧାକୋବି, ବାଇଗଣ, ଟମାଟୋ, ବିନସ୍, ପୋଇ, ଲଙ୍କା ଓ ବିଭିନ୍ନ କିସମର ଫୁଲଚାରା ପସ୍ତୁତି କରି ସ୍ୱଳ୍ପ ମୂଲ୍ୟରେ କୃଷକମାନଙ୍କୁ ଯୋଗାଉଛନ୍ତି ।

# ସମବାୟ ସମିତିରେ ମହାଦୁର୍ନୀତି : ଖାଇଗଲେ ଗରିବ ଚାଷୀଙ୍କ ୬ ଲକ୍ଷ ଟଙ୍କା

ଖୋର୍ଦ୍ଧା,୪/୭ (ନି.ପ୍ର): ସାରା ରାଜ୍ୟରେ ଚାଷୀମାନଙ୍କ ମଣ୍ଡି ସମସ୍ୟାକୁ ନେଇ ବିରୋଧ ଦଳ ଆନ୍ଦୋଳନ ଜାରି ରଖିଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଅନ୍ତର୍ଗତ ହଳନ୍ଦା ସମବାୟ ସମିତିରେ ଏକ ବଡ଼ ଦୁର୍ନୀତିର ଗୁମର ଫିଟିଛି । ଗୋଟିଏ ପଟେ ଚାଷୀ ମାନଙ୍କୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଥିବା ବେଳେ ଅପରପକ୍ଷରେ ଚାଷୀ ମାନଙ୍କୁ ଲୁଟିବାରେ ଲାଗିଛନ୍ତି ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ସଂସ୍ଥାମାନ । ଅଭିଯୋଗ ମୁତାବକ ହଳନ୍ଦା ସମବାୟ ସମିତି ଅଧୀନରେ ଥିବା ହଳନ୍ଦା, ବଡ଼ସିରେଇପୁର, ଅରଖଡିହ, ବେରୁଆଁବାଡ଼ି, ସାଲୁଣି ଏବଂ କୋଳଥଡିହ ଗ୍ରାମର ପାଖାପାଖି ୩୦ ଜଣ ଚାଷୀ ଗତ ମାର୍ଚ୍ଚ ମାସ ୧୯ ତାରିଖରୁ ସେମାନଙ୍କ ଧାନ ବିକ୍ରି କରିଥିଲେ ସୁଧା ଅଦ୍ୟାବଧି ଧାନ ବିକ୍ରି ଟଙ୍କା ସେମାନେ ପାଇନାହାନ୍ତି । ଚାଷୀମାନଙ୍କ କହିବା କଥା ଯେ, ସେମାନେ ହାରାହାରି ୩୨୨ କ୍ୟୁଇଂଟାଲ ଧାନ ସମବାୟ ସମିତି ଜରିଆରେ ବିକ୍ରି କରିଛନ୍ତି, ଯାହାର ସରକାରୀ ମୂଲ୍ୟ କ୍ୟୁଇଂଟାଲ ପିଛା ୧୮୬୮ ଟଙ୍କା ହିସାବରେ ପାଖାପାଖି ୬ ଲକ୍ଷ ଟଙ୍କା ହେବ । ନିୟମ ମୁତାବକ ଧାନ ବିକ୍ରିର ୪୮ ଘଂଟା ମଧରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ପଇସା ଆସିବା କଥା । କିନ୍ତୁ ଏହା ଭିତରେ ସାଢେ ତିନି ମାସ ବିତିଯାଇଥିଲେ ମଧ ଚାଷୀଙ୍କ ଆକାଉଣ୍ଟରେ ଏପର୍ଯ୍ୟନ୍ତ ପଇସା ଜମା ହୋଇନାହିଁ । ଏ ନେଇ ବାରମ୍ବାର ଚାଷୀମାନେ ହଳନ୍ଦା ସମବାୟ ସମିତି ଡ଼ିଇଓ ବିପ୍ଲବ ବିଶୋଇଙ୍କୁ ପଚାରିଥିଲେ ମଧ ସେ ବାରମ୍ବାର ବିଭିନ୍ନ ବାହାନା ଦେଖାଇ ଦିନ ଗଡ଼ାଇ ଚାଲିଛନ୍ତି । ଅନୁରୂପ ଭାବେ ସମବାୟ ସମିତି ସମ୍ପାଦକ ଜୟନ୍ତ ରଣସିଂହକୁ ପଚାରିବାରୁ ସେ ମଧ କଥାକୁ ଏଡାଇଦେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ତେବେ ସେମାନଙ୍କ ସନ୍ଦେହ ବଢ଼ିବାରୁ ବାଧ ହୋଇ ଗତକାଲି କିଛି ଚାଷୀ ମାନେ ଖୋର୍ଦ୍ଧା ଜିଲ୍ଲା ସମବାୟ ସମିତି ସହ ନିବନ୍ଧକଙ୍କ ନିକଟକୁ ଯାଇ ଏନେଇ ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କୁ ମଧ ଏକ ପତ୍ର ଦେଇ ଉକ୍ତ ଦୁର୍ନୀତିର ତଦନ୍ତ ପାଇଁ ଦାବି କରିଛନ୍ତି । ଆମ ଚିଲିକା ପ୍ରତିନିଧି ଏନେଇ ଜିଲ୍ଲା ସମବାୟ ସମିତି ସହ ନିବନ୍ଧକ ଉମାଶଙ୍କର ଦାସଙ୍କୁ ପଚାରିବାରୁ ଉକ୍ତ ଘଟଣା ସତ୍ୟ ବୋଲି ସେ ସ୍ୱୀକାର କରିବା ସହ ଚାଷୀମାନଙ୍କ ଟୋକନର ଅବଧି ଉକ୍ତ ଦିନ ସରିଯାଇଥିଲେ ସୁଦ୍ଧା ଡ଼ିଇଓ ଜାଣିଶୁଣି ସେମାନଙ୍କ ମିଛ ଆଇ ସ୍କାନ କରି ନକଲି ଭେଣ୍ଡର ସ୍ଲିପ ଦେଇ ଧାନଗୁଡିକୁ ବେଆଇନ ଭାବେ ଅନ୍ୟତ୍ର ବିକ୍ରି କରିଦେଇଥିବାର କହିଛନ୍ତି । ତେବେ ସମବାୟ ସମିତି ସମ୍ପାଦକ ମଧ ଏଥିରେ ସାମିଲ ଅଛନ୍ତି କି ନାହିଁ ପଚାରିବାରୁ ବୁଧବାର ସୁଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ଏକ ନିରପେକ୍ଷ ଯାଂଚ ରିପୋର୍ଟ ପ୍ରସ୍ତୁତ କରାଯିବ ଏବଂ ଯିଏ ଦୋଷୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀ ଦାସ କହିଛନ୍ତି ।




ଦିଲ୍ଲୀପ କୁମାର ସାହୁ


# ଘଟଗାଁରୁ ସାନ ଘାଗରା

ଓଡ଼ିଶାର ଅନ୍ୟତମ ଆଦିବାସୀ ବହୁଳ ଜିଲ୍ଲା କେନ୍ଦୁଝର । ଅପୂର୍ବ ଶୋଭା ସମ୍ପଦରେ ଭରପୁର ଏହି ଜିଲ୍ଲାକୁ ମନଭରି ଦେଖିବା ପାଇଁ ମୋ ପତ୍ନୀଙ୍କ ସହ ଥରେ ମୁଁ କେନ୍ଦୁଝର ଅଭିମୁଖେ ଯାତ୍ରା କରିଥିଲି । ଭୁବନେଶ୍ୱରରୁ କେନ୍ଦୁଝରର ଦୂରତା ପ୍ରାୟ ଦୁଇଶହ ଚାଳିଶ କିଲୋମିଟର। ରାସ୍ତାରେ ଯାଉଯାଉ କେନ୍ଦୁଝର ଜିଲ୍ଲା ଆରମ୍ଭରେ ପଡିଲା ଓଡ଼ିଶାର ଅନ୍ୟତମ ପ୍ରାଚୀନ ଦେବୀ ପୀଠ ଘଟଗାଁ । ଏଠାରେ ପୂଜା ପାଉଥିବା ମାଆ ତାରଣୀଙ୍କ ମହିମା ଜଗତ ବିଦିତ । ମାଆ ଭକ୍ତର ମନ ବାଞ୍ଛା ପୂର୍ଣ୍ଣ କରନ୍ତି ଓ ଦୁଃଖ ଦୁର୍ଦ୍ଦିନରୁ ତାରଣ କରିଥାନ୍ତି । ସେଇଥିପାଇଁ ସେ ତାରିଣୀ ଭାବରେ ଖ୍ୟାତ ।





ଓଡ଼ିଶାର ଅନ୍ୟତମ ଆଦିବାସୀ ବହୁଳ ଜିଲ୍ଲା କେନ୍ଦୁଝର। ଅପୂର୍ବ ଶୋଭା ସମ୍ପଦରେ ଭରପୁର ଏହି ଜିଲ୍ଲାକୁ ମନଭରି ଦେଖିବା ପାଇଁ ମୋ ପତ୍ନୀଙ୍କ ସହ ଥରେ ମୁଁ କେନ୍ଦୁଝର ଅଭିମୁଖେ ଯାତ୍ରା କରିଥିଲି। ଭୁବନେଶ୍ୱରରୁ କେନ୍ଦୁଝରର ଦୂରତା ପ୍ରାୟ ଦୁଇଶହ ଚାଳିଶ କିଲୋମିଟର। ରାସ୍ତାରେ ଯାଉଯାଉ କେନ୍ଦୁଝର ଜିଲ୍ଲା ଆରମ୍ଭରେ ପଡିଲା ଓଡ଼ିଶାର ଅନ୍ୟତମ ପ୍ରାଚୀନ ଦେବୀ ପୀଠ ଘଟଗାଁ। ଏଠାରେ ପୂଜା ପାଉଥିବା ମାଆ ତାରଣୀଙ୍କ ମହିମା ଜଗତ ବିଦିତ। ମାଆ ଭକ୍ତର ମନ ବାଞ୍ଛା ପୂର୍ଣ୍ଣ କରନ୍ତି ଓ ଦୁଃଖ ଦୁର୍ଦ୍ଦିନରୁ ତାରଣ କରିଥାନ୍ତି। ସେଇଥିପାଇଁ ସେ ତାରିଣୀ ଭାବରେ ଖ୍ୟାତ। ସେଠାରେ ଗାଡି ଅଟକାଇ ଆମେ ମାଆଙ୍କୁ ଦର୍ଶନ କଲୁ ଓ ସେହିଠାରେ ମିଳୁଥିବା ସୁସ୍ୱାଦୁ ଅନ୍ନପ୍ରସାଦ ସେବନ କଲୁ।

ମାଆଙ୍କର ଦର୍ଶନ ପାଇଁ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବହାରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥାଏ ଏହି ପୀଠରେ। ମାଆଙ୍କର ପ୍ରିୟ ପ୍ରସାଦ ହେଲା ନଡ଼ିଆ। ମାଆଙ୍କ ଉଦ୍ଦେଶ୍ୟରେ ଯେକୌଣସି ସ୍ଥାନରୁ ନଡ଼ିଆଟିଏ ପଠାଇ ଦେଲେ ବିଭିନ୍ନ ଗାଡି ମଟର ଦ୍ୱାରା ନଡ଼ିଆଟି ମାଆଙ୍କ ପୀଠରେ ପହଂଚିଯାଏ। ତେଣୁ ପ୍ରତିଦିନ ହଜାର ହଜାର ସମ୍ବଖ୍ୟାରେ ନଡ଼ିଆ ଆସିଥାଏ ଏହି ପୀଠକୁ। ସେହି ନଡିଆ ଗୁଡିକୁ ମାଆଙ୍କ ନିକଟରେ ଭଙ୍ଗାଯାଏ ଓ ସୁଲଭ ମୂଲ୍ୟରେ ଲୋକମାନଙ୍କୁ ବିକ୍ରି କରାଯାଇଥାଏ। ସ୍ଥାନୀୟ ଲୋକେ ସେହି ଭୋଗ ନଡ଼ିଆକୁ ନେଇ ବିଭିନ୍ନ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରିଥାନ୍ତି, ଯାହାର ବେଶ୍ ବଜାର ଚାହିଦା ରହିଛି। ତେଣୁ ସେହି ନଡ଼ିଆକୁ ନେଇ ଘଟଗାଁ ପାଖରେ ଗଢି ଉଠିଛି ଅନେକ କୁଟୀର ଶିଳ୍ପ।

ମାଆ ତାରିଣୀଙ୍କ ନଡ଼ିଆରୁ ବହୁଳ ପରିମାଣରେ ତେଲ ବାହାର କରାଯାଇଥାଏ। ସେହିଭଳି ନଡ଼ିଆକୁ କୋରି ସେଥିରୁ ସୁସ୍ୱାଦୁ ମିଷ୍ଟାନ୍ନ ମଧ ପ୍ରସ୍ତୁତ କରାଯାଇଥାଏ। ଛୋଟଛୋଟ ବ୍ୟବସାୟୀମାନେ ନଡ଼ିଆ ତେଲ ଓ ନଡ଼ିଆ କୋରା ଆଦି ସ୍ଥାନୀୟ ହାଟବଜାର, ବସ୍ ଷ୍ଟାଣ୍ଡ ମାନଙ୍କରେ ବିକ୍ରି କରି ଭଲ ରୋଜଗାର କରିଥାନ୍ତି ।

ମାଆ ତାରିଣୀଙ୍କ ଦର୍ଶନ ସାରି ଆମେ ଯାତ୍ରା ଆରମ୍ଭ କଲୁ କେନ୍ଦୁଝରର ଅନନ୍ୟ ପର୍ଯ୍ୟଟନ ସ୍ଥଳୀ ଗୁଣ୍ଡିଚାଘାଗି ଅଭିମୁଖେ। ଘଟଗାଁରୁ ଏହାର ଦୂରତା ମାତ୍ର ଦଶ କିଲୋମିଟର।

ଚନ୍ଦନଗିରି ନାମକ ଅଖ୍ୟାତ ଗିରି କନ୍ଦରରୁ ନିର୍ଗତ ମୂଷଳ ନାମକ ପାହାଡିଝରଣା ଗୁଣ୍ଡିଚାଘାଗି ନିକଟରେ ଏକ ଜଳପ୍ରପାତର ରୂପ ନେଇଛି, ଯାହାକି ସ୍ଥାନର ଶୋଭାକୁ କରିଛି ଖୁବ୍ ଋଦ୍ଧିମନ୍ତପ। ମୂଷଳ ଝରଣା ପ୍ରାୟ ପନ୍ଦର ମିଟର ତଳକୁ ଲମ୍ଫ ପ୍ରଦାନକରି ସୃଷ୍ଟି କରିଛି ଅପୂର୍ବ ଜଳପ୍ରପାତ। ପ୍ରପାତର ଉଚ୍ଚତା ଅଧିକ ନୁହେଁ ସତ ହେଲେ ତାର ଦୈର୍ଘ୍ୟ କିନ୍ତୁ ପ୍ରାୟ ପଚାଶ ମିଟରରୁ ଅଧିକ। ତେଣୁ ଏହାର ଶୋଭା ଖୁବ୍ ଆକର୍ଷଣିୟ। ଗୁଣ୍ଡିଚାଘାଗି ଜଳପ୍ରପାତର ଶୋଭାକୁ ଉଭୟ ତଳୁ ଓ ଉପରୁ ଉପଭୋଗ କରିବାର ସୁବିଧା ରହିଛି। ପ୍ରପାତର ନିମ୍ନ ଭାଗକୁ ଯିବା ନିମନ୍ତେ ପକ୍କା ପାହାଚମାନ କରାଯାଇଛି ତେଣୁ ପର୍ଯ୍ୟଟକମାନେ ଅକ୍ଳେଶରେ ଝରଣାର କୂଳକୁ ଯାଇ ନିମ୍ନ ଭାଗରୁ ଜଳପ୍ରପାତକୁ ନିରିଖି ଦେଖିପାରିବେ ।

ଗୁଣ୍ଡିଚାଘାଗି ଜଳପ୍ରପାତକୁ ଉପରୁ ନିରିକ୍ଷଣ କରିବା ନିମନ୍ତେ ଝରଣାର ଆରପାରିକୁ ଯିବାକୁ ପଡେ। ସେଥିପାଇଁ ଏଠାରେ ଏକ ଝୁଲା ପୋଲ ରହିଛି। ଝୁଲା ପୋଲ ଉପରୁ ମଧ ପ୍ରପାତର ସୌନ୍ଦର୍ଯ୍ୟ ଓ ମୂଷଳ ଝରଣାର ସର୍ପିଳ ଗତିପଥକୁ ଦେଖି ହୁଏ।

ଝରଣାର ଆର କୂଳରେ ପହଞ୍ଚିଲେ ଦେଖିହେବ ମୂଷଳ ଝରଣା, ପାହାଡର ମୁକୁଳା ଛାତିରେ କିପରି ବିଛେଇ ହୋଇପଡିଛି ଓ ନିମ୍ନଗାମି ହୋଇ ପ୍ରପାତର ରୂପ ନେଇଛି।

ଗୁଣ୍ଡିଚାଘାଗିର ଗୁରୁଗର୍ଜନ ବହୁ ଦୂରକୁ ଶୁଣାଯାଏ। ନିକଟରେ ପହଞ୍ଚିଲେ ପ୍ରପାତର କ୍ଷୁଦ୍ର ଜଳକଣା ସବୁ ଦେହରେ ବାଜିଥାଏ ଓ ମନକୁ ଆହ୍ଲାଦିତ କରିଥାଏ।

କେବଳ ଖରାଦିନକୁ ଛାଡି ବର୍ଷର ପ୍ରାୟ ଅନ୍ୟ ସବୁ ସମୟରେ ଏଠାରେ ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳେ।

ଗୁଣ୍ଡିଚାଘାଗିର ସୌନ୍ଦର୍ଯ୍ୟ ଉପଭୋଗ କରି ଆମେ ଯାତ୍ରା କଲୁ କେନ୍ଦୁଝର। ରାସ୍ତାରେ ବଣ ପାହାଡ ଜଙ୍ଗଲ ଓ ଝରଣା ମନ ମୋହି ନେଉଥାଏ। ତେରଗୋଟି ବ୍ଲକକୁ ନେଇ ଗଠିତ କେନ୍ଦୁଝର ଜିଲ୍ଲାର ଲୋକ ସଂଖ୍ୟା ୨୦୧୧ ମସିହା ଜନଗଣନା ଅନୁଯାୟୀ ପ୍ରାୟ ଉଣେଇଶ ଲକ୍ଷ। ଜିଲ୍ଲାରେ ମୋଟ ୪୬ ପ୍ରକାରର ଆଦିବାସୀ ସଂପ୍ରଦାୟ ବାସକରନ୍ତି। ସେମାନଙ୍କ ମଧ୍ୟରୁ ପ୍ରଧାନ ସଂପ୍ରଦାୟ ଗୁଡିକ ହେଲେ ବାଥୁଡି, ଭୂୟାଁ, ଭୂମିଜ, ଗଣ୍ଡ, ହୋ, ଜୁଆଙ୍ଗ, ଖରୱାର, କିସାନ, କୋଲହ, କୋରା, ମୁଣ୍ଡା, ଓରାଓଁ, ସାନ୍ତାଳ, ସାଓରା, ଶବର ସାଉଁତି ଆଦି ଅନ୍ୟତମ । ଆଦିବାସୀ ଗାଁ ଗୁଡିକ ଖୁବ୍ ସୁନ୍ଦର। ସେମାନଙ୍କ ଘର ଗୁଡିକ ଛୋଟ ଓ ନୂଆଣିଆ ହେଲେ ମଧ ଖୁବ୍ ଆକର୍ଷଣୀୟ।

ୟା ଭିତରେ କେତେବେଳେ ଆମେ କେନ୍ଦୁଝର ସହରରେ ପହଞ୍ଚି ସାରିଥାଉ ଜଣାପଡୁନଥାଏ। କେନ୍ଦୁଝର ଜିଲ୍ଲାର ଏକ କୃଷି ଭିତ୍ତିକ କୁଟୀର ଶିଳ୍ପ ହେଲା ବଡି ଶିଳ୍ପ। ବଡି ବିରିରେ ପ୍ରସ୍ତୁତ ଏକ ଖାଦ୍ୟ ସାମଗ୍ରୀ। ଏହାକୁ ପୋଡି କି ଖାଇହେବ, ଅଳ୍ପ ତେଲରେ ଭାଜିକି ବା ତେଲରେ ଛାଣିକି ମଧ ଖିଆ ଯାଇଥାଏ। ବଡି ଚଟଣିର ସ୍ୱାଦ କହିଲେ ନସରେ। ପଖାଳ ଭାତ ସାଙ୍ଗରେ ବଡି ଚଟଣି ଓଡ଼ିଆ ମାନଙ୍କର ପ୍ରିୟ ଖାଦ୍ୟ। ଅନ୍ୟ ପକ୍ଷରେ କେନ୍ଦୁଝର ବଡି ଖୁବ୍ ସୁଆଦିଆ। ସାରା ରାଜ୍ୟରେ ଏହାର ଚାହିଦା ରହିଛି। ଜିଲ୍ଲାର ସ୍ୱୟଂସହାୟକ ଗୋଷ୍ଠୀ ଗୁଡିକ ବହୁଳ ଭାବରେ ବଡି ପ୍ରସ୍ତୁତ କରିଥାନ୍ତି ଓ ଓରମାସ୍ ପକ୍ଷରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆୟୋଜିତ ହେଉଥିବା ପ୍ରଦର୍ଶନୀ ମାନଙ୍କରେ ଏମାନେ ଭାଗନେଇ ଏହି ସୁଆଦିଆ ଖାଦ୍ୟ ସାମଗ୍ରୀର ପ୍ରଚାର ପ୍ରସାର ଦିଗରେ ସହାୟକ ହୋଇଥାନ୍ତି।

କେନ୍ଦୁଝର ବଡି ଅନ୍ୟାନ୍ୟ ଅଞ୍ଚଳ ବଡିଠାରୁ ଖୁବ୍ ସୁଆଦିଆ। ଏହି ବଡି ବିଭିନ୍ନ କିସମର। ଫୁଲବଡି, କଖାରୁ ବଡି, ମଞ୍ଜି ବଡି, ବାଦାମ ବଡି ଇତ୍ୟାଦି। କେନ୍ଦୁଝରକୁ ଆସୁଥିବା ଲୋକମାନେ ଏହି ବଡିକୁ କିଣିବା ପାଇଁ ଖୁବ୍ ଆଗ୍ରହ ପ୍ରକାଶ କରିଥାନ୍ତି। ତେଣୁ ଏବେ କେନ୍ଦୁଝର ମାର୍କେଟଠାରୁ ଆରମ୍ଭ କରି ବଳଦେବଜୀଉଙ୍କ ମନ୍ଦିର ଯିବା ରାସ୍ତାରେ ବଡି ଦୋକାନମାନ ଦେଖିବାକୁ ମିଳୁଛି। ମୋ ପିଲାମାନଙ୍କୁ ବଡି ଖୁବ୍ ଭଲଲାଗେ। ସେମାନେ ସମସ୍ତେ ବାହାରେ ରୁହନ୍ତି। ତେଣୁ ତାଙ୍କ ପାଖକୁ ପଠାଇବା ପାଇଁ ସବୁ ପ୍ରକାର ବଡିରୁ ଆମେ କିଲେ ଦୁଇକିଲେ ଲେଖା କିଣିଲୁ ।

ବଡି ବଜାରରେ ବୁଲୁବୁଲୁ ନଜର ପଡିଲା କେନ୍ଦୁଝର ରାଜ ପ୍ରାସାଦ ଉପରେ। ସ୍ୱାଧୀନତା ପୂର୍ବରୁ କେନ୍ଦୁଝର ଥିଲା ଏକ ଦେଶୀୟ ରାଜ୍ୟ। ଭଞ୍ଜ ବଂଶର ରାଜାମାନେ ଏହାକୁ ଶାସନ କରୁଥିଲେ। ଇଂରେଜମାନେ ଓଡିଶା ଅଧିକାର କଲାପରେ ସେମାନଙ୍କର ପ୍ରତିନିଧି ଭାବରେ ସେହି ରାଜାମାନେ ରାଜ୍ୟ ଶାସନ ଚଳାଉଥିଲେ । ସ୍ୱାଧୀନତା ପରେ କେନ୍ଦୁଝର ଓଡ଼ିଶାର ଏକ ରାଜସ୍ୱ ଜିଲ୍ଲାର ମାନ୍ୟତା ପାଇଲା । କେନ୍ଦୁଝର ରାଜ ବଂଶର ଅନନ୍ୟ କିର୍ତ୍ତୀ ସହରରେ ଥିବା ବଳଦେବଜୀଉ ମନ୍ଦିର। ଏହି ମନ୍ଦିରରେ ପ୍ରଭୁ ବଳଦେବଜୀଉଙ୍କ ସହ ଭାଇ ଜଗନ୍ନାଥ ଓ ଭଉଣୀ ସୁଭଦ୍ରା ମଧ ପୂଜା ପାଆନ୍ତି ।

ରଥଯାତ୍ରା ଏହି ମନ୍ଦିରର ବଡ ପର୍ବ। ଏଠାରେ ଗୋଟିଏ ରଥରେ ତିନି ଠାକୁର ବିଜେ ହୋଇ ମାଉସୀ ଘରକୁ ଯାଇଥାନ୍ତି।

ବଳଦେବ ଜୀଉଙ୍କ ଦର୍ଶନ ସାରି ଆମେ ବାହାରିଲୁ କେନ୍ଦୁଝରର ସବୁଠୁ ବଡ ଆକର୍ଷଣ ସାନ ଘାଗରା ଜଳପ୍ରପାତ ଦେଖିବାପାଇଁ ।

ପ୍ରକୃତିର ଅପୂର୍ବ ବରଦାନ ଏହି ସାନଘାଗରା ଜଳପ୍ରପାତ। ପ୍ରପାତର ଚତୁର୍ପାଶ୍ୱରେ ଥିବା ପାହାଡ ପର୍ବତ ଓ ଘନ ବନରାଜି ସ୍ଥାନର ସୌନ୍ଦର୍ଯ୍ୟକୁ କରିଥାଏ ବେଶ୍ ଋଦ୍ଧିମନ୍ତ। ଏଠାକୁ ଯିଏ ଥରେ ଆସିଛି ସେ ଏହାର ମନୋରମ ଦୃଶ୍ୟ କେବେ ଭୂଲି ପାରିନାହିଁ। ପ୍ରାୟତଃ ଶୀତ ଦିନ ଆସିଲେ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ।







କେନ୍ଦୁଝର ସହର ଠାରୁ ମାତ୍ର ୬ କି.ମି. ଦୂରରେ ଅବସ୍ଥିତ ଏହି ସାନ ଘାଗରା ଜଳପ୍ରପାତ। ସହରଠାରୁ ଜାତୀୟ ରାଜପଥ ୪୯ରେ ଗଲେ ପଡେ ଜୁଡିଆଘାଟି । ସେହି ଘାଟି ଉପରେ ଥିବା ଅଞ୍ଚର ଗ୍ରାମ ନିକଟରେ ରହିଛି ଏହି ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ସ୍ଥାନ। ସାନମାଛକାନ୍ଦଣା ନଦୀର ଜଳ ଏହି ଠାରେ ଏକ ବିଶାଳକାୟ ପ୍ରସ୍ତର ଉପରୁ ଖସି ଆଉଏକ ପଥର ଚଟାଣରେ ପଡୁଛି ଏବଂ ଏହି ଜଳ ତଳକୁ ଦୁଇଟି ପାହାଡ ମଧରେ ବୋହିଯାଇ ଭିନ୍ନ ଏକ ରୋମାଞ୍ଚକର ଦୃଶ୍ୟ ସୃଷ୍ଟି କରୁଛି ଯାହାକି ପର୍ଯ୍ୟଟକଙ୍କୁ ମତୁଆଲା କରିଥାଏ। ଜଳପ୍ରପାତର ଘର ଘର ଶବ୍ଦ ଓ ତଳକୁ ବିଚ୍ଛୁରିତ ହୋଇ ପଡୁଥିବା ଜଳର ମନୋରମ ଦୃଶ୍ୟ ଅତ୍ୟନ୍ତ ରୋମାଞ୍ଚକର।

ସାନ ଘାଗରା ଜଳପ୍ରପାତ ନିକଟରେ ରହିଛି ସୌନ୍ଦର୍ଯ୍ୟଭରା ଏକ ସବୁଜ ଉଦ୍ୟାନ। ଏହି ଉଦ୍ୟାନରେ ପିଲାମାନଙ୍କ ଖେଳବା ପାଇଁ ବ୍ୟବସ୍ଥା ଥିବାବେଳେ ପ୍ରପାତର ଜଳ ନିମ୍ନ ଗାମୀହୋଇ ଯେଉଁ ଝରଣା ସୃଷ୍ଟି କରିଛି ସେଥିରେ ବୋଟିଂର ବ୍ୟବସ୍ଥା ମଧ କରାଯାଇଛି ।

ସାନ ଘାଗରା ଜଳପ୍ରପାତରର ସୌନ୍ଦର୍ଯ୍ୟ ମନଭରି ଉପଭୋଗ କରି ଆମେ ପ୍ରତ୍ୟାବର୍ତ୍ତନ କରିଥିଲୁ ଭୁବନେଶ୍ୱର। ବେଶ୍ ଆନନ୍ଦ ଦାୟକଥିଲା ସେଦିନର ଯାତ୍ରା। ଆପଣ ଯଦି ସୁବିଧା ପାଆନ୍ତି ଥରେ ବୁଲି ଆସନ୍ତୁ କେନ୍ଦୁଝର, ମନଭରି ଉପଭୋଗ କରନ୍ତୁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ସେହି ଜିଲ୍ଲାକୁ ଓ ମା' ତାରିଣୀଙ୍କୁ ଦର୍ଶନ କରି ଆହ୍ଲାଦିତ ହୁଅନ୍ତୁ ।


+ମୋ-୯୮୬୧୧୨୬୧୯୭


# ପିଲାଙ୍କ ସହ ବନ୍ଧୁତା

**ନିଜ ପିଲାର ଉଭୟ ଉତ୍ତମ ଆଚରଣ ଓ ବଦ୍‌ଭ୍ୟାସ ନିମନ୍ତେ ପ୍ରଥମେ ଅଭିଭାବକଙ୍କୁ ଦାୟୀ କରାଯାଇଥାଏ । ଏହା କୌଣସି ଆଶ୍ଚର୍ଯ୍ୟଚକିତ ପ୍ରସଙ୍ଗ ନୁହେଁ । ପିଲାଙ୍କ ବନ୍ଧୁହେବା ସହ ସେମାନଙ୍କୁ ଯଥୋଚିତ ଶିକ୍ଷା ଦେବାରେ ହେଳା କରନ୍ତୁନାହିଁ । ଏହା ଆଦୌ ଭାବନ୍ତୁନାହିଁ ଯେ ଯଥା ସମୟ ଆସିଲେ ପିଲା ସବୁ ଶିଖିଯିବ । ବରଂ ଉଭୟ ବାପା ଓ ମା' ସେମାନଙ୍କ ସହ ବନ୍ଧୁ ଭଳି ଆଚରଣ କରିବା ଉଚିତ ।**






♦ ପିଲା ସ୍କୁଲରୁ ଆସିବା ପରେ ମା'ମାନେ ସପ୍ତାହରେ ୨-୩ ଥର ସେମାନଙ୍କୁ ସପିଂ ମଲ୍ କିମ୍ବା ପରିବା ଦୋକାନ ଆଡେ ନେଇଯିବା ଆବଶ୍ୟକ । ଏପରି କଲେ ସେମାନଙ୍କ ସହ ବିଭିନ୍ନ ପରିବାର ଆବଶ୍ୟକତା ବୁଝିପାରିବେ । ଏହା ସହ ବିଭିନ୍ନ ଜିନିଷ କିଣିବାର ଜିଦ୍‌ରୁ ମଧ ପିଲାର ମନୋଭାବ ପରିବର୍ତ୍ତନ କରିପାରିବେ । ଯଦି କୌଣସି ଖେଳନା କିମ୍ବା ଅନ୍ୟ ଜିନିଷ ସେ କିଣିବାକୁ । ଚାହୁଁଛି, ତେବେ ତାହାର ଆବଶ୍ୟକତା ବୁଝାନ୍ତୁ । ଦେଖିବେ, କିଛି କ୍ଷଣରେ ଆପଣଙ୍କ ପିଲା ବୁଝିଯିବ ।

♦ ରୋଷେଇ ଘରେ କାମ କରୁଥିବାବେଳେ ନିଜ ପିଲାକୁ ବିଭିନ୍ନ ପରିବା ଫ୍ରିଜ୍‌ରୁ ଆଣିବାକୁ ବରାଦ୍ ଦିଅନ୍ତୁ । ଅନ୍ୟ ଏକ କଥା ଧ୍ୟାନରେ ରଖନ୍ତୁ, ଆପଣଙ୍କ ପିଲାର ବୟସ ଅତିକମ୍‌ରେ ୭ବର୍ଷରୁ ଅଧିକ ହୋଇଥିବ । ଅତି କୁନି ପିଲାକୁ ଏସବୁ କାମରେ ଲଗାଇଲେ କୌଣସି ଲାଭ ମିଳେନାହିଁ, ବରଂ ସେମାନଙ୍କ ପ୍ରତି ବିପଦ ସୃଷ୍ଟି କରେ । କେଉଁ ପରିବା ଖାଇଲେ ଶରୀର ଉପରେ କିଭଳି ପ୍ରଭାବ ପକାଇଥାଏ , ତାହା ପିଲାକୁ ବାରମ୍ବାର କହି ଚାଲନ୍ତୁ ।

♦ ପାଠ ପଢ଼ିବାର ଏକ ନିର୍ଦ୍ଦିଷ୍ଟ ସମୟ ଧରି ଆଗକୁ ବଢ଼ାନ୍ତୁ । ନିୟମିତ ୩୦-୪୦ ମିନିଟ୍ ସେ ପଢ଼ିବା ଜରୁରୀ, ଏହି କଥାର ମର୍ମ ଆପଣଙ୍କ ପିଲା ମଧ ବୁଝିବା ଉଚିତ ।

♦ ସବୁ କଥାରେ ବିରକ୍ତ ନ ହୋଇ ବରଂ ଠିକ୍ ଓ ଭୂଲର ତଫାତ୍ ପିଲାକୁ ଜଣାଇଦେବା ଉଚିତ ।



# ହଳଦୀ ଓ କ୍ଷୀର

କ୍ଷୀର ପୃଷ୍ଟିବର୍ଦ୍ଧକ, ହଳଦୀ ବିଜାଣୁ ଓ ଜୀବାଣୁନାଶକ । କ୍ଷୀରରେ ଥିବା ଏକାଧିକ ଗୁଣକାରୀ ତତ୍ତ୍ୱ ଶରୀରର ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ବିଭିନ୍ନ ରୋଗରୁ ରକ୍ଷାକରେ । ସେହିପରି ହଳଦୀ ଦେହକୁ ବିଭିନ୍ନ ସଂକ୍ରମଣ ଓ ଉପସର୍ଗରୁ ରକ୍ଷା କରେ । ସେଥିପାଇଁ ହଳଦୀମିଶା କ୍ଷୀର ଶରୀର ପାଇଁ ଅତ୍ୟନ୍ତ ହିତକାରୀ ବୋଲି ଆୟୁର୍ବେଦରେ କୁହାଯାଇଛି ।

**ବିଧି:**

ଏକ ଇଞ୍ଚ ଆକାରର ଗୋଟିଏ କଞ୍ଚା ଓ ତାଜା ହଳଦୀକୁ ସାମାନ୍ୟ ଛେଚି ଗୋଟିଏ ଗ୍ଲାସ କ୍ଷୀରରେ ପକାନ୍ତୁ । ତାକୁ ଗରମ କରନ୍ତୁ । ଅତିକମ୍‌ରେ ୧୫ ମିନିଟ୍ ଫୁଟିବା ପରେ ତାକୁ ଗରମ କରି ପିଅନ୍ତୁ ।

୧. ହଳଦୀମିଶା କ୍ଷୀର ଆଜ୍‌ମା ଓ ବ୍ରୋଙ୍କାଇଟିସ୍ ରୋଗୀଙ୍କ ପାଇଁ ଅତ୍ୟନ୍ତ ଉପକାରୀ ।

୨. ଏହା ତ୍ୱଚା, ଫୁସ୍‌ଫୁସ୍, ପ୍ରୋଷ୍ଟେଟ ଓ ଅନ୍ତନାଡି କ୍ୟାନସର ପରି ମାରାତ୍ମକ ରୋଗ ହେବାକୁ ଆଶଙ୍କା ହ୍ରାସ କରେ ।

୩. ସର୍ଦ୍ଦି ଓ କାଶରୁ ମୁକ୍ତି ମିଳେ ।

୪. ନିଦ ହେଉ ନଥିଲେ ଅଳ୍ପ ଉଷୁମ ହଳଦୀମିଶା କ୍ଷୀର ପିଅନ୍ତୁ ।

୫. ଗଣ୍ଠିବାତ ଓ ରୁ୍ୟମାଟାଇଡ ରୋଗୀଙ୍କ ପାଇଁ ହଳଦୀମିଶା କ୍ଷୀର ଅତ୍ୟନ୍ତ ଉପକାରୀ ।

୬. ରକ୍ତଶୁଦ୍ଧ କରିବାରେ ସହାୟକ ।

୭. ଯକୃତକୁ ସୁସ୍ଥ ରଖେ ଏବଂ ଏହାର କାର୍ଯ୍ୟକ୍ଷମତା ବୃଦ୍ଧି କରେ ।

୮. ହାଡ ଦୃଢ଼ କରେ ।

୯. ଏକ୍‌ଜିମାରୁ ରକ୍ଷା ପାଇବା ପାଇଁ ପ୍ରତିଦିନ ଗୋଟିଏ କପ୍ ହଳଦୀମିଶା କ୍ଷୀର ପିଇବା ଉଚିତ୍ ।



ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର ୪
୦୫ ଜୁଲାଇ ୨୦୨୧, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅନ୍ଧକାରରେ ଚାଷୀକୂଳ...

ଜୁନ୍ ସରି ଜୁଲାଇ ମାସ ପ୍ରଥମ ସପ୍ତାହ ହେଲାଣି । ମୌସୁମୀ ପ୍ରବାହ ବହୁ ପୂର୍ବରୁ ଆରମ୍ଭ ହୋଇଯିବ ବୋଲି ଆକଳନ କରାଯାଇଥିଲା । ଅନ୍ୟ ବର୍ଷ ଭଳି ଅନିଶ୍ଚିତତା ରହିବ ନାହିଁ, ଚଳିତ ବର୍ଷ କେବଳ ଠିକ୍ ସମୟରେ ନୁହେଁ, ଟିକେ ଆଗରୁ ପ୍ରବାହ ଆରମ୍ଭ ହୋଇଯିବ ବୋଲି ମଧ୍ୟ ପାଣିପାଗ ପୂର୍ବାନୁମାନ କରିଥିଲା । ଏମିତିରେ କେବଳ, ଆଣ୍ଡାମାନ ଛୁଇଁ ସାରିଲାଣି ବୋଲି ସୂଚିତ ହେବା ପରେ ଆଶା ସୃଷ୍ଟି ହୋଇଥିଲା କି ଆମ ରାଜ୍ୟ ସମେତ ବିଭିନ୍ନ ପ୍ରାନ୍ତରରେ ସ୍ୱାଭାବିକଠାରୁ ଅଧିକ ଭଲ ବୃଷ୍ଟିପାତ ହେବ । ଆଶ୍ଚର୍ଯ୍ୟର କଥା, ତଦ୍‌ବିଦ ମହଲର ଗଣିତକୁ ଭୁଲ୍ ପ୍ରମାଣିତ କରିଦେଇ ଏଥର ମୌସୁମୀ ଲୁଚକାଳି ଖେଳ ଆରମ୍ଭ କରିଦେଇଛି । ରଜ ସଂକ୍ରାନ୍ତି ବେଳକୁ ପ୍ରାୟ ପ୍ରତିବର୍ଷ ଝିପିଝିପି ଆରମ୍ଭ ହୋଇ ଧୀରେ ଧୀରେ ବର୍ଷା ହୋଇ ଭୂମିକୁ ତିନ୍ତାଇଥାଏ । ବସୁମତୀ ସ୍ନାନ ପରେ ଦେବସ୍ନାନ ପୂର୍ଣ୍ଣିମା ବେଳକୁ ଭଲ ବର୍ଷା ହୋଇ ଚାଷବାସ ଚାଲିଥାଏ । ପାଣି ପଚପଚ କାଦୁଅରେ ଚାଷୀଭାଇ ଆରମ୍ଭ କରିଥାନ୍ତେ ମଇଦିଆ । ଏବେ ଜୁଲାଇ ପ୍ରଥମ ସପ୍ତାହ ବେଳକୁ ଜମି ଟାଙ୍ଗରା ପଡ଼ିଛି । କଥା ଦେଇ କଥା ରଖିନାହିଁ । ଦୁର୍ବଳ ମୌସୁମୀ ହେତୁ ବର୍ଷା ହୋଇଯାଇଛି ଗାଏବ୍ । ଏବେ କୁହାଗଲାଣି କି, ଜୁଲାଇରେ ଠିକ୍‌ରେ ବର୍ଷା ହେବ ବୋଲି କେହି ନିଶ୍ଚିତ ନୁହଁନ୍ତି । ନିଅଣ୍ଟିଆ ବର୍ଷା ଭିତରେ ଜୁନ୍ ମାସ ସରିଯାଇଥିବା ବେଳେ ଖୁବ୍ ସାମାନ୍ୟ ବୃଷ୍ଟିପାଦ ସମ୍ଭାବନା ଜୁଲାଇ ମାସରେ ହେବାର ସମ୍ଭାବନା ଦେଖିପାରୁଛନ୍ତି ପାଣିପାଗ ବିଜ୍ଞାନୀ । ଦୁଇ ସପ୍ତାହ ଧରି ଆଦୌ ବର୍ଷା ନହେବାରୁ ଚାଷୀମହଲ ଚିନ୍ତାରେ ପଡ଼ିଯାଇଛନ୍ତି ।

ତଥ୍ୟ ଅନୁସାରେ, ରାଜ୍ୟର ଚଉଦ ଜିଲ୍ଲାରେ ଅନାବୃଷ୍ଟିଜନିତ ଜଳାଭାବ ଦେଖାଦେଲାଣି । ୧୫୨ଟି ବ୍ଲକ୍‌ରେ ଜମି ଶୁଖିଲା ପଡ଼ିଛି, କର୍ମ ନେଇ ବାଧକ ସୃଷ୍ଟି କରିଛି ବର୍ଷାଭାବ । ଅଳ୍ପ କେତୋଟି ଜିଲ୍ଲାରେ ଘଡ଼ଘଡ଼ି ଓ ବଜ୍ରପାଦ ହୋଇଛି ସିନା, ଅତି ସାମାନ୍ୟ ଝିପିଝିପି ବର୍ଷାରେ ଯେମିତି ଅଟକି ଯାଇଛି ମୌସୁମୀ । ବର୍ଷାନିର୍ଭର କୃଷିର ସ୍ଥିତି ଏବକୁ ବିଷମ ହୋଇ ରହିଛି । ସମ୍ଭାବ୍ୟ ବୃଷ୍ଟିପାତ ନେଇ ଆକଳନ ଆଧାରରେ ଆଶା କରାଯାଏ, ଜୁଲାଇରେ ହୁଏତ ଭଲ ବର୍ଷା ହେବ । ବାସ୍ତବତାକୁ ଦେଖିଲେ, ବିଶେଷଜ୍ଞମାନଙ୍କର କଥିତ ଆକଳନକୁ ଯେତିକି ବିଶ୍ୱାସ କରିହେଉଛି, ବାସ୍ତବତାକୁ ଦେଖିଲେ ସେତିକି ଅନାସ୍ଥାଭାବ ଜାତ ହେଉଛି । ରାଜ୍ୟର ତିରିଶିଟି ଜିଲ୍ଲା ମଧ୍ୟରୁ ଉତ୍ତର-ଉପକୂଳ ଜିଲ୍ଲାଗୁଡ଼ିକରେ ଚଳିତ ମାସରେ ସ୍ୱାଭାବିକ୍‌ଠାରୁ ବହୁତ ଊଣା ବର୍ଷା ହୋଇପାରେ ବୋଲି କୁହାଯାଉଛି । ସେହିଭଳି ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାରେ ଏ ମାସରେ ବୃଷ୍ଟିପାତ ଆଶାନୁରୂପ ହେବନାହିଁ ବୋଲି କୁହାଗଲାଣି । ଯଦି ଏହି ତଥ୍ୟକୁ ବିଚାରକୁ ନିଆଯାଏ, ତେବେ ବର୍ଷାନିର୍ଭର କୃଷିଜୀବୀମାନଙ୍କର ସ୍ଥିତି କ'ଣ ହେବ, କୁହାଯାଇପାରିବ ନାହିଁ । ଅଞ୍ଚଳୱାରୀ ସମ୍ଭାବ୍ୟ ବୃଷ୍ଟିପାତ ନେଇ ପାଣିପାଗ ବିଭାଗ ଯେଉଁ ଚିତ୍ର ଦେଇଛି, ତାହା ଆମ ରାଜ୍ୟରେ ସନ୍ତୁଳିତ ମୌସୁମୀ ବର୍ଷାର ସମ୍ଭାବନା ନେଇ ଅନିଶ୍ଚିତତାର ସଙ୍କେତ ଦିଏ । ଗତବର୍ଷର ବୃଷ୍ଟିପାତ ରେକର୍ଡ ଦେଖାଗଲେ, ଏବର୍ଷ ସେହି ସମୟର ବୃଷ୍ଟିପାତ ରେକର୍ଡ ନୈରାଶ୍ୟଜନକ ରହିଛି । କଥାରେ ଅଛି: ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ । କେଉଁଥର ମୌସୁମୀ କିଭଳି ଆଚରଣ ଦେଖାଉଛି, ତାହା କାହାରି ହାତରେ ନାହିଁ । ମହାରାଷ୍ଟ୍ରରେ ପ୍ରଥମ ମୌସୁମୀ ବର୍ଷା କିଭଳି ମୁମ୍ବାଇ ସମେତ ସହରଗୁଡ଼ିକରେର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲା, ତାହା ଦେଶ ଦେଖିଛି । କରୋନା ବିରୋଧରେ ସଂଘର୍ଷ ଲାଗିରହିଥିବା ବେଳେ ଅନାବୃଷ୍ଟିଜନିତ ସ୍ଥିତି ସମ୍ଭାଳିବା ନେଇ ଜଟିଳ ସମୟ ଆସିଗଲା ଭଳି ହୋଇଛି । କିଛିଦିନ ତଳେ ଗୋଟିଏ ଦୁଇଟି ବାତ୍ୟା ଓ ତଦ୍‌ଜନିତ ବନ୍ୟା ପାଇଁ ପ୍ରଶାସନକୁ କିଭଳି ଅବସ୍ଥା ସମ୍ଭାଳିବାକୁ ପଡ଼ିଲା, ସମସ୍ତେ ଜାଣନ୍ତି । ବୃଷ୍ଟିହୀନତା ଭଳି ସଙ୍କଟ କୃଷି ଉପରେ ରହିବ ତାତ୍କାଳିକ ଓ ଦୂରଗାମୀ କୁପ୍ରଭାବ । ସେଥିପାଇଁ କୃଷିଜୀବୀମାନଙ୍କୁ ମଧ୍ୟ ପ୍ରସ୍ତୁତ ହୋଇ ରହିବାକୁ ପଡ଼ିପାରେ । ଜଳସେଚିତ ଜମି କଥା ଭିନ୍ନ । ବର୍ଷା ଉପରେ ନିର୍ଭର କରୁଥିବା ଅଣ-ଜଳସେଚିତ ଇଲାକାର ଅବସ୍ଥା ଖୋ ବ୍ୟବସ୍ଥା କରାଯିବା ଉପରେ ବହୁକିଛି ନିର୍ଭର କରୁଛି । କରୋନା ସଙ୍କଟ ପାଇଁ ଅର୍ଥନୀତି ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ କୃଷି ଓ କୃଷକମାନଙ୍କ ଉପରେ ପ୍ରକୃତିର କୋପ କିଭଳି ବୋଝ ଉପରେ ନଳିତା ବିଡ଼ା ସାଜିଛି ତାହା ସମସ୍ତଙ୍କ ପାଇଁ ଉଦ୍‌ବେଗର କାରଣ ହୋଇଛି ।

## କବିତା କୋଣାର୍କ

### ଏକି କଲ ଏକି କଲ !

**ଶ୍ରୀମତୀ ଉତ୍ତରା ନାୟକ**

ମାଆର ବାତ୍ସଲ୍ୟ ମମତା ହଜିଛି
ଆଖିର ଝରୁଛି ଲୁହ
ଅର୍ଦ୍ଧାଙ୍ଗିନୀ ପ୍ରେମ ମାଟିରେ ମିଶିଛି
ପଥର ଛାତିରେ କୋହ ।
ଭଗିନୀ ସେନେହ- ସରିତ ଶୁଖିଛି,
ନିରାଶାର ମରୁବାଲି ।
ଭାଇର ଭରଷା ବିଶ୍ୱାସ କାନ୍ଦୁଛି,
କିମିତି ପାରିବ ଭୁଲି !
ନୀଡ଼ହରା ପକ୍ଷୀ- ଶାବକ କହୁଛି-
"ଉପରକୁ ବାପା ଗଲା"
ନିଷ୍ପାପ ମନର ଅଝଟ ପଣକୁ
ସାଙ୍ଗରେ ସେ ନେଇଗଲା ।
ବାସ ଦେଇଥିବା, ବସା ବାନ୍ଧିଥିବା
ତରୁ ତ ଉପୁଡ଼ି ଗଲା ।
କେଉଁଠି ଥିଲା ସେ ଅକାଳ ସୁନାମୀ
ତା ଦୁନିଆଁ ଧୋଇ ଦେଲା ।
ସଂସାର ଜଞ୍ଜାଳ ଯନ୍ତ୍ରଣା ଝଡ଼ରେ
ଭାଙ୍ଗିଥିଲା କିଛି ଡାଳ
ଆଖିର ପଲକେ ଭୁଷୁଡ଼ି ପଡ଼ିଲା
ଛିଡ଼ିଗଲା ଚେର ମୂଳ ।
ହାୟରେ ଠାକୁର ! ଏହି କି ବିଚାର
ଏକି କଲ ! ଏକି କଲ !
ଗଢ଼ିବା ଭାଙ୍ଗିବା ତୁମ ଧୂଳିଘର
ନିଜ ହାତେ ଭାଙ୍ଗିଦେଲ ???
ବିଶ୍ୱ ବ୍ରହ୍ମାଣ୍ଡର ପିତା, ମାତା ତୁମେ
ବସିଛ ମଉନ ହୋଇ ।
ଧ୍ୱଂସ ହୋଇଯିବ ଏ ସୃଷ୍ଟି ତୁମର,
ଏ ସଂସାର କାହା ପାଇଁ ??

+ ବିଚଣା, କେନ୍ଦ୍ରାପଡ଼ା

## ବନ ମହୋତ୍ସବ



**ବିଶ୍ୱବିଜୟୀ ଦାଶ**



ଜୁଲାଇ ମାସ ର ପ୍ରଥମ ସପ୍ତାହ ଅର୍ଥାତ୍ ଜୁଲାଇ ୧ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ଆରମ୍ଭ ହେଉଛି ବନମହୋତ୍ସବ ସପ୍ତାହ। ୧୯୫୦ ମସିହା ଠାରୁ ପ୍ରତିବର୍ଷ ଜୁଲାଇ ପହିଲା ରୁ ସପ୍ତାହ ବ୍ୟାପୀ 'ବନ ମହୋତ୍ସବ' ପାଳନ ହୋଇ ଆସୁଅଛି। ମାନବ କଲ୍ୟାଣ ବ୍ରତର ଧାରକ ଓ ବାହକ ସ୍ୱରୂପ ଏହି ବନ ମହୋତ୍ସବ ସ୍ୱାଧୀନ ଭାରତରେ ଏକ ଜାତୀୟ ଉତ୍ସବ ରୂପେ ପରିଗଣିତ।

ଶ୍ୟାମଳ ବନଶ୍ରୀରେ ସୁମଣ୍ଡିତା ପ୍ରକୃତିର ପ୍ରିୟ ଭୂମି ଭାରତବର୍ଷ ତା'ର ରମ୍ୟ କୋଳରେ ବହୁ ଜଗତପ୍ରସିଦ୍ଧ ଯୋଗୀ, ଋଷି, ତ୍ୟାଗୀ ଏବଂ ବୀର ସନ୍ତାନମାନଙ୍କୁ ପାଳନ କରି ବିଶ୍ୱବନ୍ଦ୍ୟା ହୋଇପାରିଛି । ଅରଣ୍ୟ ସଭ୍ୟତାର ପ୍ରତିଭୂ ଏହି ସୁମହାନ ଭାରତ ଭୂମିର ଆଧାତ୍ମିକ ଚିନ୍ତା ଅତୀତରେ ସମଗ୍ର ବିଶ୍ୱକୁ ଚମକୃତ କରିଥିଲା । ଆଜି କିନ୍ତୁ କେତେକ ଆଦୈବିକ କାରଣବଶତଃ ବଣ,ଜଙ୍ଗଲ ଛୁଟିଛି ବିଲୁପ୍ତିର ପଥେ । ପ୍ରକୃତିର ସ୍ନିଗ୍ଧ ଶ୍ୟାମଳ ଶୋଭାକୁ ଧ୍ୱସ୍ତବିଧ୍ୱସ୍ତ କରି ଓ ରୁକ୍ଷ କଠୋର. ରସନା ବିସ୍ତୃତ କରି ମରୁ-ଅଜଗର ଜାଗି ଉଠିଛି ସଭ୍ୟତାର ପ୍ରାଣନାଶ କରିବାକୁ । ଜଙ୍ଗଲରୁ ବୃକ୍ଷ କଟା ହେବା ଦ୍ୱାରା ଋତୁ ବିପର୍ଯ୍ୟୟ , ବୃଷ୍ଟିହୀନତା ଆଦି ଦେଖାଦେଉଛି। ପ୍ରକୃତିର ଅମୂଲ୍ୟ ଭୂଷଣ ହରିତ ବୃକ୍ଷରାଜିର ଉପଯୋଗିତାକୁ ଅସ୍ୱୀକାର କରିବା ମାନବ ପକ୍ଷରେ ସହଜ ନୁହେଁ । ଏହି ବୃକ୍ଷ ନିଷ୍ଠୁର ନିଦାଘର ପ୍ରଚଣ୍ଡ ପୀଡ଼ନରୁ ପଶୁ, ପକ୍ଷୀ, ପଥକ ଓ ନିରାଶ୍ରୟ ବ୍ୟକ୍ତିମାନଙ୍କୁ ରକ୍ଷା କରି ସନ୍ତୋଷ ପ୍ରଦାନ କରେ । ଆମର ଦୈନନ୍ଦିନ ପ୍ରୟୋଜନୀୟ ଇନ୍ଧନ, ଗୃହସଜା ଓ ଗୃହ ନିର୍ମାଣର ଉପକରଣ, ପଶୁର ଖାଦ୍ୟ, ନାନା ଜାତିର ସୁମିଷ୍ଟ ଫଳ, ଔଷଧ, ରଙ୍ଗ ଇତ୍ୟାଦି ମିଳିଥାଏ ଅରଣ୍ୟରୁ । ଏହା ବ୍ୟତୀତ କେନ୍ଦୁପତ୍ର, ଲାଖ, ସବାଇଘାସ, ସୁନାରୀଛେଲି, କୋଚିଲାଫଳ, ହରିଡ଼ା, ବାହାଡ଼ା, ମହୁଲ, ବେତ, ଶାଳମଞ୍ଜି ଇତ୍ୟାଦି ମୂଲ୍ୟବାନ ବଣ୍ୟସମ୍ପଦ ରାଷ୍ଟ୍ରର ଏକ ଜାତୀୟ ସମ୍ପଦ।ଅର୍ଥନୈତିକ ଦୃଷ୍ଟିକୋଣରୁ ଅରଣ୍ୟର ମୂଲ୍ୟ ଯଥେଷ୍ଟ ଅଧିକ। ବାୟୁ ପ୍ରବାହକୁ ଏହା କରେ ବିଶୁଦ୍ଧ ଓ ଶୀତଳ । ତା'ର ଶ୍ୟାମଳଶ୍ରୀ ମନୁଷ୍ୟର କାମନାରେ ଦିଏ ମୁକ୍ତି, ପୁଣି ତାକୁ ପ୍ରଦାନ କରେ ସୁଧ ଓ ଶୀତଳ ଛାୟା । ଅରଣ୍ୟ ଦେଶର ଜଳବାୟୁ ଓ ବୃଷ୍ଟିପାତକୁ ନିୟନ୍ତ୍ରଣ କରେ । ପାର୍ବତ୍ୟ ଅଞ୍ଚଳରେ ବଡ଼ ବଡ଼ ବୃକ୍ଷଗୁଡ଼ିକ ମୃଭିକାର ସଂହତି ରକ୍ଷା କରି ଓ ବର୍ଷାର ଜଳୋଚ୍ଛାସକୁ ସଂଯତ କରି ଦେଶକୁ ଭୟଙ୍କର ଜଳପ୍ଳାବନରୁ ରକ୍ଷା କରନ୍ତି । ଜମିର ଉର୍ବରତା ରକ୍ଷା, ଭୂଗର୍ଭର ଜଳ ସ୍ତରକୁ ଅଧିକ ନିମ୍ନଗାମୀ ନ କରିବା ଇତ୍ୟାଦିରେ ବୃକ୍ଷରାଜିର ଅବଦାନ କିଛି ନ୍ୟୁନ ନୁହେଁ । ବାସ୍ତବରେ ବନସ୍ପତିର ଉପଯୋଗିତା ମାନସିକ, ସାଂସ୍କୃତିକ, ଅର୍ଥନୈତିକ ଓ ପ୍ରାକୃତିକ ସକଳ ଦିଗରୁ ମାନବ ପକ୍ଷେ ଅବର୍ଣ୍ଣନୀୟ। ବୃକ୍ଷଛେଦନ ଫଳରେ କେବଳ ପ୍ରକୃତିର ସୁନ୍ଦର ପରିବେଶ କ୍ଷୟ ହେଉନାହିଁ, ତତ୍ ସହିତ ମୃଭିକା କ୍ଷୟ, ବାୟୁ ମଣ୍ଡଳର ଉତ୍ତାପ ବୃଦ୍ଧି, ପାଣିପାଗର ବ୍ୟତିକ୍ରମ, ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପ୍ତ ଇତ୍ୟାଦି ଦୁର୍ଘଟଣାମାନ ଘଟୁଛି । ଏହି ଦୁର୍ବିପାକରୁ ମାନବ ସମାଜକୁ ସୁରକ୍ଷିତ କରିବାର ଲକ୍ଷ୍ୟ ନେଇ ବନ ମହୋତ୍ସବ ସପ୍ତାହ ପାଳନ ହେଉଛି । ଆମ ପୂର୍ବଜମାନେ ବୃକ୍ଷର ଉପାଦେୟତାକୁ ଉପଲବ୍ଧ କରି ବୃକ୍ଷରୋପଣ ଏକ ପୁଣ୍ୟପ୍ରଦ ମହତ କାର୍ଯ୍ୟ ବୋଲି ବିବେଚନା କରିଥିଲେ । ଆଜି ସେହି ସ୍ଲୋଗାନର ପୁନରାବୃତ୍ତି ଘଟିଛି । ବୃକ୍ଷକୁ ଏକ ମହାତ୍ମା ନାମରେ ଆଖ୍ୟାୟିତ କରାଯାଇ ବୃକ୍ଷରୋପଣକୁ ଏକ ଜାତୀୟ କାର୍ଯ୍ୟକ୍ରମର ରୂପ ଦିଆଯାଇଛି । ବର୍ତ୍ତମାନ ଅତ୍ୟଧିକ ବୃକ୍ଷରୋପଣ ଓ ବୃକ୍ଷରୋପଣ କରିବା ପାଇଁ ସଚ୍ଚେତନତା କରିବା ର ଆବଶ୍ୟକତା ରହିଛି। ଯଦି ଆମେ ଏବେଠୁ ସତର୍କ ନ ରହିବା ଆଗାମୀ ଦିନ ରେ ଆମ ଉପରେ କଣ ଯେ ପ୍ରଭାବ ପଡ଼ିବ ତାହା କେହି କହିପାରିବେ।ଆମେ ବଞ୍ଚିବା ପାଇଁ ଅମ୍ଳଜାନ ନିତାନ୍ତ ଆବଶ୍ୟକ, ଅମ୍ଳଜାନ ବିନା କେହି ବଞ୍ଚିପାରିବେ ନାହିଁ,ତାହା ସମସ୍ତେ ଜାଣନ୍ତି। ଗଛ ରୁ ଅଧିକ ମାତ୍ରାରେ ଅମ୍ଳଜାନ ମିଳେ।ପ୍ରତି ବର୍ଷ ବର୍ଷାଋତୁ ର ପ୍ରାରମ୍ଭ ରେ ସରକାରୀ ରାସ୍ତାର ଧାରେ ଧାରେ, ପତିତ ଜମିରେ ଅସଂଖ୍ୟ ଚାରା ଗଛ ରୋପଣ କରାଯାଇଥାଏ। ପଞ୍ଚାୟତଠାରୁ ଆରମ୍ଭ କରି ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ, ପୂର୍ତ୍ତ ବିଭାଗ, ରେଳ ବିଭାଗ ଏବଂ ସରକାରୀ ବେସରକାରୀ ସମସ୍ତ ସାଧାରଣ ଅନୁଷ୍ଠାନ ଏହି ଯୋଜନା ପ୍ରତି କିପରି ସଚେତନ ହେବେ, ସେଥିପ୍ରତି ଯତ୍ନ କରାଯାଉଛି। ସର୍ବାଧିକ ପରିମାଣ ବୃକ୍ଷରୋପଣ କରିବା ଉଦ୍ୟମକୁ ଉତ୍ସାହିତ କରିବା ନିମନ୍ତେ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାର ପୁରସ୍କାର ବ୍ୟବସ୍ଥା କରାଯାଇଛି । ପରିବେଶ ବିଭାଗ ତରଫରୁ 'ପ୍ରକୃତି ମିତ୍ର', 'ପ୍ରକୃତି ବନ୍ଧୁ" ଓ "ବୃକ୍ଷମିତ୍ରା' ନାମରେ ପ୍ରତିବର୍ଷ ପୁରସ୍କାର ପ୍ରଦାନ କରାଯାଉଛି । ସରକାରଙ୍କ ତରଫରୁ ମାଗଣା ଚାରା ବଣ୍ଟନ କରାଯାଉଛି । ସାମାଜିକ ବନୀକରଣ ନାମରେ ସରକାର ଏକ ନୂତନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି ସାତ ଦିନ ବୃକ୍ଷରୋପଣ କରି ରହିଗଲେ ହେବ ନାହିଁ,ଚାରା ଗଛ ରୁ ବଡ଼ ବୃକ୍ଷ ହେବା ପର୍ଯ୍ୟନ୍ତ ଗଛର ଯତ୍ନ ନେବା ଆବଶ୍ୟକ।ତେଣୁ ଏହି ବନମହୋତ୍ସବ ସପ୍ତାହ ପାଳନ ଅବସରରେ ଆସନ୍ତୁ ଶପଥ ନେବା ପ୍ରତ୍ୟେକ ମନୁଷ୍ୟ ଗୋଟିଏ ଗଛ ଲଗାଇବା ଏବଂ ସେହି ଗଛ ର ସମସ୍ତ ଯତ୍ନ ନେଇ ତାକୁ ଏକ ବଡ଼ ବୃକ୍ଷ ରେ ପରିଣତ କରିବା।


+ ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ- ୬୩୭୦୨୦୮୪୨୮

## ସଂକ୍ଷିପ୍ତ ରାମାୟଣ

**ଶଙ୍କର ଚରଣ ରାଉତ**

ଭାଗ-୨୦

ଶ୍ରୀ ଶଙ୍କର ଚରଣ ରାଉତ ଏକାଧାରାରେ ଜଣେ କବି ଓ ଲେଖକ । ଉତ୍କଳ ସମ୍ମିଳନି ଓ ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭ୍ୟ । ଭାଗବତଗୀତାରେ ପତ୍ର ମାଧ୍ୟମରେ ପଢ଼ି ସାର୍ଟିଫିକେଟ୍ ପାଇବାରେ ଯୋଗ୍ୟ ବ୍ୟକ୍ତି । ଧର୍ମ ବିଷୟରେ ସେ ଦଶଖଣ୍ଡ ପୁସ୍ତକ ରଚନା କରି ପରିଚିତ ହୋଇପାରିଛନ୍ତି । ରାମଚରିତ ମାନସ ଓ ଭାଗବତ ପ୍ରବଚନର ସେ ଜଣେ ପ୍ରବକ୍ତା ।
ଏହି ସଂକ୍ଷିପ୍ତ ରାମାୟଣକୁ ସେ ବୃହତ୍ ଆକାରରେ ବହୁ ପୂର୍ବରୁ ଲେଖିଥିଲେ । ଯାହାକି ତତ୍କାଳିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଥିଲା । ବର୍ତ୍ତମାନ ସଂକ୍ଷିପ୍ତ ଆକାରରେ ତାହା ପ୍ରକାଶିତ ହେଉଛି ।



**ସୀତା ହରଣ**

ଲକ୍ଷ୍ମଣ ଯିବାପରେ ରାବଣ ଭିକ୍ଷୁକ ବେଶରେ ଆସି ଭିକ୍ଷା ମାଗିଲା । ସୀତା ଭିକ୍ଷୁକକୁ ଦେଖି ସେ ଜଣେ ମାୟା ଭିକ୍ଷୁକ ବୋଲି ଜାଣି ଅଗ୍ନିକୁ ଡାକି ଅଗ୍ନିରେ ପଶିଲେ ଏବଂ ଅଗ୍ନି ମଧ୍ୟରୁ ଦେବକନ୍ୟା ମାୟାବତୀ ମାୟାସୀତା ରୂପରେ ଆସି ଲକ୍ଷ୍ମଣ କାଟିଥିବା ତିନିଗାର ନିକଟରେ ଠିଆହୋଇ ମାୟା ଭିକ୍ଷୁକକୁ ଭିକ୍ଷା ଦେବାବେଳେ ସେ କ୍ରମେ ପଛକୁ ଘୁଞ୍ଚିଯିବାରୁ ମାୟାସୀତା ଗାରର ଆର ପାରିକୁ ଚାଲି ଯାଇ ପଡିଯିବାରୁ ଭିକ୍ଷୁକଟି ରାବଣ ବେଶ ଧାରଣ କରି ମାୟାସୀତାଙ୍କୁ ନେଇ ତାର ରଥ ଆଡକୁ ଗଲା। ମାୟାସୀତା ବେଦମତୀ ଦେବକନ୍ୟା । ସେ ଭଗବାନଙ୍କୁ ସ୍ୱାମୀ ରୂପରେ ପାଇବା ପାଇଁ ତପସ୍ୟା କରୁଥିଲେ। ରାବଣ ତା ଉପରେ ଅତ୍ୟାଚାର ଆରମ୍ଭ କରିବାରୁ ସେ ଆତ୍ମହତ୍ୟା କଲା। ଆତ୍ମହତ୍ୟା ପୂର୍ବରୁ ସେ ରାବଣକୁ କହିଥିଲା ମୋ ପାଇଁ ତୋର ବିନାଶ ହେବ। ବାଟରେ ଜଟାୟୁ ରାବଣକୁ ଅଟକାଇ ତା ସହିତ ଯୁଦ୍ଧକଲା। ଯୁଦ୍ଧରେ ରାବଣ ଜଟାୟୁର ଦୁଇ ଡେଣାକୁ କାଟି ଦେବାରୁ ସେ ତଳେ ପଡିଗଲା। ରାବଣ ସୀତାଙ୍କୁ ନେଇ ପୁଷ୍ପକ ବିମାନରେ ନିଜଠାରୁ ପୃଥକ ସ୍ଥାନରେ ବସାଇ ବିମାନରେ ନେବାବେଳେ ଋଷ୍ୟଶୃଙ୍ଗ ପର୍ବତରେ ବସିଥିବା ସୁଗ୍ରୀବ ଆଦି ବାନରମାନଙ୍କ ନିକଟରେ ତାଙ୍କର ଅଳଙ୍କାର ଆଦି ଫିଙ୍ଗିଦେଲେ ଏବଂ ରାବଣ ସୀତାଙ୍କୁ ନେଇ ଲଙ୍କାର ଅଶୋକ ବାଟିକାରେ ପହଞ୍ଚିଲା ଏବଂ ବିଭୀଷଣର କନ୍ୟାକୁ ସୀତାଙ୍କୁ ସମର୍ପଣ କରିଦେଲା। ସୀତା ଏକ ବୃକ୍ଷ ମୂଳରେ ବସିଲେ। ତ୍ରିଜଟା ସୀତାଙ୍କୁ ଭଲ ଭାବରେ ରକ୍ଷା କଲା।

ଏଣେ ରାମ ଲକ୍ଷ୍ମଣ ଜଟାୟୁ ପାଖରୁ ସବୁ ଖବର ପାଇ ବହୁତ ଦୂର ଘୁରି ଗୋଟିଏ ଗୋପାଳ ସାହିରେ ପହଞ୍ଚିଲେ । ସେ ବୁଢା ବୁଢୀ ଦୁଇଜଣ ଶ୍ରୀରାମଙ୍କୁ ଦୁଗ୍ଧ ପାନ କରାଇ ଦେଇ ସେମାନଙ୍କୁ ତାଙ୍କର ସନ୍ତାନ ହେବାକୁ କହିଲେ। ଶ୍ରୀରାମ କହିଲେ ତୁମେ ଦୁହେଁ ଦ୍ୱାପର ଯୁଗରେ ମୋର ପାଳିତ ପିତାମାତା ଭାବରେ ଜନ୍ମ ହେବ। ତୁମ ନାମ ହେବ ନନ୍ଦ-ଯଶୋଦା। ମୁଁ ଏବଂ ମୋ ଭାଇ ମଥୁରାରୁ ପଳାଇଯାଇ ତୁମ ଘରେ ରହିବୁ।

**ଶବରୀ କଥା**

ଏହାପରେ ରାମ ମାତଙ୍ଗ ଋଷିଙ୍କ ଶିଷ୍ୟା ଶବରୀ ନିକଟରେ ପହଞ୍ଚିଲେ । ସେ ସବୁବେଳେ ପ୍ରଭୁଙ୍କୁ ଖୋଜୁଥିଲେ ଏବଂ ପ୍ରଭୁଙ୍କୁ ଦେବା ପାଇଁ ଫଳମୂଳ ଆଣି ରଖିଥିଲେ । ସେ ଶ୍ରୀରାମଙ୍କୁ ଦେଖି କଞ୍ଚା ଫଳମୂଳକୁ ଆଗେ ଚାଖି ଅଇଁଠା କରି ରାମଙ୍କୁ ଖାଇବାକୁ ଦେଲା । ଶ୍ରୀରାମ ତାକୁ ମୁକ୍ତି ଦେଲେ । (କ୍ରମଶଃ)

+ ମଣ୍ଡଗାଁ, ବରୁଣସିଂ, ବାଲେଶ୍ୱର


## ମା' ମାନେ କାହିଁକି ଜହ୍ନ ଦେଶକୁ ଯାଆନ୍ତି ?

**ସୁବ୍ରତ କର**



(ମୋର ମା'ଙ୍କୁ ଶ୍ରଦ୍ଧାଞ୍ଜଳି)

ଆମ୍ଭମାନଙ୍କୁ ଜନ୍ମ ଦେବାବେଳେ ସେମାନେ କେତେ କଷ୍ଟ ସହି ଥାଆନ୍ତି, କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଏହାକୁ ଆମେ ଭୁଲିଯାଉଁ । ମା' ଶବ୍ଦଟି ଏତେ ମିଠା ଏତେ ମଧୁର ଏତେ ସହଜ ଯେ ଟିକିଏ କଥାରେ 'ମା' ପାଟିରୁ ବାହାରି ଆସେ । ସେ ସୁଖରେ ହେଉ ବା ଦୁଃଖରେ ହେଉ । ଅଧିକାଂଶ ପିଲାମାନେ ମା'ଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ବଢ଼ିଥାଆନ୍ତି । ମା' ସବୁ ଦୁଃଖ କଷ୍ଟରେ ସାଥୀ ଏବଂ ସାହାରା ଏବଂ ସମସ୍ତେ ପ୍ରାପ୍ତ ବେଶି ସମସ୍ତ ସାନଠାରୁବଡ଼ ହେବା ପର୍ଯ୍ୟନ୍ତ ମା'ଙ୍କ ସହିତ ବିତାଇଥାଆନ୍ତି । ମା'ଙ୍କର ଭଲ ପାଇବା ସମସ୍ତେ ପୁଅ ଝିଅ ପାଇଁ ସମାନ ଥାଏ ଏବଂ ବିଚାରଧାରା ମଧ୍ୟ ସମସ୍ତଙ୍କ ପାଇଁ ସମାନ । ମା'ଙ୍କୁ ହରାଇବା ଯେ କୌଣସି ଧନ ଦଉଲତଠାରୁ ଉର୍ଦ୍ଧ୍ୱରେ ଏବଂ ତା'ର ଭଲ ପାଇବା ବା ପୁଅଝିଅ ପ୍ରତି ସ୍ନେହ ମମତା ସହିତ ତୁଳନା କରିହେବ ନାହିଁ । ମା'ର ସ୍ଥାନ କେହି ପୂରଣ କରି ପାରିବେ ନାହିଁ । ମୋର ମା'ଙ୍କୁ ନେଇ



ଏତେ କିଛି ଲେଖିବାର କାରଣ ହେଲା ଗତ ୫ ଦିନ ହେବ ମୁଁ ମା'ଙ୍କୁ ହରାଇଛି । ବୟସ ୯୧ କିନ୍ତୁ ଶେଷ ପର୍ଯ୍ୟନ୍ତ ସେ ତାଙ୍କର ସ୍ନେହ ମମତାରେ ଭରି ରଖିଥିଲେ । ମା ବଞ୍ଚିଥିଲା ବେଳେ ଏତେ ବୁଝିବା କିନ୍ତୁ ହେଉଥିଲା କିନ୍ତୁ ଏବେ ତାଙ୍କର ସ୍ମୃତି, ଦୁଃଖରେ ହେଉ ବା ସୁଖରେ ହେଉ ପ୍ରତି ମୁହୂର୍ତ୍ତରେ ମନେ ପଡୁଛି ଏବଂ ସମସ୍ତଙ୍କ ସାମନାରେ ନ ହେଲେ ମଧ୍ୟ ପଛରେ କିମ୍ୱା ଶୋଇଥିବା ଅବସ୍ଥାରେ ତକିଆ ଖୋଳକୁ ଓଦା କରାଇ ଦେଉଛି । ହସ, ଖୁସୀ, ଗାଳି ସବୁ ଭିତରେ ମା' ରହିଛି ଏବଂ ରହିବ ମଧ । ମା'ଙ୍କୁ ଅନାଦର କରିବା କଷ୍ଟ ପହଞ୍ଚାଇବା (ହଁ ଥରେ ଥରେ ହୋଇପାରେ) ଠିକ୍ ନୁହଁ ଏବଂ ସାଧାରଣ ଭାବରେ ଏଥିରୁ ବିରତ ରହିବା ନିହାତି ଦରକାର । କାରଣ ମା'ଙ୍କୁ ହରାଇଲେ ପରେ ଆଉ ସେ ଫେରି ଆସିବ ନାହିଁ ବା ଦୁଃଖ ସୁଖରେ ସାଥ ଦେବନିହିଁ । ପ୍ରତି ସମସ୍ୟାର ସମାଧାନ ପାଇଁ ମା' ଏକମାତ୍ର ଯାହା ଉପରେର ନିର୍ଭର କରି ଚଳିପାରିବା । ତାଙ୍କ ପାଖରେ ଯେତେ ଦୋଷ କଲେ ମଧ ସବୁ କ୍ଷମଣୀୟ । ମୁଁ ଜାଣେନାହିଁ ମା'ଙ୍କୁ ହରାଇଥିବାର ଦୁଃଖ ବା କଷ୍ଟ କେତେଦିନ ମୋତେ ଅସ୍ଥିରତାର ଭିତରେର ରଖିବ ? ଏହା ଖାଲି ମୋ ପାଇଁ ନୁହେଁ ଯେଉଁମାନଙ୍କ ମା' ନାହାନ୍ତି ତାଙ୍କ ପାଇଁ ମଧ । ମୋର ଅନୁରୋଧ ମା' ଯଦି ଆପଣଙ୍କ ସାଥିରେ ଅଛନ୍ତି ତାଙ୍କୁ ଯଥେଷ୍ଟ ସ୍ନେହ ମମତା ଦେଇ ସେବା କରି ଭଲରେ ରଖନ୍ତୁ । ମୁଁ ଏବେ ଅନୁଭବ କରୁଛି ଯେଉଁମାନଙ୍କ ଆଖି ଅଛି ସେମାନେ ଅନ୍ଧତ୍ୱ କ'ଣ ବୁଝି ପାରିବେ ନାହିଁ । ମୋର ପୁଣି ଅନୁରୋଧ ମା'ଙ୍କୁ ସମ୍ମାନ ଦିଅନ୍ତୁ ସେବା କରନ୍ତୁ ଏବଂ ଭଲରେ ରଖନ୍ତୁ ।

## କବିତା କୋଣାର୍କ

### ଧରଣୀ ରାଣୀଟି ହସେ...

**ନଗେନ୍ଦ୍ର ନାଥ ପଟ୍ଟନାୟକ**



କୁନିକୁନି ପାଦେ ଥିରିଥିରି ଚାଲେ
ଅଳସୀ ସାଧବ ବୋହୂ
ଘାସଶେଜ ପରେ ଲୋଟିଗଲେ ଥରେ
ଲାଗେ ସତେ ବୁନ୍ଦା ଲହୁ ।
ପହିଲି ଆଶାଢେ ଝରିବର୍ଷା ବେଳେ
ଦେଖାଉ ତୋ ନାଲିମୁହଁ
କୋଉଠୁ ତୋ ଘର କୁଆଡୁ ଆସିଲୁ
ପାଟିଖୋଲି ଟିକେ କହ ।
ସବୁଜିମା ଘାସ ନରମ ଶେଜରେ
ଢଳଢଳ ଚାଲି ତୋର
ନାଲିପାଟ ବେଶେ ତରବର ହୋଇ
ଯାଉଛୁ କି ଶାଶୁଘର ।
ଝିପିଝିପି ବର୍ଷା ଝରିଲେ ଆକାଶୁ
ସୁନ୍ଦର ରୂପ ତୋ ଦିଶେ
ନାଲି ଗୁଲୁଗୁଲୁ ଚାଲିରେ ତୋଅର
ଧରଣୀ ରାଣୀଟି ହସେ ।
କାରର୍ତିକ ମାସ ବୋଇତ ବନ୍ଦାଣ
ସାଧବ ବୋହୂର କଥା
ତୋର ଆଗମନେ ମନେ ପଡିଯାଏ
ନୌ-ବାଣିଜ୍ୟର ପ୍ରଥା ।

+ ୯୯୯-୩, ଜଗମୋହନ ନଗର, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର,
ମୋ-୯୪୩୮୩୩୨୧୩୮

### କାରା ମୁକ୍ତି...

**ସୁଷମାମଞ୍ଜରୀ ମିଶ୍ର**



ରୁଦ୍ଧ କାରା ମଧ୍ୟେ ପହଞ୍ଚେନା
କାହାର ପାଦ ଶବ୍ଦ,
ନା ଆନ୍ତରିକତାର ଇନ୍ଦ୍ର
ନା ଶାନ୍ତିର ଚନ୍ଦ୍ର
ନା ନିର୍ମଳତାର ବରୁଣ
ନା କେଉଁ ମାନବିକତାର କୁବେର,

ସତ୍ୟର ସହସ୍ର ଶବ୍ଦ
ଯେଉଁଠି ବୃହନ୍ନଳା ପାଲଟେ,
ବାକ ସ୍ୱାଧୀନତାକୁ ଯିଏ
ଚାବୁକରେ ପିଟେ,
ଏ କୋଣରୁ ସେ କୋଣ
ପାଦଦ୍ୱୟର ଅସ୍ଥିରତା,
ଭରିବାକୁ ଛୋଟ ଏକ
ଭୋକିଲା ପାକସ୍ଥଳୀ
ଅସହାୟ ଚଞ୍ଚୁର ବିବଶତା ।

ଏ ସେଇ ରୁଦ୍ଧ କାରା,
ଓଃ
ଆଜି କାରା ମୁକ୍ତିର ଶୁଭ ମୁହୂର୍ତ୍ତ,
ମୁକ୍ତି ଡେଣାର ଫୁର ଫୁର ଗତି
ଆଜି ଏକ ମୁହାଁ
ଦୂରରୁ ଦୀପ୍ତିଶିଳ ନୀଳ ପର୍ବତ,
ହାତରେ ସ୍ୱାଗତର ଅର୍ଘ୍ୟଥାଳି
ଯେଉଁଠି ଗଢ଼ା ତା'ର ରକ୍ତ ମାଂସ,
ସେଇ ପାଣି ପବନରେ ମିଶା
କେତେକେତେ ଭାବପ୍ରବଣତା,

ଆଜି ସେ ଅସ୍ଥାୟୀ ସ୍ୱାଧୀନତାର
ସ୍ୱାଦ ଚାଖିବ,
ସହସ୍ର ବୃକ୍ଷରାଜିର ସବୁଜିମାରେ
ନିଜକୁ ହଜାଇବ,
ସମୟକୁ କଥାଦେଇ
ପୁଣି ବାହୁଡ଼ିବ,

ଆରେ ବୋକା ବିହଙ୍ଗ !!
ଏ ତ କିଛି ଦିନର ସୁଖର ବାଣିଜ୍ୟ,
ପୁଣି ସେଇ ରୁଦ୍ଧ କାରା ମଧ୍ୟକୁ
ଓହ୍ଲାଇବାକୁ ହେବ,
ସାଥିରେ ଧୈର୍ଯ୍ୟର ଖୋରାକ,
ବିନା ପ୍ରଭଞ୍ଜନରେ ବି ଦୋଳାୟମାନ
ସମ୍ପର୍କ ସବୁକୁ ସାଉଁଟିବ,
ଯେଉଁଠି ହାଲ୍କା ପବନ ବି ସବୁ
କିଛି ଛିନ୍ନଭିନ୍ନ
କରିଦିଏ
କେମିତି ବା ଅମୃତମୟ ପଞ୍ଚାକ୍ଷର ମନ୍ତ୍ରକୁ
ଆବାହନ କରିବ ।।

+ ଭୁବନେଶ୍ୱର
ମୋ-୮୨୮୦୦୫୮୩୨୯

ଗଳ୍ପମାଳା

ସାପ୍ତାହିକ ଗଳ୍ପ ଫର୍ଦ୍ଦ

୫

ଧ୍ୱନି ପ୍ରତିଧ୍ୱନି


ବାଲେଶ୍ୱର,
୫ ଜୁଲାଇ, ସୋମବାର, ୨୦୨୧

ଆଜିର୍ ଗଳ୍ପ

ପବିତ୍ର କୁମାର ସାହୁ



# ଶ୍ରାବଣୀର ଅଭିମାନ



ସେଦିନ ସମୟ ପାଖାପାଖି ରାତ୍ର ୯ ଘଟିକା ହେବ। ରାସ୍ତାର ଉଭୟପାର୍ଶ୍ୱ ବିଦ୍ୟୁତ୍ ଖୁଣ୍ଟିରେ ଜଳୁଥିବା ବଲବ୍ ଗୁଡିକ ଅକସ୍ମାତ୍ ଯେପରି ଧପ୍ ଧପ୍ ହୋଇ ଲିଭିଯାଉଥାଏ । କ୍ଷଣିକରେ ଭୀମ ଗର୍ଜନ କରି ସମୀର ତା'ର ତାଣ୍ଡବଲୀଳା ରଚି ପ୍ରକୃତିର ବାସ୍ତବଚିତ୍ର ବଦଳାଇ ଦେଲା। ବଡ଼ ବଡ଼ ମହାଦ୍ରୁମ ଗୁଡିକ ପରାଜୟ ବରି ଧରାରେ ଲୋଟିଗଲେ। ନଭମଣ୍ଡଳରେ ଘମାଘୋଟ୍ କାଳିମା ମେଘଖଣ୍ଡ ମଧ୍ୟରେ ସୌଦାମିନୀର ଚକ୍ ମକ୍ ଆଲୋକରେ ସ୍ପଷ୍ଟ ଦିଶି ଯାଉଥାଏ ପ୍ରକୃତିର ଭଗ୍ନ ଅବୟବ ତନୁର ଛାତିଥରା କରୁଣ ଦୃଶ୍ୟ ।

ଜାମିନୀ ଧୀରେ ଧୀରେ ଧରାକୁ ଗ୍ରାସ କଲାଭଳି ମୂଷଳ ବର୍ଷାର ପ୍ରକୋପ ଠିକ୍ ସେହିପରି ବଢ଼ିବାରେ ଲାଗୁଥାଏ । ଠିକ୍ ଏତିକିବେଳେ ହଠାତ୍ ଦୂରରୁ ହର୍ନ ମାରି, ଦୁଇ ହେଡ୍ ଲାଇଟ୍‌ର ଉଜ୍ୱଳ ଆଲୋକ ବିଛେଇ ବସ୍ ଗାଡିଟିଏ ସମୁଦ୍ରର ଜୁଆର ଭଳି ମାଡି ଆସି ବସ୍ ଷ୍ଟାଣ୍ଡରେ ଲାଗିଲା ।

ବସ୍ ଭିତରୁ ଓହ୍ଲାଇ ଆସିଲେ ସରୋଜ ମିଶ୍ର ହାତରେ ଲେଦର ବ୍ୟାଗ୍‌ଟିଏ ଧରି । ଆଉ କାଳବିଳମ୍ୱ ନକରି ସଙ୍ଗେ ସଙ୍ଗେ ଦୌଡ଼ି ଯାଇ ଚଢିଗଲେ ଏକ ଟାଇଲ୍ସ ପଡିଥିବା ମସୃଣ ଚଟାଣ ଉପରକୁ । ଯାହାଥିଲା ଏକ ଯାତ୍ରୀ ବିଶ୍ରାମସ୍ଥଳୀ । ସେତେବେଳକୁ ପିନ୍ଧିଥିବା ଡ୍ରେସ୍ ଠାଏ ଠାଏ ଭିଜି ଯାଇଥାଏ । ତାଙ୍କର ବୟସ ଆନୁମାନିକ ୩୫ ବର୍ଷ ହେବ । ଦେଖିବାକୁ ଗୋରା ତକତକ ସୁନ୍ଦର ମଣିଷଟିଏ । ପୁଣି ଯୌବନର ମଧ୍ୟାହ୍ନରେ। ଚାକଚକ୍ୟ ବେଶଭୂଷା, ଦାମୀ ସୁଟ୍, ସାର୍ଟ ସାଙ୍ଗକୁ ଜ୍ୟାକେଟ୍, ଟାଏ ଓ ପାଦତ୍ରାଣ ଫୁଟା ଯୌବନର ଚିକ୍କଣ ସଫେଦ୍ ଦେହରେ ଭାରି ସାଜୁଛି। ଆଖିର ପାଓ୍ୱାର ଲେନ୍ସ ଓ ହାତର ଘଡି ଉପରେ ତଡିତ୍‌ର ଆଲୋକ ପଡି ଝଲସି ଉଠି କିଛି କ୍ଷଣ ପାଇଁ ଦିବସର ଭ୍ରମ ସୃଷ୍ଟି କରୁଥାଏ ଏବଂ ତାଙ୍କର କମନୀୟ ଲାବଣ୍ୟ ରୂପ ଦାଉ ଦାଉ ଫୁଟି ଦିଶି ଯାଉଥାଏ । ତାଙ୍କୁ ଯିଏ କେହି ଥରେ ଦେଖେ ସେ ଘଡିଏ ଟିମା ଟିମା ଆଖିରେ ଚାହିଁ ରହିଥାଏ । ଆଖିର ପଲକ ପକାଇବାକୁ ଜମାରୁ ଇଛା ହୁଏନାହିଁ। ସତେ ଯେପରି ସ୍ୱୟଂ କାମଦେବଙ୍କର ଅବତାର। ସମ୍ଭ୍ରାନ୍ତ ପରିବାରରେ ଜନ୍ମ ହୋଇ ସୁଦ୍ଧା, ପାଖରେ ବିଳାସ ପୂର୍ଣ୍ଣ ଚାରିଚକିଆ ଯାନ ଥିଲେବି ବସ୍‌ରେ ଯିବାକୁ ସେ ଭାରି ପସନ୍ଦ କରନ୍ତି । ସେ ଭାରି ସରଳ ଓ ଭଦ୍ର ମଣିଷଟିଏ । ଲୋକମାନଙ୍କ ସହ ମିଶିବାକୁ ଭାରି ଭଲପାଆନ୍ତି । ମିଷ୍ଟଭାଷୀ ଓ ଖୋଲା ହୃଦୟର ଶାନ୍ତ ମଣିଷଟିଏ ଭଳି ତାଙ୍କର ଜୀବନ । ନା ଅଛି ମନରେ ଗର୍ବ ଓ ଅଭିମାନ। ଛନ୍ଦ କପଟ ଯେପରି ତାଙ୍କଠାରୁ ମୁହଁ ଫେରାଇ ନେଇଛନ୍ତି । ତାପରେ ବର୍ଷାର ପ୍ରଭାବ ଧୀରେ ଧୀରେ ଫିକା ପଡି ଯାଉଥାଏ । ମୂଷଳର ବର୍ଷା ଏବେ ଝିପ୍ ଝିପ୍‌ରେ ଚାଲିଛି । ବସ୍ ଷ୍ଟାଣ୍ଡରୁ ଘର ପ୍ରାୟ ୫ କି.ମି ହେବ। ଆଉ ବିଳମ୍ୱ ନକରି ସରୋଜ ଏକ ଟ୍ୟାକ୍ସି ଯୋଗେ ଗୃହାଭିମୁଖେ ବାହାରିଲେ ।

ଘରେ ପହଞ୍ଚି ଡାହାଣ ପଟକୁଥିବା କଲିଂବେଲ୍ ସୁଇଚ୍ ଟାକୁ ଦୁଇଥର ଦବେଇ ଦେଲେ। କେହି ନ ଆସିବାରୁ କିଛିକ୍ଷଣ ଅନ୍ତ ପରେ ମଧ୍ୟ ବିରକ୍ତ ନହୋଇ ପୁଣିଥରେ ସେହି ସୁଇଚ୍‌ଟିକୁ ଚିପିଦେଲେ। ବେଲ୍ ବାଜିବା ଶୁଣି ଏଥର କିନ୍ତୁ ଘରର ଚାକରାଣୀ କେଉଁଠି ଥିଲା କେଜାଣି ଧାଇଁ ଆସି କବାଟ ଖୋଲିଲେ । ଚାକରାଣୀକୁ ଦେଖି ସରୋଜ କହିଲେ - ଆଜି ତୁମେ ! ଶ୍ରାବଣୀ କୁଆଡେ ଗଲେ ? ସବୁଦିନେ ତ ମୋ ବାଟକୁ ଚାହିଁ ରହିଥିବା ଶ୍ରାବଣୀ ବେଲ୍ ଶୁଣିବାକ୍ଷଣି ଯେଉଁଠି ଥିଲେବି ଦୌଡ଼ି ଆସି କବାଟ ଖୋଲିଦିଏ । ଆଉ ମୋ ହାତ ଧରି, ପ୍ରଣୟ ପଶରା ମେଲି, ମିଠା ମିଠା କଥାକହି ପାଛୋଟିନିଏ ଘରର ଡାଇନିଂଗ୍ ଟେବୁଲ୍ ଯାଏଁ। ପିନ୍ଧିଥିବା କୋର୍ଟ ନିଜ ହାତରେ ଖୋଲିଦିଏ । ପୁଣି ସ୍ୱେଦଯୁକ୍ତ ମୋ ବଦନକୁ ତାର ପଣତ କାନିରେ ପୋଛିଦିଏ। ଆଉ ନିଜ ହାତରେ ବାଢିଦିଏ ସାତ ଆଠ ପ୍ରକାରର ସ୍ୱାଦିଷ୍ଟ ବ୍ୟଞ୍ଜନ। ଆଜି ହଠାତ୍ କୁଆଡେ ଚାଲିଗଲେ ? ଆଛା, ସେ ଏବେ କେଉଁଠି ? କାଇଁ ଦେଖାଯାଉ ନାହାନ୍ତି ? ଉତ୍ତରରେ ଚାକରାଣୀଟି କହିଲା - ବାବୁ,...!! ବାବୁଆଣି ଏବେ ଉପର ଘରେ ଅଛନ୍ତି । ହେଉ..ହେଉ...ତୁମେ ଏବେ ଯାଅ । ତା' ପରେ ସରୋଜ ସିଢିରେ ଚଢି ଉପର ମହଲାରେ ପହଞ୍ଚି ଶ୍ରାବଣୀ......!! ଶ୍ରାବଣୀ....!! ଚାରି ପାଞ୍ଚଥର ଡାକ ଛାଡ଼ିଲେ। ତଥାପି ପ୍ରତିଉତ୍ତରର ବାସ୍ନା ନାହିଁ। ଥିଲା କେବଳ ଶୂନ୍ୟତା ।

ପୁଣି ପ୍ରୀତି ଭରା କଣ୍ଠରେ ଡାକିଲେ - କୁଆଡେ ଗଲ ଶ୍ରାବଣୀ ....ଭାରି ଭୋକ ଲାଗୁଛି, ଜଲଦି ଆସ .......ଏପରି କହୁ କହୁ ନଜର ପଡିଗଲା ଡାଇନିଂ ହଲର ଉତ୍ତର କୋଣରେ ପଡିଥିବା ସୁଖଦ ସୋଫା ଉପରେ। ଦେଖିଲେ ପ୍ରିୟତମା ଶ୍ରାବଣୀ ଅମାବାସ୍ୟାର ଜହ୍ନ ପରି ମୁହଁକୁ ଫୁଲେଇ ଅଭିମାନରେ ବସିଛି । ସତେ ଯେପରି ଅଦିନିଆ ବର୍ଷା ମାଡରେ ତାଙ୍କ ଓଠର ହସ ଝଡି ଯାଇଛି ।

ପାଖକୁ ଯାଇ,ଏଇ ଦେଖ ମୁଁ ତୁମକୁ ସାରାଘରଟା ଖୋଜି ସାରିଲିଣି ଆଉ ତୁମେ ଏଇଠି ବସିଛ। ତୁମ ଦେହ ଠିକ୍ ଅଛି ତ ? ମତେ କହିଲ ଆଗ ମେଡ଼ିସିନ୍ ଖାଇଛ କି ନାହିଁ ? ହଁ , ମୁଁ ଜାଣିଛି ତୁମେ କେବେବି ଭୁଲିନଥିବ । ଏବେ ଆସ,.. ଦୁହେଁ ସାଙ୍ଗହୋଇ ଖାଇନେବା । ରାତି ବି ବହୁତ ହୋଇଗଲାଣି । ତଥାପି କିଛି ଉତ୍ତର ମିଳିଲାନି , ମୁଁ ଜାଣିଛି ଶ୍ରାବଣୀ ତୁମେ ମୋ ଉପରେ ନିଶ୍ଚୟ ରାଗିଥିବ । ହେଲେ ମୁଁ କ'ଣ କରିବି ତୁମେ କୁହନା । ଆଜି ଅଫିସ୍‌ରେ ବହୁତ କାମ ଥିଲା । ନିରୁପାୟ ଥିଲି ମୁଁ, ଯେତେ ଚେଷ୍ଟା କଲି ଶୀଘ୍ର ଆସିବା ପାଇଁ କିନ୍ତୁ ଆସି ପାରିଲିନି। ସରି ଶ୍ରାବଣୀ.....। ଏଇ ଦେଖ କାନଧରୁଛି, ଆଉ କେବେବି ଭୁଲ୍ ହେବନି । ଏବେ ତ ଟିକେ ଖାଇଦିଅ । ତୁମେ ତ ଜାଣିଛ ଆଜି ଭୀଷଣ ବର୍ଷା ଓ ପବନ ସାଙ୍ଗକୁ ରାସ୍ତା ବି ଜାମ୍ ଥିଲା । ସେଥିପାଇଁ ଟିକେ ଡେରି ହୋଇଗଲା ।

ଆଛା, ବାବା ହେଉ ମୁଁ କଥାଦେଉଛି ଆଉ କେବେବି ଲେଟ୍ ହେବନି । ଏଥର ଖୁସି ତ ? ତୁମର ଏହି ଚମ୍ପାଫୁଲ ପରି ଗୋରା ଚକି କାଟି ଦେଲାପରି ଗୋଲ୍ ମୁହଁଟାରେ ବିଷାଦର ଆସ୍ତରଣ ଯମାରୁ ଶୋଭା ଦେଉନି । ଏବେ ତ ଟିକେ ହସି ଦିଅ । ଆଉ କାହାପାଇଁ ନହେଲେ ନାହିଁ, ମୋ ପାଇଁ ଥରୁଟିଏ.....ହସିଦିଅ, ପ୍ଲିଜ୍ ଶ୍ରାବଣୀ ....। ତୁମର ଏହି ନିରବତା ମୋ ମନକୁ ଆହୁରି ଜଟିଳ ପ୍ରଶ୍ନ ବାଣରେ ଛନ୍ଦି ଦେଉଛି । ମୋ ଇନ୍ଦ୍ରିୟ ଗୁଡିକ ଯେପରି ଇତସ୍ତତଃ ହୋଇ ଊର୍ଣ୍ଣନାଭିର ଜାଲରେ ବାନ୍ଧି ହେଉଛନ୍ତି । ପୁଣି ହୃଦୟରେ ଜିଜ୍ଞାସାର ତୀକ୍ଷ୍ଣ ନାରାଚ ଭେଦି କ୍ଷତ ସୃଷ୍ଟି କରୁଛି । ସତରେ ଶ୍ରାବଣୀ ତୁମର ଲାଜ ଲାଜ ବଦନରେ ଟିକେ ହସ ଦେଖି ଦେଲେନା ମୋର ସବୁ କ୍ଳେଶ ପଲକରେ ଧୂଳିସାତ୍ ହୋଇ ମୋ ବପୁରେ ନବ ଉନ୍ମାଦନା ଖେଳି ପ୍ରଣୟର ମଧୁସ୍ପର୍ଶ ପାଇଥାଏ। କ'ଣ ଏହି ନିରବତା ତୁମର ଶେଷ ନିଷ୍ପତ୍ତି ? ତୁମେ କ'ଣ ମୋତେ କ୍ଷମା କରିବନି ? ହେଉ ଠିକ୍ ଅଛି ନ କର । ଆଜି ମୁଁ ବି ଉପାସ ଶୋଇଯିବି ତୁମ ପରି ।

ବହୁକାଳ ପ୍ରତୀକ୍ଷା ପରେ ବାଷ୍ପରୁଦ୍ଧ କଣ୍ଠରେ ଅଭିମାନ ଚାହାଁଣିରେ ଶ୍ରାବଣୀ କହିଲେ - ଟେବୁଲରେ ଖାଇବା ରଖି ଦେଇଛି ତୁମେ ଖାଇନିଅ ମୋତେ ଭୋକ ନାହିଁ । ଦେଖ ଶ୍ରାବଣୀ ପିଲାଙ୍କ ଭଳି ଅଝଟ ହୁଅନି । ତୁମ ବିନା ମୁଁ କ'ଣ କେବେ ଖାଇଛି ନାଁ ଖାଇବି ? ଆସ ଖାଇବା ଆସ ଭାରି ଭୋକ ଲାଗୁଛି । ଖାଇବା ପାଇଁ ଇଛା ନଥିଲେ ବି ଶ୍ରାବଣୀ ଆସିଲା । ସରୋଜ କହିଲେ -ସତରେ ଶ୍ରାବଣୀ ତୁମର ଏହି ଅଭିମାନ ଗୁଣଟା ଭାରି ଭଲଲାଗେ । କେବେହେଲେ ସରୋଜଙ୍କ କଥାକୁ ଅମାନ୍ୟ କରିନି ଶ୍ରାବଣୀ । ବୋଧହୁଏ କୌଣସି ମାନସିକ ଚାପରେ ଅଛନ୍ତି । ତଥାପି ଇଛା ନଥିଲେ ସୁଦ୍ଧା ଶ୍ରାବଣୀ ସରୋଜଙ୍କ ସହ ଡାଇନିଂ ଟେବୁଲରେ ବାଧ୍ୟବାଧକତାରେ ଅଳ୍ପ ଖାଇଲେ ।

ଆଛା, ଶ୍ରାବଣୀ ଏବେତ କୁହ... !! ତୁମର ଏତେ ଅଭିମାନ କ'ଣ ପାଇଁ ? ତୁମର କ'ଣ ହୋଇଛି ? ଶ୍ରାବଣୀ କହିଲେ - କାଇଁ ନାଇଁ ତ, ମୁଁ କ'ଣ ପାଇଁ ଅଭିମାନ କରିବି ଯେ ? ମୋର କାହିଁକି କ'ଣ ହେବ ? ସରୋଜ କହିଲେ - ମୋ ମୁହଁକୁ ଟିକେ ଅନେଇକି କହିଲ ଦେଖି ତୁମର କିଛି ହୋଇନି ବୋଲି ।

ତାପରେ ଅଭିମାନ ସ୍ୱରରେ ଶ୍ରାବଣୀ କହିଲେ - ସେ ମୁକ୍ତା କିଏ ? ଯାହା ସହିତ ତୁମେ ସବୁବେଳେ ଫୋନରେ କଥା ହେଉଛ ? ମୁଁ ଜାଣିଛି ତୁମେ ଆଜି ନିଶ୍ଚୟ ତାଙ୍କ ପାଖକୁ ଯାଇଥିବ । କାହିଁକି ଯିବନି ସେ ତୁମର ପୁରୁଣା ପ୍ରେମ ନା । ଆଉ ଆଜି ପୁଣି ତାଙ୍କର ଜନ୍ମଦିନ ଥିଲା । ଏହାଶୁଣି ସରୋଜ ବିସ୍ମିତ ହୋଇଗଲେ। କେବେବି ଭାବିନଥିଲେ ଯେ ଶ୍ରାବଣୀ ଏପରି ଏକ ଅପ୍ରତ୍ୟାଶିତ ପ୍ରଶ୍ନଟିଏ ପଚାରିଦେବେ ବୋଲି । କି ଉତ୍ତର ଦେବେ କିଛି ଚିନ୍ତାକରି ପାରିଲେନି । ମୌନ ରହିବାଟା ଉଚିତ୍ ମନେକରି ଶାନ୍ତ ରହିଲେ। ଚାହୁଁ ଚାହୁଁ ନିମିଷକରେ ମେଘ ଗର୍ଜନ ପରି ପୁଣି ପ୍ରଶ୍ନଟିଏ ମାଡିଆସିଲା - କ'ଣ ହେଲା କିଛି କହିଲନି ଯେ ?

ତାପରେ ସରୋଜ ନିଜ ଚୌକିରୁ ଉଠିଯାଇ ଶ୍ରାବଣୀ ପାଖକୁ ଲାଗିଥିବା ଚେୟାରରେ ବସି କହିଲେ - ଓଃ........ ମ୍ୟାଡାମ୍‌ଙ୍କର ରାଗଟା ତାହାଲେ ଏଠି ଅଛି ନାଇଁ । ଦେଖ ଶ୍ରାବଣୀ, ତୁମେ ତ ମୋତେ ଭଲଭାବରେ ଜାଣିଛ । ତେବେ ହଠାତ୍ ଏପରି ପ୍ରଶ୍ନ କାହିଁକି ? ଶ୍ରାବଣୀ - ମୁଁ ଜାଣିଛି ତୁମେ କହିବନି। ଠିକ୍ ଅଛି ନ କୁହ, ମୁଁ ଭଲଭାବରେ ବୁଝିସାରିଲିଣି ମୋ ପ୍ରତି ତୁମର ଆଉ ଭଲପାଇବା ନାହିଁ । ଓଃ ଶ୍ରାବଣୀ ତୁମେ ଟିକେ ବୁଝିବାକୁ ଚେଷ୍ଟା କର । ହଉ ଠିକ୍ ଅଛି, ତୁମେ ଯଦି ଜାଣିବାକୁ ଏତେ ଇଚ୍ଛୁକ ତେବେ ଶୁଣ.......କଲେଜ୍‌ରେ ପଢୁଥିବା ବେଳେ ମୁକ୍ତା ଓ ମୁଁ ଦୁହେଁ ଦୁହିଁଙ୍କୁ ବହୁତ ଭଲ ପାଉଥିଲୁ । ଏତେ ଭଲପାଇବା ଥିଲା ଯେ ଦଣ୍ଡେ ଦୂର ହୋଇଗଲେ ବହୁତ କଷ୍ଟ ଲାଗେ । ସେ ମୋ ସ୍ୱପ୍ନର ନାୟିକା ଥିଲେ । ମୁଁ ଆକାଶ ହେଲେ ସେ ମୋ ପ୍ରିୟତମା ଜହ୍ନ , ମୁଁ ସାଗର ହେଲେ ସେ ମୋ ଜୁଆର, ମୁଁ ଫୁଲ ହେଲେ ସେ ମୋ ବାସ୍ନା, ମୁଁ ତପନ ହେଲେ ସେ ମୋ ନଳିନୀ, ମୁଁ ବଂଶୀ ହେଲେ ସେ ମୋ ସାତସୁର, ମୁଁ ବସନ୍ତ ହେଲେ ସେ ମୋ ମୃଦୁ ମଳୟ । ଏପରି ଏକ ନିବିଡ଼ ପ୍ରେମ ସମ୍ପର୍କର ତାଜମହଲଟିଏ ଅଳ୍ପଦିନରେ ଆମେ ଗଢିଥିଲୁ କିଛି ଭାଷା ଓ ଭାବର ଆଦାନ ପ୍ରଦାନରେ । ସାଙ୍ଗସାଥିମାନେ ଆମର ପ୍ରେମଦେଖି ଇର୍ଷାରେ ଜଳିଯାଆନ୍ତି । କିନ୍ତୁ ବିଧିର ବିଧାନ ଆମ ସପକ୍ଷରେ ନଥିଲା କି ଉଭୟ ପରିବାରର ସମ୍ମତି ବି । ମଣିଷ ଯେଉଁ ସ୍ୱପ୍ନ ଦେଖେ ତାହା ଯେ,ପୂରଣ ହେବ କିଏ କହିପାରିବ ? ଭଗବାନ ବୋଧହୁଏ ଚାହୁଁନଥିଲେ ଆମ ଦୁହିଁଙ୍କ ମିଳନ । ସମୟ ସ୍ରୋତରେ ତାଙ୍କର ବିବାହ ମଧ୍ୟ ସରିଛି । ଏବେ ଆମେ ଦୁହେଁ ଭଲ ବନ୍ଧୁ । ମଝିରେ ମଝିରେ ଟିକେ ଫୋନରେ କଥା ହୋଇଯାଉ । ଏଥିରେ ଭୁଲ୍ କେଉଁଠି ରହିଲା ।

ସତ କହୁଛି ଶ୍ରାବଣୀ ମୁଁ ବି ଅତୀତର ସେହି ଦୁଃଖକୁ ମନେପକାଇବା ପାଇଁ ବିଲକୁଲ୍ ଚାହୁଁନି। ଏବେ ମୁଁ ବର୍ତ୍ତମାନରେ ବଞ୍ଚିବାକୁ ଚାହେଁ । ଅଗ୍ନିକୁ ସାକ୍ଷୀରଖି ସାରାଜୀବନ ପାଇଁ ତୁମ ହାତ ଧରିଲି। ଏବେ ତୁମେ ହିଁ ମୋର ସବୁକିଛି । ତୁମେ ହିଁ ମୋ ସୁଖ ଦୁଃଖର ସାଥି । ତୁମେ ହିଁ ମୋ ପ୍ରେମର ସଜ ଗୋଲାପ। ତୁମେ ମୋ ରାଗର ରାଗିଣୀ । ତୁମେ ମୋ ଜୀବନର ସୁନା ଚଢ଼େଇ। ତୁମ ବିନା ମୋ ହୃଦୟରେ କିଏ ଆଉ ପ୍ରୀତି ସ୍ପନ୍ଦନ ଭରିଦେବ ? ତୁମେ ମୋ ପ୍ରେମ ସଂଗୀତର ମଧୁ ମୂର୍ଚ୍ଛନା । ତୁମେ ହିଁ ତ ମୋ ପାଇଁ ସ୍ୱର୍ଗର ଅପ୍ସରୀ। ଆଉ ତୁମେ ମୋ ପ୍ରିୟ ଅର୍ଦ୍ଧାଙ୍ଗିନୀ । ତୁମ ବିନା ବଞ୍ଚିବା ଅସମ୍ଭବ । କାରଣ ବିବାହ ହେଉଛି ଏକ ପବିତ୍ର ବନ୍ଧନ। ଦୁଇଟି ପବିତ୍ର ଆତ୍ମାର ମିଳନ। ପତି ପତ୍ନୀ ହେଉଛନ୍ତି ଗୃହ ଶଗଡ଼ ଗାଡିର ଦୁଇଟି ଅଖଭଳି । ମୃଦ୍ରାର ଉଭୟ ପାର୍ଶ୍ୱପରି। ଗୋଟିଏ ଚକ ବିପର୍ଯ୍ୟୟ ହେଲେ ଯେପରି ଶଗଡ଼ ଗାଡ଼ିଟି ଅଚଳ ହୋଇଯାଏ ଠିକ୍ ସେହିପରି ତୁମ ବିନା ମୋ ଜୀବନରେ ମାନେ କିଛି ନାହିଁ । ଏଭଳି ପତି ପ୍ରେମଦେଖି ଶ୍ରାବଣୀଙ୍କ ଆଖିରୁ ଆନନ୍ଦାଶ୍ରୁ ଝରିପଡୁଥାଏ । ତା'ପରେ ସରୋଜଙ୍କ ଟିକେ ଥଟାମଜା କଥାରେ ଅଭିମାନିନୀ ଶ୍ରାବଣୀଙ୍କ ମୁଖପଦ୍ମରେ ହ୍ରିୟା ଓ ପ୍ରୀତି ଭରା ସ୍ମିତହାସ୍ୟ ଖେଳିଗଲା ।

ସରୋଜ ବି ମୁରୁକୁନ୍ଦ ହସଟାଏ ମାରି କହିଲେ - ହେଲେ ଶ୍ରାବଣୀ ମୁଁ ଗୋଟେ କଥା ବୁଝିପାରୁନି, ତୁମେ ମୁକ୍ତା ବିଷୟରେ ଏତେକଥା କେମିତି ଜାଣିଲ ? ଶ୍ରାବଣୀ ଟିକେ ମୃଦୁହସ ହସି କହିଲେ - ତୁମେ କ'ଣ ଭାବୁଛ ମୁଁ କିଛି ଜାଣିପାରିବିନି ? ତୁମ ଆଲମାରୀର ତଳ ଥାକରେ ନାଲି କପଡ଼ାରେ ବନ୍ଧାଥିବା ଭାରି ଯତ୍ନରେ ରଖିଥିବା ସେ ନୀଳ ରଙ୍ଗର ଡାଏରୀକୁ ମୁଁ ପଢି ସାରିଛି । ଆଉ ମୁଁ ଅନୁଭବ କରିପାରିଛି ତୁମ ଦୁହିଁଙ୍କ ମଧ୍ୟରେ କେତେ ନିବିଡ଼ ଭଲପାଇବା ଥିଲା। ସତରେ ମୁକ୍ତା ତୁମକୁ ତା'ଜୀବନଠୁ ବେଶି ଚାହୁଁଥିଲା ।

ସରୋଜ - ଆଛା, ଶ୍ରାବଣୀ ତୁମେ ଆଉ କ'ଣ ସବୁ ପଢିଛ , ଟିକେ କୁହ ତ ? ଶ୍ରାବଣୀ - ସେଦିନ ଥାଏ ଶିବରାତ୍ରି ମୁକ୍ତା ତୁମ ପାଇଁ ନିର୍ଜଳା ଉପବାସ କରିଥାଏ। ମନେ ମନେ ତୁମକୁ ପତିରୂପେ ସ୍ୱୀକାର କରି କେତେ ସ୍ୱପ୍ନ ଦେଖିଥିଲା ବିଚାରୀ। ଆଉ ତୁମେ ମୁକ୍ତାଙ୍କୁ ଦୁଇହାତରେ ଟେକି ୧୦୮ ପାବଚ୍ଛ ଅତିକ୍ରମ କରି ମହାଦେବଙ୍କୁ ଦର୍ଶନ କରାଇଥିଲ । ସତ କହୁଛି, ତୁମର ଏହି ଶାଶ୍ୱତ ପ୍ରେମର ଡାଏରୀକୁ ଯିଏ କେହି ପଢ଼ିବ ସେ କଦାପି ଆଖିର ଲୁହକୁ ଅଟକାଇ ପାରିବନି ।

ସତରେ ସରୋଜ ମୁକ୍ତା ଭାରି ଅଭାଗିନୀ ଥିଲେ, ସେ ତାର ପ୍ରକୃତ ପ୍ରେମକୁ ପାଇ ପାରିଲାନି । ଆଉ ମତେ ଦେଖ ମୁଁ କେତେ ଭାଗ୍ୟବତୀ ତୁମଭଳି ସୁନ୍ଦର ମନ ଓ ହୃଦୟ ଥିବା ସ୍ୱାମୀଟିଏ ପାଇ ବେଶ୍ ଖୁସି ଅଛି ।

ସରୋଜ -ମୋତେ କଥା ଦିଅ ଶ୍ରାବଣୀ ତୁମେ ଆଉ ସେ ଡାଏରିକୁ କେବେବି ପଢିବନି। କି ମୋ ଆଗରେ ଅଭିମାନର ପାହାଡଟିଏ ଠିଆ କରିବନି । ମୁଁ ବର୍ତ୍ତମାନ ତୁମ ସହ ବଞ୍ଚିବାକୁ ଚାହେଁ । ଅତୀତର ସେହି ବେଦନା ଯୁକ୍ତ ପୃଷ୍ଠାଗୁଡ଼ିକୁ ମୁଁ ସବୁଦିନ ପାଇଁ ମୋ ହୃଦୟ ବହିରୁ ଚିରି ଦେଇଛି । ଖାଇବା ସରିଲା ....ଚାଲ ଏବେ ଯିବା ।

ଆଜି ମୁଁ ସିନା ଶ୍ରାବଣୀର ମନକୁ ବୁଝେଇ ଦେଲି, କିନ୍ତୁ ତାଙ୍କ ମନରେ ଯେଉଁ ସନ୍ଦେହର ପ୍ରଶ୍ନବୀଜଟି ଅଙ୍କୁରିତ ହୋଇଥିଲା ତାହା ଯେ ଭବିଷ୍ୟତରେ ମଧୁସମ୍ପର୍କରେ ବିଚ୍ଛେଦର ହଳାହଳ ବିଷ ଭରି ନଦେବ ତାହା କିଏ କହିପାରିବ ?

ଆଜିର ଏହି ମାନବ ସଭ୍ୟତାରେ ଏଭଳି ଅନେକ ସାଧୁ ସମ୍ପର୍କ ସନ୍ଦେହର ବିଷବଳୟରେ ଚୁର୍‌ମାର୍ ହୋଇ ମାଟିରେ ବିଲୀନ ହୋଇଯାଇଛି । ତେଣୁ ଏ ସମ୍ପର୍କ ସ୍ପନ୍ଦନରେ ଯଦି ବିଶ୍ୱାସ ଓ ଭରସାର ଚକ୍ର ସୁଦୃଢ ନୁହେଁ ତେବେ ସମ୍ପର୍କର ପିରାମିଡ୍‌ଟା ଧରାଶାୟୀ ହେବା ସୁନିଶ୍ଚିତ । ଏଥିରେ ସନ୍ଦେହ ନାହିଁ ।

+ସଂସ୍କୃତ ଶିକ୍ଷକ
ଅତାସାହି, ଆନନ୍ଦପୁର, କେନ୍ଦୁଝର
ମୋ - ୯୭୭୭୫୬୦୯୨୧

# ସଂସ୍କାର



ରଶ୍ମିତା ଦାସ



ହଠାତ୍ ବାପାଙ୍କ ଅସୁସ୍ଥ ହେବାର ଖବର ଶୁଣି ରମେଶ୍ ସ୍ତ୍ରୀ ପିଲା ମାନଙ୍କୁ ଧରି ଗାଁକୁ ଆସିଲା। କଟକ ବଡ଼ ହସ୍ପିଟାଲରେ ବାପାଙ୍କର ହାର୍ଟର ଚାରି ଦିନ ଟ୍ରିଟମେଣ୍ଟ ପରେ ଆଇ ସି ଇଉରେ ଆଖି ବୁଜିଲେ। ତାଙ୍କ ଅନ୍ତ୍ୟେଷ୍ଟି ଓ ଶୁଦ୍ଧିକ୍ରିୟାର ସବୁ କାର୍ଯ୍ୟ ସୁଚାରୁ ରୁପେ ତୁଲେଇ ସାରିଲା ପରେ ରମେଶ୍ କହିଲେ....'ବୋଉ ଏବେ ତ ବାପା ଚାଲିଗଲେ ଆଉ ତୁ ଏକା ହେଇଗଲୁ ଆଉ ଗାଁରେ ରହିବାକୁ ପଡିବନି ଚାଲ ଆମେ ସବୁ ସାଙ୍ଗ ହେଇ ରାଉରକେଲାରେ ରହିବୁ'।

ଏକଥା ଶୁଣି ଜାହ୍ନବୀ ଦେବୀ ଚିନ୍ତାମଗ୍ନ ! ସତରେ କଣ ମୁଁ ସହରେ ଯାଇ ଚଳିପାରିବି ?

ଗାଁରେ ରହିବାର ମୋତେ ଷାଠିଏ ବର୍ଷ କଟିଗଲାଣି। ପିଲାଟି ଦିନରୁ ମୁଁ ଗାଁରେ ହିଁ ରହିଆସିଛି।

ଏ ଘରକୁ ବୋହୂ ହେଇ ଆସିବାର ମୋତେ ଅଢ଼ତିରିଶି ବର୍ଷ ହେଇଗଲାଣି। ଗାଁର ଜଳବାୟୁ, ପାଣି ପବନ ଆଡ଼ୋଶୀ ପଡୋଶୀ ତଥା ପରିବାର ଲୋକଙ୍କ ସହ ଜୀବନ କଟିଛି। ଆଜି ସିନା ଶାଶୂ ଶଶୁର, ସ୍ୱାମୀ ସମସ୍ତେ ମୋତେ ଏକା କରି ଚାଲିଗଲେ। ହେଲେ ଏଇ ଘରେ ମୋର କେତେ ସ୍ମୃତି ଲୁଚି ଅଛି । କେମିତି ସବୁକୁ ଛାଡି ରହିପାରିବି ସହରରେ ?

ତାଛଡା ବିବାହ ପୂର୍ବରୁ ଥରେ ବାପା ବୋଉ ଓ ମୁଁ ବୋଉଙ୍କୁ ଡାକ୍ତର ଦେଖେଇବା ପାଇଁ ସହରକୁ ଯାଇଥିଲୁ। ସେଠାରେ ଆମେ ବୋଉଙ୍କ ମାମୁଁ ଘରେ ସପ୍ତାହଟିଏ ରହିଗଲୁ । ସେଠି ମୁଁ ଯାହା ଦେଖିଲି ଏବେଯାଏଁ ମନରୁ ଭୂଲିନି.....

ସେମାନେ ପରା ତାଙ୍କ ବୁଢ଼ୀ ମାଆକୁ ଘର ବାହାରେ ଏକ ଛୋଟ ଘରେ ରଖିଥିଲେ। ତାଙ୍କ ସ୍ତ୍ରୀ କୁଆଡେ ଭାରି ସଫା ସୁତୁରା ଥିଲେ, ଏମିତିକି କେହି ତାଙ୍କ ଘରୁ ଆସି ଗଲାପରେ ଗୋବର ପାଣି ଓ ଫିନାଇଲ ପାଣି ଛିଟା ଲଗାନ୍ତି। କାଳେ କୋଉ ରୋଗ ତା ଦେହରେ ଥିବ। ଶାଶୂ ବୁଢ଼ୀକୁ ସେଥିପାଇଁ ସେ ଅଲଗା କରି ରଖିଥିଲେ ଓ ଚାକର ହାତରେ ତାର ଦରକାରୀ କାମ କରାଉଥିଲେ। ଆମେ ବି ଗଲା ବେଳକୁ ସେମାନେ ଏକ ଗେଷ୍ଟ ରୁମ୍‌ରେ ରହିବାକୁ ଦେଲେ ଓ ଚାକର ହାତରେ ଖାଇବା ପଠେଇ ଦେଲେ। ଆମେ ଏତେଦିନ ଭିତରେ ଥରେ ମାତ୍ର ସେମାନଙ୍କୁ ଭେଟିଥିଲୁ।

ଏମିତି କେତେ କଥା ଶୁଣିଛି, ଟିଭି ଫିଲିମରେ ବି ଦେଖିଛି। ପଡୋଶୀ ନଣନ୍ଦ ରମା ଦିନେ କହୁଥିଲା ତା ନଣନ୍ଦର ଶାଶୂ ଶଶୁର ବି ପୁଅ ବୋହୂ ସହ ବାହାରକୁ ଯାଇ ରହୁଥିଲାବେଳେ ଘରର ଯାବତୀୟ କାମ ସେମାନଙ୍କୁ କରିବାକୁ ପଡୁଥିଲା। ପୁଅ ବୋହୂ ତ ଚାକିରୀ କରନ୍ତି ...

ସକାଳରୁ ସନ୍ଧ୍ୟା ଯାଏଁ ବାହାରେ ତାଙ୍କ ସ୍ୱାମୀର ମୃତ୍ୟୁ ପରେ ଘରେ ଏକା ସମାଧି ହେଇ ଯାଇଥିଲେ ସେ। ବାପରେ କି କଷ୍ଟ !

ମୋର ଜମାରୁ ଯିବାକୁ ମନ ବଳୁନି। ଗାଁରେ ବାଡ଼ି, ଘର, ଯିବା ଆସିବା ଲୋକ ବି ପଚାରି ଯାଆନ୍ତି ସୁଖ ଦୁଃଖ କଥା। ସହରରେ ତ କେହି କାହା ସହ କଥା ପଦେ ହେବାକୁ ବି ସମୟ ନାହିଁ। ଏମିତିରେ ସେଠି ଯାଇ କି ସୁଖ ମିଳିବ ଯେ....

'ନା ବାବା ନା ମୋ ମନ ଜମାରୁ ହେଉନି'.....

ହେଲେ ପୁଅକୁ କଣ କହି ବୁଝେଇବି ସେ କହିଛି ମାନେ ଜମାରୁ ଶୁଣିବନି। ଏମିତି ଦ୍ୱିଧା ଭିତରେ ପଡିଗଲେ ଜାହ୍ନବୀ ଦେବୀ !

ସନ୍ଧ୍ୟା ହେଲାରୁ ରମେଶ୍ କହିଲେ, ମା ତୋର ନିହାତି ଦରକାରୀ ଜିନିଷ ବ୍ୟାଗରେ ପେକ୍ କରି ରଖ। କେବଳ ନିହାତି ଦରକାରୀ ଜିନିଷ ହିଁ ନେବୁ। ବାକି ସବୁ ସେଠି ମିଳିଯିବ। ଆମେ ବଡ଼ି ସକାଳୁ ବାହାରି ଯିବୁ। ପ୍ରବଳ ଅନିଚ୍ଛା ସତ୍ତ୍ୱେ ବି ପୁଅକୁ କିଛି କହି ପାରିନଥିଲେ ସେ ବାଧ୍ୟ ହେଇ ନିଜ ଜିନିଷକୁ ବ୍ୟାଗ୍ ବାହାର କରି ପ୍ୟାକ କଲେ। ରାତିରେ ଶୋଇବାକୁ ଗଲେ ସତ ହେଲେ ବିଛଣା ତ ଲୁହରେ ଭିଜି ଯାଉଥିଲା....

କେତେ ସ୍ମୃତି ସେ ଘର ସହ ଯୋଡ଼ିଛି ତାଙ୍କର। ଏ ଘର ତାଙ୍କ ଭିଟାମାଟି। ଏହାକୁ ଛାଡି, ଶାଶୂ ଶଶୁରଙ୍କ ସମାଧି, ସ୍ୱାମୀଙ୍କ ସହ ତେଲ ଲୁଣର ଦାମ୍ପତ୍ୟ ଜୀବନ ଓ ପିଲାମାନଙ୍କ ପିଲା ଦିନର ସ୍ମୃତି ସବୁ ଛାଡିବା ସତେ ଯେମିତି ଦେହଠାରୁ ପ୍ରାଣ ଅଲଗା ହେଇଯିବା ସହ ସମାନ....

ସ୍ୱାମୀଙ୍କୁ ଖୁବ୍ ଖୋଜୁଥିଲେ ସେ ମନ ଓ ହୃଦୟର ମିଶ୍ରଣରେ ...

'ତୁମେ ଥିଲେ ମୋର ଏମିତି ଦିନ ଦେଖିବାକୁ ପଡିନଥାନ୍ତା। ତୁମେ ମୋତେ ଏକା ନକରି ସାଥିରେ ନେଇ ଯାଇଥିଲେ କଣ ହେଇ ନଥାନ୍ତା'? ଏମିତି ଅନେକ ଭାବନା ଓ ଲୁହ ଭିତରେ ରାତି କଟିଗଲା।

ବଡ଼ି ଭୋରରୁ ସମସ୍ତେ ବାହାରିବାକୁ ଆରମ୍ଭ କଲେ ଓ ସଜବାଜ ହେଇ ଗାଡ଼ିରେ ବସିଲେ । ରମେଶ ନିଜେ କାର୍ ଚଳେଇ ରାଉରକେଲା ଗଲେ।

ରାଉରକେଲା ଭିତରୁ ପ୍ରବେଶ କରୁ କରୁ ରମେଶ୍ କହିଲେ ବୋଉ ଏବେ ଆମେ ରାଉରକେଲା ଭିତରେ ପ୍ରବେଶ କଲୁ। ଆଗକୁ ମୋର ଷ୍ଟିଲ ପ୍ଲାଣ୍ଟ ପଡିବ। ମୋର ଏଇ ଦଶବର୍ଷ ଚାକିରୀ ଭିତରେ ଘରର ଯାବତୀୟ କାମ ପାଇଁ ତୁମେମାନେ ରାଉରକେଲା ଆସିପାରିଲନି। ମୋତେ ବାରମ୍ୱାର ବାହାରକୁ ଯିବାକୁ ପଡୁଥିବାରୁ ମୁଁ ତୁମମାନଙ୍କୁ ଆଣି ପାରି ନଥିଲି । ବାପା ଏମିତି ହଠାତ ଆଖିବୁଜି ଦେବେ ଏକଥା ବି ବିଶ୍ୱାସ ନଥିଲା। ଏଠି ତ ମୋର ନିଜର ଘର ତୁ ସବୁଦିନ ଏଇଠି ଖୁସିରେ ରହିବୁ ଏଥର...

ଜାହ୍ନବୀ ଦେବି ନୀରବରେ ରହି କେତେଯେ' କ'ଣ ଭାବି ଯାଉଥିଲେ ସେକଥା କିଏ ବୁଝିବ ?

ଦୁଃଖ ସୁଖର ଭିଟାମାଟି ଛାଡି ରାଜ ମହଲରେ କଣ ସୁଖ ମିଳିବ ମୋତେ ?

ହୃଦୟରେ ଅସହ୍ୟ କୋହ, ମନରେ ଅତୀତର ସ୍ମୃତି ଓ ଭବିଷ୍ୟତର ଅନେକ ଚିନ୍ତା ଲହରୀ ପରି ଢେଉ ହେଇ ଉଠୁଥିଲା ସତେ ଯେପରି...।

ରମେଶ ନିଜର ଗେଟ ସାମ୍ନାରେ ଗାଡି ଛିଡା କଲେ ଓ ସମସ୍ତେ ଗାଡିରୁ ଓହ୍ଲେଇ ଘର ଆଡ଼କୁ ଗଲେ। ଜାହ୍ନବୀ ଦେବୀ ଗେଟ୍‌ରୁ ଭିତରକୁ ଯାଇ ଦେଖିଲେ ଏକ ସୁନ୍ଦର ବଗିଚା। ଯୋଉଠି ମଲ୍ଲୀ ହେନା, ଟଗର ମାଲତୀ ପରି ଫୁଲ ଗଛ ସବୁ ଖୁବ ଯତ୍ନରେ ଲଗା ହେଇଛି।

ରମେଶ କହିଲେ 'ଦେଖିଲୁ ବୋଉ ବାପାଙ୍କ ଲଗେଇଥିବା ଗଛରୁ କଲମୀ କରି ଆଣି ଲଗେଇ ଥିଲି। ଏ ବଗିଚାକୁ ମୁଁ ନିଜ ହାତରେ ବନେଇଛି'।

ଆଗକୁ ଗଲେ ତାଙ୍କ ନଜର ପଡିଲା ଏକ ସୁନ୍ଦର ତୁଳସୀ ଚଉରା ଠିକ୍ ଯେମିତି ତାଙ୍କ ଘରେ ପୂଜା ପାଆନ୍ତି।

ସମସ୍ତେ କବାଟ ଖୋଲି ଭିତରକୁ ଗଲେ । ଜାହ୍ନବୀ ଦେବୀ ଦେଖିଲେ ଡ୍ରଇଂ ରୁମ୍‌ରେ ବାପା ମାଆ ଜେଜେ ବାପା ଜେଜେମା ସାନ ଭଉଣୀ ଓ ପୁରା ପରିବାରର ଫୋଟୋ ଖୁବ ଯତ୍ନ ସହକାରେ ସଜେଇ ରଖାହେଇଛି। ରମେଶ୍ ପଛରୁ ବୋଉଙ୍କୁ କୁଣ୍ଢେଇ ପକେଇ ପଚାରିଲେ ...ଦେଖିଲୁ ବୋଉ ଏମାନେ ସବୁ କିଏ ?

ଯୋଉ ମାନଙ୍କୁ ତୁ ଛାଡି ଆସିବା ପାଇଁ ମନ କଷ୍ଟ କରୁଥିଲୁ। ଏ କଥା ମୁଁ ଠିକ୍‌ରେ ବାରି ପାରିଛି। ସମସ୍ତଙ୍କୁ ସାଥିରେ ନେଇ ଆସିଛି । ଏଣିକି ଏମାନେ ବି ଆମ ସହ ରହିବେ।

ରମେଶ୍ ଜାହ୍ନବୀ ଦେବୀଙ୍କୁ ତାଙ୍କ ରୁମକୁ ନେଇଗଲେ ଓ ଫ୍ରେସ୍ ହେବା ପାଇଁ କହିଲେ। ସେଠି ବି ସେ ଦେଖିଲେ ବୋଉଙ୍କର ଗାଁ ଘର ପରି ସବୁକିଛି ଯତ୍ନରେ ରଖା ହେଇଛି। ସେ ଏବୁ ଦେଖି କିଛିଟା ଚକିତ ଓ ଖୁବ୍ ଖୁସି ଅନୁଭବ କରୁଥିଲେ ମନରେ ମନରେ। ସେଦିନ ସମସ୍ତେ ଖାଇ ପିଇ ରେଷ୍ଟ ନେଲେ।

ରାସ୍ତା ପରିଶ୍ରମ ପାଇଁ ସେଦିନ ଟିକେ ନିଦ ଲାଗିଯାଇଥିଲା ଖୁବ ଜୋରରେ। ଭୋର ୫ଟା, ଠାକୁର ଘରେ ଘଣ୍ଟି ଶବ୍ଦ ଶୁଣି ତାଙ୍କ ନିଦ ଭାଙ୍ଗିଗଲା। ସେ ଦେଖିଲେ ପୁଅ ବୋହୂ ଦୁହେଁ ପୂଜାରେ ବସି ସକାଳ ଆଳତି କରୁଥିବାର। ସୁନ୍ଦର କଳା ମୁଗୁନି ପଥରର ଗାଁ ରାଧାକୃଷ୍ଣ ମୂର୍ତ୍ତି । ମାଆଙ୍କ ପାଇଁ ଗାଡ଼ିରେ ନେଇ ଆସିଥିଲେ ମାଆଙ୍କୁ ଦେଖି କହିଲେ... ଦେଖିଲୁ ବୋଉ, ଆମେ ତ ସମସ୍ତେ ଏଇଠି ରହିବୁ ଠାକୁର ଏକା ସେଠି ରହି କଣ କରିବେ। ସାଥିରେ ନେଇ ଆସିଛି। ଆମେ ସମସ୍ତେ ମିଶି ସବୁଦିନ ୟା'ଙ୍କର ପୂଜା କରିବୁ।

ଏଥର ଜାହ୍ନବୀ ଦେବୀ ଆଉ ସମ୍ଭାଳି ପାରିଲେନି । ଆଖିରେ ଲୁହ ଓ ଓଠରେ ଖୁସିର ଏକ ଅପୂର୍ବ ସମାହାରରେ ସ୍ୱାମୀଙ୍କ ଫୋଟୋ ଆଡ଼କୁ ଚାହିଁ କହି ଉଠିଲେ 'ଦେଖିଲ ତ ଆମ ସଂସ୍କାର କେମିତି ଆମ ପୁଅ ଭିତରେ ଖୁନ୍ଦି ହେଇ ରହିଛି ।

+ହାଇଦ୍ରାବାଦ

# ସଂପୂର୍ଣ୍ଣ ଟିକାକରଣରେ ଭୁବନେଶ୍ୱର ହେବ ପ୍ରଥମ




ଭୁବନେଶ୍ୱର,୪/୭ (ନି.ପ୍ର): ସଂପୂର୍ଣ୍ଣ ଟିକାକରଣରେ ଭୁବନେଶ୍ୱର ପ୍ରଥମ ସହର ହେବ । ବିଏମସି ଡେପୁଟି କମିଶନର ଅଂଶୁମାନ ରଥ କହିଛନ୍ତି ଯେ, ସ୍ୱାସ୍ଥ୍ୟକର୍ମୀ, କୋଭିଡ ଯୋଦ୍ଧା ଓ ୧୮ ବର୍ଷରୁ ଅଧିକ ହିତାଧିକାରୀଙ୍କୁ ମିଶାଇ ୯ ଲକ୍ଷ ୭ ହଜାର ୧୯୪ ଜଣଙ୍କୁ ଟିକାକରଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା । ଗତକାଲି ସୁଦ୍ଧା ଭୁବନେଶ୍ୱରରେ ୧୪ ଲକ୍ଷ ୫୫ ହଜାର ୪୫୫ ଜଣଙ୍କୁ ଟିକା ଦିଆଯାଇ ସାରିଛି । ସେଥିମଧ୍ୟରୁ ୯ ଲକ୍ଷ ୪୫ ହଜାର ୭୮ ଜଣ ପ୍ରଥମ ଡୋଜ୍ ଓ ୫ ଲକ୍ଷ ୧୦ ହଜାର ୩୭୭ ଜଣଙ୍କୁ ଦ୍ୱିତୀୟ ଡୋଜ୍ ଟିକା ଦିଆଯାଇଥିବା କହିଛନ୍ତି ଡେପୁଟି କମିଶନର । ଜୁଲାଇ ଶେଷ ସୁଦ୍ଧା ସଂପୂର୍ଣ୍ଣ ଟିକାକରଣ ପାଇଁ ଲକ୍ଷ୍ୟ ରଖିଛି ବିଏମସି । ଏହି କ୍ରମରେ ଜୁଲାଇ ୫ ତାରିଖରୁ ଆରମ୍ଭ ହେଉଛି ଅନ ସ୍ପଟ ଟିକାକରଣ । ଅର୍ଥାତ ପ୍ରଥମ ଡୋଜ୍ ଟିକା ନେଇନଥିବା ବ୍ୟକ୍ତି କୋ-ୱିନ ପୋର୍ଟାଲରେ ସ୍ଲଟ ବୁକିଂ ନକରି ମଧ୍ୟ ଟିକାକେନ୍ଦ୍ରରେ ସିଧାସଳଖ ଯାଇ ଟିକା ନେଇପାରିବେ । ଜୁଲାଇ ୫ରୁ ୧୦ ଯାଏଁ ଅଭିଯାନ ଚାଲିବ । ପରିଚୟପତ୍ର ଦେଖାଇ ଟିକା ନେଇପାରିବେ ହିତାଧିକାରୀ ।

# ୯୯ତମ ଅନ୍ତର୍ଜାତୀୟ ସମବାୟ ଦିବସ ପାଳିତ ଉତ୍ତମ ପୁନର୍ଗଠନ ପାଇଁ ସହଭାଗିତା ଗୁରୁତ୍ୱପୂର୍ଣ୍ଣ : ସମବାୟ ମନ୍ତ୍ରୀ

ଭୁବନେଶ୍ୱର,୪/୭ (ନି.ପ୍ର): ଉତମ ପୁନର୍ଗଠନ ପାଇଁ ସମବାୟ ମାଧ୍ୟମରେ ସହଭାଗିତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।

ଆଜି ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ୍ ଆନୁକୂଲ୍ୟରେ ୯୯ତମ ଅନ୍ତର୍ଜାତୀୟ ସମବାୟ ଦିବସ ପାଳନ ଅବସରରେ ରାଜ୍ୟସ୍ତରୀୟ ସମବାୟ ପତାକା ଉତୋଳନ ଉତ୍ସବରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମବାୟ ପତାକା ଉତୋଳନ କରି କହିଲେ ଯେ ଚଳିତ ବର୍ଷର ଅନ୍ତର୍ଜାତୀୟ ସମବାୟ ଦିବସର ବିଷୟବସ୍ତୁ ଉତମ ପୁନର୍ଗଠନ ପାଇଁ ସହଭାଗିତା ଆଧାରରେ ସମବାୟ କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ପଡ଼ିବ । କରୋନା ବିପତିକୁ ମୁକାବିଲା କରିବା ପାଇଁ ସମ୍ମିଳିତ ପ୍ରଚେଷ୍ଟା ଆବଶ୍ୟକ । କୋଭିଡ୍ -୧୯ ସ୍ଥିତିରେ କୃଷିକାର୍ଯ୍ୟକୁ ଗତିଶୀଳ କରିବାରେ ସମବାୟ ସଂସ୍ଥା ପ୍ରମୁଖ ଭୂମିକା ନିର୍ବାହ କରି ଲୋକମାନଙ୍କ ଖାଦ୍ୟ ନିରାପତାକୁ ସୁନିଶ୍ଚିତ କରିପାରିଛି । ସମବାୟ ମାଧ୍ୟମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ, କ୍ଷୁଦ୍ର ବ୍ୟବସାୟୀଙ୍କୁ ସେବା ଯୋଗାଇଦେବା ପାଇଁ ଯେଉଁ ଦାୟିତ୍ୱ ରହିଛି ତାହାକୁ ଶତପ୍ରତିଶତ କାର୍ଯ୍ୟକାରୀ କରିବା ନିମନ୍ତେ ସମବାୟ ଆନ୍ଦୋଳନକୁ ଅଧିକ କ୍ରିୟାଶୀଳ କରିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ।

ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ୍‌ର ପ୍ରଶାସିକା ଶ୍ରୀମତୀ ଗାୟତ୍ରୀ ପଟ୍ଟନାୟକ ଅନ୍ତର୍ଜାତୀୟ ସମବାୟ ଦିବସ ପାଳନର ଉଦ୍ଦେଶ୍ୟ ଓ ସମବାୟ ମାଧ୍ୟମରେ ସମାଜର ବିକାଶ ଉପରେ ଆଲୋକପାତ କରିଥିଲେ । ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ୍ ର ସଂପାଦକ ବ୍ରହ୍ମାନନ୍ଦ ପରିଡ଼ା, ବ୍ରହ୍ମପୁର ଏଆରସିଏସ୍ ଶିବ ପ୍ରସାଦ ସ୍ୱାଇଁ ପ୍ରମୁଖ ଏଥିରେ ଯୋଗଦାନ କରି ବକ୍ତବ୍ୟ ରଖିଥିଲେ । ଉତ୍ସବରେ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ୍ ଏବଂ ଓଡ଼ିଶା ସମବାୟ ଗୃହନିର୍ମାଣ ନିଗମର କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଭୀମଟାଙ୍ଗିରେ ଜଗନ୍ନାଥ ମନ୍ଦିର

ଭୁବନେଶ୍ୱର,୪/୭ (ନି.ପ୍ର): ମହତାବ ରୋଡ୍‌ରୁ ନାରାୟଣୀ କ୍ଲବ ରାସ୍ତାରେ ଭୀମଟାଙ୍ଗି ପ୍ରବେଶ ରାସ୍ତାରେ ଶେଷ ପର୍ଯ୍ୟାୟରେ ପହଂଚିଛି ଶ୍ରୀଜଗନାଥ ମନ୍ଦିର ନିର୍ମାଣ । ୨୫ଫୁଟ୍‌ର ଏହି ମନ୍ଦିରରେ ଶ୍ରୀଜଗନାଥ, ବଳଭଦ୍ର, ଦେବୀ ସୁଭଦ୍ରାଙ୍କ ସମେତ ଲକ୍ଷ୍ମୀ ଓ ବିମଳାଙ୍କ ସ୍ୱତନ୍ତ୍ର ମନ୍ଦିର ମଧ୍ୟ ରହିଛି । ସ୍ଥାନୀୟ ଅଂଚଳର ୬୦ଜଣ ସଭ୍ୟ ମାଗିଯାଚି ଓ ଭେଦା କରି ଏହି ମନ୍ଦିରକୁ ନିର୍ମାଣ କରିଛନ୍ତି । ସ୍ଥାନୀୟ ଅଂଚଳରେ ଜଗନ୍ନାଥ ମନ୍ଦିର ନଥିବାରୁ ଏହି ମନ୍ଦିରରେ ଭକ୍ତଙ୍କୁ ବଡ଼ଠାକୁର ଦର୍ଶନ ଦେବେ । ଯାହା ଆସନ୍ତା ୯ତାରିଖରୁ ୩ଦିନ ଧରି ପ୍ରତିଷ୍ଠା କରାଯିବ । କୋଭିଡ୍ କଟକଣାରେ ୧୦୮କଳସ ତିର୍ଥ ଜଳ ଆସି ସ୍ଥାପନା ହେବ । ସାମାଜିକ ଦୂରତା ରକ୍ଷା କରି ହୋମ ଯଜ୍ଞ କରାଯିବ ମନ୍ଦିର ପ୍ରତିଷ୍ଠା ହେବ । ବୋଲି ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ସଭ୍ୟ ମାନଓ ରଞ୍ଜନ ପଟ୍ଟନାୟକ, ସନତ ମିଶ୍ର ଓ ବୀଣାପାଣି ବୋଇତାଇ ସୂଚନା ଦେଇଛନ୍ତି ।

# ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ ଟୁରରେ ଏଥର ସାନ୍ତାଳଘର

ଭୁବନେଶ୍ୱର,୪/୭ (ନି.ପ୍ର): କରୋନା ସଂକ୍ରମଣ ଯୋଗୁଁ ରାଜ୍ୟ ଜନଜାତି ସଂଗ୍ରହାଳୟ ଦର୍ଶକମାନଙ୍କ ନିମନ୍ତେ ବନ୍ଦ ରହିଛି । ଏହି ପରିପ୍ରେକ୍ଷୀରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର ର ବ୍ୟବସ୍ଥା କରାଯାଇଛି । ଆସନ୍ତାକାଲି (ରବିବାର) ଦର୍ଶକମାନେ ଫେସ୍‌ବୁକ୍ ଓ ଟୁଇଟର ପେଜ୍‌ରେ ସାନ୍ତାଳ ଜନଜାତିଙ୍କ ଘର ସଂପର୍କରେ ଜାଣିପାରିବେ ବୋଲି ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି । ଓଡ଼ିଶାର ସାନ୍ତାଳ ଜନଜାତିମାନେ ମୁଖ୍ୟତଃ ମୟୂରଭଞ୍ଜ, ବାଲେଶ୍ୱର, କେଉଁଝର ଜିଲ୍ଲାରେ ବସବାସ କରିଥାନ୍ତି । ସେମାନେ ଭାରତର ଜନଜାତିଙ୍କ ମଧ୍ୟରେ ସଂଖ୍ୟାରେ ତୃତୀୟ ସ୍ଥାନରେ ରହିଛନ୍ତି । ସାନ୍ତାଳମାନଙ୍କର ବସତିରେ ଗୃହଗୁଡ଼ିକ ସମାନ୍ତରାଳ ଭାବେ ଧାଡ଼ି କରି ନିର୍ମାଣ କରାଯାଇଥାଏ । ଘରଗୁଡ଼ିକ ସମ୍ମୁଖରେ ସର୍ବସାଧାରଣ ରାସ୍ତା ଦେଖିବାକୁ ମିଳେ । ସାନ୍ତାଳମାନେ ବହୁପ୍ରକୋଷ୍ଠ ଥିବା ସୌନ୍ଦର୍ଯ୍ୟପୂର୍ଣ୍ଣ ଗୃହ ନିର୍ମାଣ କରିଥାନ୍ତି । ସେମାନଙ୍କ ଘରଗୁଡ଼ିକ ନିର୍ଦ୍ଦିଷ୍ଟ କଳାତ୍ମକ ଢାଂଚାରେ ତିଆରି ହୋଇଥାଏ । ଘରଗୁଡ଼ିକରେ ପ୍ରଶସ୍ତ ପାଚେରି ସହିତ ପ୍ରାଙ୍ଗଣ ଦେଖିବାକୁ ମିଳେ । ସମକୋଣ ଆକୃତିର ଘରଗୁଡ଼ିକର କାନ୍ଥ ଓଦାମାଟିରେ ନିର୍ମାଣ କରାଯାଇଥାଏ । ଘରର କାନ୍ଥଗୁଡ଼ିକୁ ବିଭିନ୍ନ ରଙ୍ଗ, ବିଶେଷତଃ ନାଲି ଓ କଳା ରଙ୍ଗରେ ପ୍ରଲେପ ଦିଆଯାଇଥାଏ । ସାନ୍ତାଳ ଜନଜାତିଙ୍କ ଘରର ଛାତ ନଡ଼ା କିମ୍ବା ଟାଇଲ୍ ରେ କରାଯାଇଥାଏ । ସାନ୍ତାଳ ଘର ମଧ୍ୟରେ ବୈଠକ ଘର, ରୋଷେଇଶାଳା, ବାରଣ୍ଡା ଓ ଗୃହପାଳିତ ପଶୁ ରହିବା ଗୃହ ଦେଖିବାକୁ ମିଳିଥାଏ ।

# 'ସୃଜନୀ' କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର,୪/୭ (ନି.ପ୍ର): କରୋନା ମହାମାରୀ ସମୟରେ ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ନିହିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ପାଇଁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଅନ୍‌ଲାଇନ୍‌ରେ ଜାନୁଆରୀ ୬ ତାରିଖଠାରୁ ଫେବୃଆରୀ ୨୫ ତାରିଖ ପର୍ଯ୍ୟନ୍ତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କର ୨୪ଟି ପ୍ରତିଯୋଗିତା କରାଯାଇଥିଲା । ତିନୋଟି ବିଭାଗରେ ୨୪ଟି ଇଭେଂଟରେ ୪୦୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଗ୍ରୁପ୍ ୧ରେ ଷଷ୍ଠ ଓ ସପ୍ତମ ଶ୍ରେଣୀ, ଗ୍ରୁପ୍ ୨ରେ ଅଷ୍ଟମ ଓ ନବମ ଶ୍ରେଣୀ, ଗ୍ରୁପ୍ ୩ରେ ଦଶମ ଓ ଏକାଦଶ ଶ୍ରେଣୀକୁ ଅନ୍ତର୍ଭୁକ୍ତ କରାଯାଇଥିଲା । 'ସୃଜନୀ' କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଜୁନ୍ ୨୨ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା । ଭର୍ଚୁଆଲ ମୋଡରେ ଆୟୋଜିତ ଏହି ଉତ୍ସବରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଂଜନା ଚୋପ୍ରା ଅଧ୍ୟକ୍ଷା ଓ ଏନ୍‌ଇଏସ୍‌ଟିଏସ୍‌ର କମିଶନର ଅସିତ ଗୋପାଳ ମୁଖ୍ୟଅତିଥି ଓ ବିଭାଗୀୟ ନିର୍ଦ୍ଦେଶିକା (ଏସ୍‌ଟି) ଗୁହା ପୁନମ ତାପସ କୁମାର ସଭା ପରିଚାଳନା କରିଥିଲେ । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଆୟୋଜିତ ଏହି 'ସୃଜନୀ' କାର୍ଯ୍ୟକ୍ରମର ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବେ ଉତ୍କଳ ସଂଗୀତ ମହାବିଦ୍ୟାଳୟର ଅଧ୍ୟାପକ ନିମକାନ୍ତ ରାଉତରାୟ, ଗୁରୁ ପଙ୍କଜ କୁମାର ପ୍ରଧାନ, ବି.କେ. କଲେଜ୍‌ର ଅଧ୍ୟାପକ ଚନ୍ଦ୍ରଶେଖର ସେଠୀ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ଅନନ୍ୟା ଆଚାର୍ଯ୍ୟ ଓ ଜୟଶ୍ରୀ ଧଳ ବିଜୟୀ ପ୍ରତିଯୋଗୀମାନଙ୍କୁ ଚୟନ କରିଥିଲେ । ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ରୂପେ ଅର୍ଥରାଶି, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଅଂଶଗ୍ରହଣକାରୀ ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା । ଭର୍ଚୁଆଲ ମୋଡ୍ ରେ ଆୟୋଜିତ ଏହି ଉଦ୍‌ଯାପନୀ ଉତ୍ସବରେ ଇଏମ୍‌ଆରଏସ୍‌ର ସମସ୍ତ ପ୍ରିନ୍‌ସିପାଲ, ଶିକ୍ଷକଶିକ୍ଷୟିତ୍ରୀଙ୍କ ସହିତ ଆଗ୍ରହୀ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଯୋଗଦାନ କରିଥିଲେ ।

# ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ପରେ ଗର୍ଭବତୀଙ୍କୁ ଟିକାକରଣ: ଚିଠି ଲେଖିଲେ ସ୍ୱାସ୍ଥ୍ୟ ଏସିଏସ୍

ଭୁବନେଶ୍ୱର,୪/୭ (ନି.ପ୍ର): ଗର୍ଭବତୀମାନଙ୍କୁ ଟିକାଦାନ ନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର । ଆବଶ୍ୟକ ଟ୍ରେନିଂ ପରେ ସେମାନଙ୍କୁ ଟିକା ଦିଆଯିବ ବୋଲି ସେ କହିଛନ୍ତି । ଏନେଇ ସବୁ ଜିଲ୍ଲାପାଳ ଓ ସିଡିଏମଓ ମାନଙ୍କୁ ପ୍ରଦୀପ୍ତ ମହାପାତ୍ର ଚିଠି ଲେଖିଛନ୍ତି । ଖୁବ୍ ଶୀଘ୍ର ଏଥିନେଇ କେନ୍ଦ୍ରର ଓରିଏଂଟେସନ୍ କାର୍ଯ୍ୟକ୍ରମ ହେବ । ଏହାପରେ ଜିଲ୍ଲାସ୍ତରରେ ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ଦିଆଯିବ । ତେଣୁ ତାଲିମ ପୂର୍ବରୁ ଗର୍ଭବତୀମାନଙ୍କୁ ଟିକା ନଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି । ଉଲ୍ଲେଖ୍ୟଯୋଗ୍ୟ ଯେ ଗର୍ଭବତୀଙ୍କୁ ଟିକା ଦେବାକୁ ଗତକାଲି କେନ୍ଦ୍ର ଅନୁମତି ଦେଇଥିଲା ।

# ଜୁଲାଇ ୧୫ରେ ପେଟ୍ରୋଲ, ଡିଜେଲ ଓ ଗ୍ୟାସ ନକିଣି ପ୍ରତିବାଦ ଜଣାଇବାକୁ କଂଗ୍ରେସର ଆହ୍ୱାନ

ଭୁବନେଶ୍ୱର,୪/୭ (ନି.ପ୍ର): କରୋନା ମହାମାରୀ ବର୍ତମାନ ସଂକଟମୟ ପରିସ୍ଥିତି ଦେଇ ରାଜ୍ୟରେ ଗତି କରୁଛି । ସାଧାରଣ ଲୋକଟିଏ ଜୀବିକା ହରାଇ ନିଜ ଜୀବନ ବଂଚାଇବା ପାଇଁ ସଂଘର୍ଷ କରୁଥିବା ବେଳେ ତୈଳଦର ଏବଂ ଅତ୍ୟାବଶକୀୟ ସାମଗ୍ରୀର ଅହେତୁକ ବୃଦ୍ଧି ବର୍ତମାନ ଲୋକଙ୍କ ଉପରେ ବେଡ଼ିଉପରେ କରୋଡ଼ା ସଦୃଶ ହୋଇଛି । ଏହାର ପ୍ରତିବାଦରେ ଆସନ୍ତା ଜୁଲାଇ ୧୫ ତାରିଖ ଦିନ ଡିଜେଲ, ପେଟ୍ରୋଲ ଓ ଗ୍ୟାସ ନ କିଣି ପ୍ରତିବାଦ ଜଣାଇବା ପାଇଁ ଭୁବନେଶ୍ୱରର ଜନସାଧାରଣଙ୍କୁ ନିବେଦନ କରିଛନ୍ତି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ବିଶ୍ୱଜିତ ଦାଶ । ଶ୍ରୀ ଦାଶଙ୍କ ସଭାପତିତ୍ୱରେ



ଅନୁଷ୍ଠିତ ଏକ ଜରୁରୀ ବୈଠକରେ ପ୍ରଦେଶ କଂଗ୍ରେସ ସଭାପତିଙ୍କ ନିରଞ୍ଜନ ପଟ୍ଟନାୟକଙ୍କ ପ୍ରସ୍ତାବକ୍ରମେ ସେ ଏହି ନିବେଦନ କରିଛନ୍ତି । ସେ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ପେଟ୍ରୋଲ ଓ ଡିଜେଲ ଉପରେ ଅହେତୁକ ଦରବୃଦ୍ଧି ଯାହାକି ୧୦୦ ଟଙ୍କାରେ ପହଂଚିଲାଣି । ଏଣୁ ଏହି ପ୍ରତିବାଦରେ ସାମିଲ ହୋଇ କେନ୍ଦ୍ର ସରକାରଙ୍କୁ ଜବାବ ଦିଅନ୍ତୁ । ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ଘରକୁ ଘର ଯାଇ ଜନସମ୍ପର୍କ ଯୋଡ଼ିବା ଦୈନ୍ୟଦିନ ସାମଗ୍ରୀ ଓ ତୈଳଦର ବୃଦ୍ଧି ପାଇଁ ରାଜ୍ୟ ଓ କେନ୍ଦ୍ରସରକାରଙ୍କ ବିରୁଦ୍ଧରେ ଜନସଚେତନ କରିବା ପାଇଁ ସାଇକେଲ ଯାତ୍ରା କରି ଅଭିନବ ଉପାୟରେ ପେଟ୍ରୋଲ ଟାଙ୍କି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ । ଏହି କାର୍ଯ୍ୟକ୍ରମ ଗୁଡ଼ିକୁ ସମ୍ମତ ଜଣାଇବା ସହିତ ସଫଳ କରିବା ପାଇଁ ପୁଙ୍ଖାନୁପଙ୍ଖ ଆଲୋଚନା କରାଯାଇ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନିଷ୍ପତି ନିଆଯାଇଛି । ଏହି ଆଲୋଚନାରେ ଅଶୋକ ଦାସ, ଏସ୍‌କେ ଅଫତାବ ଅଲ୍ଲି, ମନୋରଞ୍ଜନ ଜେନା, ମନୋରଞ୍ଜନ ବଟୁ, ଶ୍ରୀଧର ବଳିଆରସିଂ, ଦେବରାଜ ମିଶ୍ର, ଅନୁୱର ଖାନ, ବ୍ରହ୍ମାନନ୍ଦ ସାହୁ ଓ ଇନ୍ଦ୍ରଜିତ୍ ପରିଡ଼ା ପ୍ରମୁଖ ଏହି ବ୍ଲକ ସଭାପତିମାନେ ଭାଗ ନେଇ ଥିଲେ ।

# ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ଆଉ ୪୨ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର,୪/୭ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ଆଉ ୪୨ କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହା ସହିତ ରାଜ୍ୟରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୪୧୯୬କୁ ବୃଦ୍ଧି ପାଇଛି । ଗତ ୨୪ ଘଣ୍ଟା ଭିତରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୮ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି । ଅପରପକ୍ଷରେ ବରଗଡ଼ ଜିଲ୍ଲାରୁ ୫, ସୁନ୍ଦରଗଡ଼ ଜିଲ୍ଲାରୁ ୪, ଅନୁଗୁଳ, ଝାରସୁଗୁଡ଼ା, ସମ୍ବଲପୁର ଓ ଗଞ୍ଜାମ ଜିଲ୍ଲାରୁ ୩ ଜଣ ଲେଖାଏଁ ସଂକ୍ରମିତଙ୍କ ପ୍ରାଣହାନି ଘଟିଛି । ଠିକ୍ ସେହିପରି ଢେଙ୍କାନାଳ, ଜଗତସିଂହପୁର, ଯାଜପୁର, କଳାହାଣ୍ଡି, ପୁରୀ ଓ ନୟାଗଡ଼ ଜିଲ୍ଲାରୁ ୨ ଜଣ ଲେଖାଏଁ ଏବଂ କେନ୍ଦୁଝର ଜିଲ୍ଲାରୁ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୂଚନାଯୋଗ୍ୟ, ଏବେ ରାଜ୍ୟରେ ୯,୨୧,୮୯୬ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୮,୮୭,୪୨୦ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୩୦, ୨୨୭ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୨,୮୭୦ଜଣ କରୋନା ପଜିଟିଭ ଚିହ୍ନଟ: କଟକରୁ ସର୍ବାଧିକ ୪୪୦

ଭୁବନେଶ୍ୱର,୪/୭ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୨,୮୭୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୬୫୨ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୧୨୧୮ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଆଜି କଟକ ଜିଲ୍ଲାରୁ ସର୍ବାଧିକ ସର୍ବାଧିକ ୪୪୦ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୯୯ଜଣ, ବାଲେଶ୍ୱରରୁ ୨୪୦ଜଣ, ବରଗଡ଼ରୁ ୧୪ଜଣ, ଭଦ୍ରକରୁ ୧୨୮ଜଣ, ବଲାଙ୍ଗୀରରୁ ୨୯ ଜଣ, ବୌଦ୍ଧରୁ ୧୩ଜଣ, କଟକରୁ ୪୪୦ଜଣ, ଦେବଗଡ଼ରୁ ୫ ଜଣ, ଢେଙ୍କାନାଳରୁ ୮୫ଜଣ, ଗଜପତିରୁ ୭ ଜଣ, ଗଞ୍ଜାମରୁ ୧୧ ଜଣ, ଜଗତସିଂହପୁରରୁ ୧୧୨ ଜଣ, ଯାଜପୁରରୁ ୧୯୧ ଜଣ, ଝାରସୁଗୁଡ଼ାରୁ ୫ ଜଣ, କଳାହାଣ୍ଡିରୁ ୩୬ ଜଣ, କନ୍ଧମାଳରୁ ୨୫ ଜଣ, କେନ୍ଦ୍ରାପଡ଼ାରୁ ୧୫୭ଜଣ, କେଉଁଝରରୁ ୬୬ଜଣ, ଖୋର୍ଦ୍ଧାରୁ ୩୮୪ ଜଣ, କୋରାପୁଟରୁ ୬୦ଜଣ, ମାଲକାନଗିରିରୁ ୫୭ଜଣ, ମୟୁରଭଞ୍ଜରୁ ୧୬୪ଜଣ, ନବରଙ୍ଗପୁରରୁ ୩୫ ଜଣ, ନୟାଗଡ଼ରୁ ୧୦୫ଜଣ, ନୂଆପଡ଼ାରୁ ୭ଜଣ, ପୁରୀରୁ ୧୬୫ଜଣ, ରାୟଗଡ଼ାରୁ ୫୦ଜଣ, ସମ୍ବଲପୁରରୁ ୨୩ଜଣ, ସୋନପୁରରୁ ୧୦, ସୁନ୍ଦରଗଡ଼ ଜିଲ୍ଲାରୁ ୮୭ ଓ ଷ୍ଟେଟ ପୁଲରୁ ୬୦ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୯,୨୧,୮୯୬ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୮,୮୭,୪୨୦ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୩୦, ୨୨୭ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ୯ ଜିଲ୍ଲାରେ ଅଧିକ ସଂକ୍ରମଣ



ଭୁବନେଶ୍ୱର ,୪/୭ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ହାର ୪ ପ୍ରତିଶତକୁ ଖସି ଆସିଲାଣି । ହେଲେ ଉପକୂଳ ଓଡ଼ିଶାର ୯ଟି ଜିଲ୍ଲାରେ ସଂକ୍ରମଣ ହାର ଏବେ ବି ରାଜ୍ୟ ହାରଠାରୁ ଅଧିକ ରହିଛି । ଏହିସବୁ ଜିଲ୍ଲା ଦୈନିକ ସଂକ୍ରମଣ ସଂଖ୍ୟା ବୃଦ୍ଧିରେ ଲଗାତାର ଭାବେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି । ଜିଲ୍ଲାରେ ମୃତ୍ୟୁସଂଖା ମଧ୍ୟ ଅଧିକ ରହିଛି । ଯଦିଓ ରାଜ୍ୟ ସରକାର ଏସବୁ ଜିଲ୍ଲାରେ କଟକଣାକୁ ବୃଦ୍ଧି କରିଛନ୍ତି ହେଲେ ସ୍ଥିତି ସୁଧୁରିବାକୁ ଆହୁରି କିଛି ସମୟ ଲାଗିପାରେ । ଗତମାସର ୩ଦିନକୁ ବାଦ୍ ଦେଲେ କ୍ରମାଗତ ୧୫ଦିନ ଭାବେ ରାଜ୍ୟରେ ୩ହଜାରରୁ ଅଧିକ ଆକ୍ରାନ୍ତ ଚିହ୍ନଟ ହୋଇ ଆସୁଥିଲେ । ଯାହାକୁ ନେଇ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ି ଯାଇଥିଲା । ମାତ୍ର ଗତ ୨୪ଘଣ୍ଟାରେ ରାଜ୍ୟରେ ଦୈନିକ ସଂକ୍ରମଣ ୩ହଜାରରୁ ସାମାନ୍ୟ ହ୍ରାସ ପାଇଛି । ୨୯୧୭ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିରେ ଖୋର୍ଦ୍ଧାରୁ ସର୍ବାଧିକ ୫୯୪ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହାସହ କଟକ ୪୨୨, ବାଲେଶ୍ୱର ୨୩୭, ଯାଜପୁର ୨୧୮, ମୟୂରଭଞ୍ଜ ୧୬୫, ଭଦ୍ରକ ୧୬୩, ପୁରୀ ୧୩୨, ଜଗତସିଂହପୁର ୧୧୯ ଓ ଷ୍ଟେଟ୍ ପୁଲରୁ ୧୦୧ଜଣ ଚିହ୍ନଟ ହୋଇଛନ୍ତି । ରାଜ୍ୟର ୨୨ଟି ଜିଲ୍ଲାରେ ଶହେରୁ କମ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏପରିକି ୪ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦ ତଳେ ରହିଛି । ରାଜ୍ୟରେ ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ୯ଲକ୍ଷ ୧୯ହଜାର ୨୬କୁ ବୃଦ୍ଧି ପାଇଛି । ସେହିପରି ଗତ ୨୪ଘଣ୍ଟାରେ ରାଜ୍ୟରେ ସଂକ୍ରମଣ ହାର ୪.୦୮ ପ୍ରତିଶତ ରେକର୍ଡ କରାଯାଇଛି । ତେବେ ନୟାଗଡ଼, ଖୋର୍ଦ୍ଧା ଓ ଯାଜପୁରରେ ୭.୩, ଭଦ୍ରକ ୬.୯, ମୟୂରଭଞ୍ଜ ୬.୬, ବାଲେଶ୍ୱର ୬.୪, କଟକ ୬.୩, କେନ୍ଦ୍ରାପଡ଼ା ୫.୯ ଓ କେନ୍ଦୁଝରରେ ୫.୧ ପ୍ରତିଶତ ରହିଛି । ଏସବୁ ଜିଲ୍ଲା କାଟାଗୋରି 'ବି'ରେ ରହିଛି । କଟକଣା ଓ ସର୍ଭେଲାନ୍ ?ସ ସତ୍ୱେ ଏସବୁ ଜିଲ୍ଲାରେ ସଂକ୍ରମଣ ହାର କମୁନାହିଁ । ମାତ୍ର ଝାରସୁଗୁଡ଼ା ୦.୩, ବରଗଡ଼ରେ ୦.୪, ଗଜପତି ୦.୬, ନୂଆପଡ଼ା, ସୋନପୁର, ସମ୍ବଲପୁରରେ ୦.୭ ପ୍ରତିଶତ ରହିଛି । ଯାହାକି ରାଜ୍ୟର ସବୁଠାରୁ କମ୍ । ରାଜ୍ୟରେ ଆଉ ୪୫ଜଣ କରୋନାରେ ପ୍ରାଣ ହରାଇଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏଥିରେ ଖୋର୍ଦ୍ଧା ୯, ବରଗଡ଼, କଟକରେ ୫ ଲେଖାଏଁ, ଢେଙ୍କାନାଳ ୪, କୋରାପୁଟ, ସମ୍ବଲପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ଼ରେ ୩ ଲେଖାଏଁ, ପୁରୀ, ନୟାଗଡ଼ରେ ୨ ଲେଖାଏଁ, ଅନୁଗୁଳ, ଗଞ୍ଜାମ, ଝାରସୁଗୁଡ଼ା, କନ୍ଧମାଳ, କେନ୍ଦ୍ରାପଡ଼ା, ମୟୂରଭଞ୍ଜରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି । ଯାହାଫଳରେ ରାଜ୍ୟରେ ସମୁଦାୟ କରୋନା ମୃତ୍ୟୁ ୪୧୫୪ରେ ପହଞ୍ଚିଛି । ରାଜ୍ୟରେ ଆଜି ୩୧୫୮ କୋଭିଡ୍ ରୋଗୀ ସୁସ୍ଥ ହୋଇଛନ୍ତି । ରାଜ୍ୟରେ ସମୁଦାୟ ସୁସ୍ଥ ରୋଗୀଙ୍କ ସଂଖ୍ୟା ୮ଲକ୍ଷ ୮୭ହଜାର ୪୨୦କୁ ବୃଦ୍ଧି ପାଇଛି । ଅପରପକ୍ଷରେ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ୨୭,୩୯୯କୁ ଖସି ଆସିଛି । କେବଳ ବାଲେଶ୍ୱର, କଟକ ଓ ଖୋର୍ଦ୍ଧା ଜିଲ୍ଲା ରେଡ୍ ଜୋନ୍‌ରେ ରହିଛି ।

# ବିବାହ ବାର୍ଷିକୀରେ ପାରିବାରିକ ରକ୍ତଦାନ ଶିବିର

## ୬୪ ବୟସ ମଧ୍ୟରେ ୧୬୪ଥର ରକ୍ତଦାନ

ଭୁବନେଶ୍ୱର,୪/୭ (ନି.ପ୍ର): ବୟସ ୬୪ । ୬୪ ବୟସ ମଧ୍ୟରେ ୧୬୪ଥର ରକ୍ତଦାନ । ପ୍ଲେଟଲେଟ୍ ବି ୧୯ଥର ଦାନ କରିଛନ୍ତି । ଆଶ୍ଚର୍ଯ୍ୟ ଲାଗୁଥିଲେ ହିଁ ଏଭଳି ବ୍ୟକ୍ତି ଆମ ସମାଜରେ ନିଃସ୍ୱାର୍ଥ ଭାବେ ତାଙ୍କ କର୍ମ କରି ଚ୍ଵଲିଛନ୍ତି । ରକ୍ତଦାନକୁ ଜୀବନର ବ୍ରତ ରୂପେ ଗ୍ରହଣ କରି ଅନ୍ୟମାନଙ୍କ ପାଇଁ ସେ ଉଦାହରଣ ପାଲଟି ଯାଇଛନ୍ତି । ଓଡ଼ିଶାର ସେଞ୍ଚୁରିୟାନ ବ୍ଲଡ଼ ଡ଼ୋନର ରୂପେ ସେ ବେଶ୍ ପରିଚିତ । 'ରକ୍ତଦାନ, ଜୀବନ ଦାନ'ର ମହାମନ୍ତ୍ରକୁ ଆପଣାଇ ଅନ୍ୟମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ ତାଙ୍କର ଭୂମିକା ଅତୁଳନୀୟ । ସେ ବ୍ୟକ୍ତିଜଣକ ହେଉଛନ୍ତି ସ୍ମାର୍ଟନଗରୀ ଭୁବନେଶ୍ୱରର ଭୀମଟାଙ୍ଗୀ ନିବାସୀ ମଦନ ମୋହନ ପଟ୍ଟନାୟକଙ୍କ ବଡ଼ପୁତ୍ର ଗୋପୀମୋହନ ପଟ୍ଟନାୟକ । ପ୍ରତିବର୍ଷ ପରି ଚଳିତବର୍ଷ ନିଜର ୩୦ତମ ବିବାହ ବାର୍ଷିକୀ ଉତ୍ସବ ଅର୍ଥାତ୍ ଜୁଲାଇ ୪ ତାରିଖରେ ନିଜର ବନ୍ଧୁ, ଆତ୍ମୀୟସ୍ୱଜନ ମାନଙ୍କୁ ସାମିଲ କରି ଆୟୋଜନ କରିଥିଲେ ଏକ ରକ୍ତଦାନ ଶିବିର । ଭୁବନେଶ୍ୱର ୟୁନିଟ୍-୬ସ୍ଥିତ ଗଙ୍ଗନଗର କମ୍ୟୁନିଟି ହଲ୍‌ରେ ଏହି ଶିବିରକୁ ଆୟୋଜନ କରାଯାଇଥିଲା । ଶିବିରକୁ ଆନୁଷ୍ଠାନିକ ରୂପେ ପୂର୍ବତନ ସ୍ଥାନୀୟ କର୍ପୋରେଟର ଧୀରନ୍ଦ୍ର ନାଥ ବେହେରା ଉଦ୍‌ଘାଟନ କରିଥିଲେ । ମହାମାରୀ କରୋନା ପାଇଁ ନା ଥିଲା ଭୋଜିଭାତ ନା ଥିଲା କେକ୍ କଟାର ପର୍ବ । ଏହି ଅବସରରେ ଗୋପୀମୋହନ ନିଜର ସାଙ୍ଗ, ସାଥୀ, ଆତ୍ମୀୟସ୍ୱଜନ ଓ ଧର୍ମପତ୍ନୀ ଆଶାଲତାଙ୍କୁ ନେଇ ୧୬୪ଥର ରକ୍ତଦାନକୁ ପୂରଣ କରିଥିଲେ । ୟୁନିଟ୍-୬ସ୍ଥିତ କ୍ୟାପିଟାଲ ହସ୍ପିଟାଲ ରକ୍ତ ଭଣ୍ଡାରର ନିର୍ଦ୍ଦେଶକ ଡା. ଦେବାଶିଷ ମିଶ୍ର, ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ, ସାମାଜିକ କର୍ମୀ କୈଳାସ ଚନ୍ଦ୍ର ପାତ୍ର, ରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ଈଶ୍ୱରଙ୍କ ନିକଟରେ ଗୋପୀମୋହନଙ୍କ ଦୀର୍ଘାୟୁ କାମନା କରିବା ସହ ଶୁଭେଚ୍ଛା ଜଣାଇଥିଲେ । ସୂଚନାଯୋଗ୍ୟ ୨୦୦୪ ମସିହାରୁ ଗୋପୀମୋହନ ରାଜ୍ୟର ସର୍ବପ୍ରଥମ ପାରିବାରିକ ରକ୍ତଦାନ ଶିବିର ଆରମ୍ଭ କରିଥିଲେ । ଏତଦ୍‌ସହ ୨୫୦୦ରୁ ଊର୍ଦ୍ଧ୍ୱ ରକ୍ତଦାନ ଶିବିର ଆୟୋଜନ କରିସାରିଲେଣି । ଶିବିରରେ ଗୋପୀମୋହନଙ୍କ ବନ୍ଧୁ ମାନସ ରଞ୍ଜନ ପଟ୍ଟନାୟକ, ପ୍ରିତିଶ ମିଶ୍ର, ସ୍ମୃତି ରଞ୍ଜନ ମହାପାତ୍ର, ବିଭୂତି ମହାପାତ୍ର, ନିଳୟମ ଷଡ଼ଙ୍ଗୀ, ଆଦିତ୍ୟ ନାରାୟଣ ରାଉତ, ଭବାନୀ ପ୍ରସାଦ ନନ୍ଦ, ଦୃତି ସୁନ୍ଦର ରାଉତ ପ୍ରମୁଖ ରକ୍ତଦାନ କରି ନିଜର ସାମାଜିକ କର୍ତ୍ତବ୍ୟକୁ ନିଷ୍ଠାର ସହ ପାଳନ କରିଥିବାର ଜଣାପଡ଼ିଛି । ଶିବିରରୁ ସର୍ବମୋଟ ୧୨ ୟୁନିଟ୍ ରକ୍ତ ସଂଗୃହିତ କରାଯାଇଥିଲା ।

# ଗ୍ରୀନ୍ ୱାଲଡ଼୍ ଟ୍ରଷ୍ଟର ମିଶନ ଗ୍ରୀନ୍-୨୧

## ଲବଣଗିରି ପାହାଡ଼ରେ ୨ଶହ ଚାରା ରୋପଣ ରୋପଣ

ଭୁବନେଶ୍ୱର,୪/୭ (ନି.ପ୍ର): ଗ୍ରୀନ୍ ୱାଲ୍‌ଡ ଟ୍ରଷ୍ଟ ପକ୍ଷରୁ ଆରମ୍ଭ ହୋଇଛି ମିଶନ ଗ୍ରୀନ୍-୨୧ । ଚଳିତ ବର୍ଷ ୧ହଜାର ବୃକ୍ଷ ଲଗାଇ ଏହାକୁ ବଂଚାଇବା ଲକ୍ଷଙ୍କର ଅନୁଷ୍ଠାନ ପକ୍ଷରୁ ବୋତଣ୍ଡା ନିକଟ ଲବଣଗିରି ପାହାଡ଼ରେ ୨ଶହ ଚାରା ରୋପଣ କରାଯାଇଥିଲା । ଟ୍ରଷ୍ଟର ଅଧ୍ୟକ୍ଷ ନୃପେଶ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ । ଏଥିରେ ଅନ୍ୟ ଅତିଥି ଭାବେ କ୍ୟାପ୍‌ଟେନ୍ ମନ୍ମଥ ରାଉତରାୟ, ରୋଟାରୀ କ୍ଲବ କଳିଙ୍ଗର ସଭାପତି ଆର୍ ଏନ୍ ପଟ୍ଟନାୟକ, ରେଟାରୀ ଇନରହ୍ୟୁଲ୍‌ର ସମ୍ପାଦିକା ମମତା ରଥ, ସମାଜସେବୀ ହାଡ଼ିବନ୍ଧୁ ପଟ୍ଟନାୟକ, ସ୍ଥାନୀୟ ଅଂଚଳର ବହୁ ମୁରବୀ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ । ଏହି ଗଛକୁ ବଚାଂଇ ରଖିବା ପାଇଁ ପ୍ରତିଦିନ ପାଣି ଦିଆଯିବା ବ୍ୟବସ୍ଥା କରାଯାଇଛି ବୋଲି କୁହାଯାଇଛି ।



## ୪ କରୋନାଯୋଦ୍ଧା ସଂକ୍ରମିତ

ଜଳେଶ୍ୱର ୪/୭(ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକରେ କରୋନା ସଂକ୍ରମଣ କମୁନଥିବା ବେଳେ ୪ ଜଣ କରୋନାଯୋଦ୍ଧା ସଂକ୍ରମିତ ହୋଇଛନ୍ତି । ନାମ୍ପୋ ଡାକ୍ତରଖାନାର ଆୟୁଷ ଡାକ୍ତର ଦେବବ୍ରତ ମିଶ୍ର, ଛମୌଜ ଡାକ୍ତରଖାନାରେ ଆୟୁଷ ଡାକ୍ତର ସତ୍ୟବ୍ରତ ଦେ, ଓ ଫାର୍ମାସିଷ୍ଟ ଶ୍ରୀକାନ୍ତ ପ୍ରଧାନ ଏବଂ ପଥରପୁରା ସବ୍‌ସେଣ୍ଟରର ଆଶା ଦିଦି କରୋନା ସଂକ୍ରମିତ ହୋଇ ଚିକିତ୍ସିତ ହେଉଛନ୍ତି । ୩ ଦିନ ତଳେ ସୀମାକୁ ଲାଗି ସୁଗୋ ଗ୍ରାମରେ ୨୧ଜଣ ଓ ନାମ୍ପୋ ଗ୍ରାମରେ ୯ଜଣଙ୍କ ପଜେଟିଭ୍ ବାହାରି ଥିଲା । ସୀମା ସିଲ ମୁକୁଳା ପଡିଥିବାରୁ ବହୁ ପଶ୍ଚିମବଂଗ ସଂକ୍ରମିତ ତଥା ଅମାନିଆମାନେ ଜଳେଶ୍ୱର ବ୍ଲକକୁ ପଶିଆସୁଥିବା ଜଣାଯାଇଛି । ଫଳରେ ବୁଦ୍ଧିଜିବୀ ମହଲରେ ଭାଳେଣି ପଡିଛି ।

## କରୋନା ପଜିଟିଭ୍ ଚିହ୍ନଟ ପରେ ଏମସ୍‌ରେ ବିଷ୍ଣୁ ସେଠୀ

ଭୁବନେଶ୍ୱର,୦୪/୦୭ (ନି.ପ୍ର): ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ ଅସୁସ୍ଥ ଅଛନ୍ତି। କରୋନାରେ ଆକ୍ରାନ୍ତ ହୋଇଥିବା ଶ୍ରୀ ସେଠୀଙ୍କୁ ରବିବାର ସକାଳ ପ୍ରାୟ ସାଢ଼େ ୧୦ଟା ବେଳେ ଭୁବନେଶ୍ୱର ସ୍ଥିତ ଏମ୍‌ସରେ ଭର୍ତି କରାଯାଇଛି। ଏମ୍‌ସ ଅଧୀକ୍ଷକ ଡାକ୍ତର ସଚ୍ଚିଦାନନ୍ଦ ମହାନ୍ତି କହିଛନ୍ତି ଯେ ତାଙ୍କୁ ଏକ ପ୍ରାଇଭେଟ୍ କ୍ୟାବିନ୍‌ରେ ରଖାଯାଇଛି। ବର୍ତ୍ତମାନ ତାଙ୍କର ଅବସ୍ଥା ଭଲ ଅଛି। ତାଙ୍କର ସମସ୍ତ ପ୍ରକାର ଟେଷ୍ଟ କରାଯିବ। ଏହା ସହିତ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତାଙ୍କର ଚିକିତ୍ସା କରାଯିବ ବୋଲି ସେ କହିଛନ୍ତି।

## କେନ୍ଦ୍ରାପଡାରେ ୩ ଦିନରେ ଦିଆଯିବ ୩୬ ହଜାର ଲୋକଙ୍କୁ ଟିକା

କେନ୍ଦ୍ରାପଡ଼ା,୦୪/୦୭ (ନି.ପ୍ର): କେନ୍ଦ୍ରାପଡା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରାୟ ୪ଲକ୍ଷ ଟୀକା ଦେବାପରେ ଏବେ ଟୀକା ଅଭାବରୁ ମଙ୍ଗଳବାର ଠାରୁ ଶନିବାର ପର୍ଯ୍ୟନ୍ତ ୪ ଦିନ ହେଲା ଟୀକାକରଣ ବନ୍ଦ ରହିଥିଲା । ରବିବାର ଠାରୁ ଜିଲ୍ଲାର ୮୦ ଟି କେନ୍ଦ୍ରରେ ଏହି ଟୀକାକରଣ ଅଭିଯାନ ଆରମ୍ଭ ହେଇଛି । ରବିାବର, ସୋମବାର ଏବଂ ମଙ୍ଗଳବାର ୩୬ ହଜାର ଲୋକଙ୍କୁ ଟୀକା ଦିଆଯିବ । ଏହି ଟୀକାକରଣରେ ୧୮ ରୁ ୪୪ ଏବଂ ୪୫ ରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ମାନଙ୍କୁ ଟୀକା ଦିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡିଛି ।

# ନବ ନିର୍ମିତ ଉଦ୍ୟାନ ବିଭାଗ ଗୃହ ବର୍ଷବର୍ଷ ଧରି ଅଧାପନ୍ତରିଆ ଭାବେ ପଡ଼ିରହିଛି

ଭଦ୍ରକ,୦୪/୦୭ (ନି.ପ୍ର): ଗ୍ରାମାଂଚଳରେ ବସବାସ କରୁଥିବା କୃଷକ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ସହ ତାଙ୍କର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ସରକାର ବହୁମୁଖି ଯୋଜନା ପ୍ରସ୍ତୁତ କରିଛନ୍ତି । ବନ୍ତ ବ୍ଲକ ତରଫରୁ ଗଣିଜାଙ୍ଗ ଠାରେ ଉଦ୍ୟାନ ବିଭାଗକୁ ସ୍ଥାପନ କରିଛନ୍ତି । ଏହି ବିଭାଗ ପକ୍ଷରୁ ଉକ୍ତ ଅଂଚଳରେ ଉଦ୍ୟାନ ବିକାଶ ସହ କୃଷକ ମାନଙ୍କୁ ଆତ୍ମନିର୍ଭର ପାଇଁ ବିଭିନ୍ନ ଉନ୍ନତ କିଷମର ଫଳଚାରା ଉତ୍ପାଦନ କେନ୍ଦ୍ର ପ୍ରସ୍ତୁତ କରିଛନ୍ତି । ଏହି ବିଭାଗ ର ଉନ୍ନତି ପାଇଁ ସ୍ଥାୟୀ ପକ୍କା ଗୃହ ଠିକାଦାରଙ୍କ ଦ୍ୱାରା ୧୫ଲକ୍ଷ ଟଙ୍କାରେ ନିର୍ମିତ ହୋଇଥିଲା । ହେଲେ ସଂପୃକ୍ତ ଠିକାଦାର ଉକ୍ତ ଗୃହ ନିର୍ମାଣ କରି ତାହାକୁ ଅଧାପନ୍ତରିଆ ଭାବେ ପକାଇ କାର୍ଯ୍ୟବନ୍ଦ କରିଛନ୍ତି । ଉକ୍ତ ଗୃହ କିଛିବର୍ଷ ହେବ ନିର୍ମିତ ହୋଇ ଥିଲେ ମଧ୍ୟ ଲାଟିନ ନିର୍ମାଣ ସହ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ । ଫଳରେ ଏହା ଅଧାପନ୍ତରିଆଭାବେ ପଡ଼ିରହିଛି । ଏବିଷୟରେ ଉକ୍ତ ବିଭାଗରେ ଥିବା କର୍ମଚାରୀ ଙ୍କୁ ପଚାରିବାରୁ ସେ ଉକ୍ତ ଗୃହକୁ ନିର୍ମାଣ କରିଥିବା ଠିକାଦାର ଏହାକୁ ସଂପୂର୍ଣ୍ଣ ନକରି କାର୍ଯ୍ୟ ଛାଡ଼ି ଦେଇ ଯାଇଛନ୍ତି । ଅନ୍ୟପକ୍ଷରେ ଉକ୍ତ ଗୃହକୁ ବ୍ୟବହାର ପାଇଁ ଅନୁମତି ଦିଆଯାଇନ ଥିବାର ସେ ପ୍ରକାଶ କରିଛନ୍ତି । ସରକାର ଙ୍କର ବହୁ ଅର୍ଥରେ ନିର୍ମିତ ହୋଇଥିବା ଏହି କାର୍ଯ୍ୟାଳୟ ଅସମ୍ପୂର୍ଣ ହୋଇ ପଡ଼ି ଏହାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇ ପାରି ନ ଥିବାରୁ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଯାଉଛି । ବନ୍ତ ବ୍ଲକ ର ଏହା ଏକମାତ୍ର ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ଥିବାରୁ ଓ ଉକ୍ତ କେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଚାରା ନରହୁଥିବାରୁ ବହୁ ଦୂରଦୂରାନ୍ତରରୁ ବିଭିନ୍ନ ଚାଷୀ ଆସି ଏହାର ସୁଫଳପାଇବାର ଅଭିଯୋଗ ହେଉଛି । ଭୟାଭୟ କରୋନା ସମୟରେ ଆତ୍ମନିର୍ଭରଶୀଳ ପାଇଁ ଚାଷୀ ମାନଙ୍କୁ ଉନ୍ନତ କିଷମର ଫଳଚାଷ ବିଷୟରେ ସଠିକ ସୂଚନା ଓ ପରାମର୍ଶ ଦେବାସହ ଫଳଚାରା ବଂଟନକଲେ ଏହାର ପ୍ରକୃତ ଉର୍ଦ୍ଦେଶ୍ୟ ସାଧିତ ହୋଇପାରନ୍ତା ବୋଲି ଦାବି ହେଉଛି ।

# କୋଡଗମ୍ଭୀର ମହାରଣା ସାହି ରାସ୍ତା ମରାମତି କରିବାକୁ ପ୍ରଶାସନ ପାଖରେ ଦାବି

ଭଦ୍ରକ,୦୪/୦୭(ନି.ପ୍ର): ଭଦ୍ରକ ବ୍ଲକ୍ କୋଡବରୁଆଁ ପଂଚାୟତ ଦେଇ ଯାଇଥିବା ଚରମ୍ପାରୁ ସାବରଙ୍ଗ ଆରଡି ରୋଡ୍ କୋଡଗମ୍ଭୀର ମହାରଣା ସାହି ଛକ ନିକଟରେ ରାସ୍ତାଟି ବାତ୍ୟା ୟାସ୍ ପରଠାରୁ ବଡ ଖାଲ ସୃଷ୍ଟି ହୋଇଛି । ଏହି ରାସ୍ତା ଦେଇ ପ୍ରତିଦିନ ୫ ଖଣ୍ଡ ଗ୍ରାମର ଯଥା କୋଡଗମ୍ଭୀର, ପଲ୍ଲୀ, ପଗଡ, କ୍ଷୀରସାହି, ଆଟୋ ଗାଁର ଜନସାଧାରଣ ନୀତିଦିନ ନିଜ କର୍ମ ପଥକୁ ଯିବାଆସିବା ସହିତ ଚରମ୍ପା ବଜାରକୁ ଯାତାୟତ କରନ୍ତି । ଏହି ରାସ୍ତାଟି ଦୀର୍ଘଦିନ ହେବ ଖରାପ ଥିବାରୁ ଜନସାଧାରଣ ଯିବାଆସିବାରେ ବହୁ ଅସୁବିଧା ସହିତ ଦୁର୍ଘଟଣାରେ ସମ୍ମୁଖୀନ ହେବାକୁ ପଡୁଛି । ତେଣୁ ଭଦ୍ରକ ଜିଲା ପ୍ରଶାସନ ଏହି ଘଟଣାକୁ ଦୃଷ୍ଟି ଆକର୍ଷଣ କରି ରାସ୍ତାଟିକୁ ମରାମତି କରିବାକୁ କୋଡଗମ୍ଭୀର ଗ୍ରାମର ସାମାଜିକ ସଂଗଠନ ସମ୍ଭବ ଫାଉଣ୍ଡେସନର ସଭାପତି ରଘୁରାମ ଜେନାଙ୍କ ସହିତ ଜନସାଧାରଣ ଦାବି କରିଛନ୍ତି ।

# ମୟୂରଭଞ୍ଜ ସାହିତ୍ୟ ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ବାରିପଦା,୦୪/୦୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ବିଶିଷ୍ଟ ସାରସ୍ୱତ ସାଧକ ତଥା ପାଂଚପୀଢ କରଞ୍ଜିଆ ଅଂଚଳର ସୃଜନୀ ମହକ ଶ୍ରୀକୃଷ୍ଣ ସାମଲ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ସଂଘମିତ୍ରା ମହାନ୍ତିଙ୍କ ବିୟୋଗରେ ଆଜି ମୟୂରଭଞ୍ଜ ସାହିତ୍ୟ ପରିଷଦ ତରଫରୁ ଗୁଗଲମିଟ୍ ଜରିଆରେ ଏକ ଭରଚୁଆଲ୍ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା । ସଭାରେ ପରିଷଦର ସଭାପତି ପଦ୍ମନାଭ ସାହୁ ପୌରହିତ୍ୟ କରିଥିବା ବେଳେ, ପ୍ରଥମେ ଦୁଇ ଦିବଂଗତ ଆତ୍ମାଙ୍କ ସଦଗତି ନିମନ୍ତେ ନୀରବ ପ୍ରର୍ଥନା କରାଯାଇଥିଲା । ପ୍ରର୍ଥନା ପରେ ସାହିତ୍ୟ ପରିଷଦର ଆଜୀବନ ସଦସ୍ୟ ଶ୍ରୀକୃଷ୍ଣ ସାମଲ ଓ ପରମ ହିତୈଷୀ ପ୍ରଫେସର ମହାନ୍ତିଙ୍କ ଭାଷାପ୍ରୀତି ଏବଂ ସାହିତ୍ୟ ଅନୁରାଗ ଉପରେ ଆଲୋକପାତ କରିଥିଲେ । ଭରଚୁଆଲ୍ ଶୋକସଭାରେ ଜିଲ୍ଲା ଓ ଜିଲ୍ଲା ବାହାରୁ ସର୍ବଶ୍ରୀ ଡ. ଭାଗବତ ପ୍ରସାଦ ଲେଙ୍କା, ସତ୍ୟରଞ୍ଜନ ସାମଲ, ଡ. ପ୍ରଣତି ବାରିକ, ଆଧ୍ୟାପକ ସୁନୀଲ କୁମାର ଜେନା, ଶଙ୍କର ଜେନା, ଡ. ସୁଜାତା ଓତା, ଗୀତାଞ୍ଜଳି କର, ଡ. ଦୀନବନ୍ଧୁ ଭଞ୍ଜ, ଆଶିଷ କୁମାର ବଶା, ଅଜୟ କୁମାର ପାଳ, ଅଜିତ କୁମାର କବାଟ, ସୁଶ୍ରୀ କାବେରୀ ମିଶ୍ର, ରାଜଲକ୍ଷ୍ମୀ ତ୍ରିପାଠୀ, ବାସନ୍ତୀ ଲତା ମହାପାତ୍ର, କୈବଲ୍ୟ ପ୍ରସାଦ ମହାପାତ୍ର, ଡ଼. ଶଶୀଧର ବିଶ୍ୱାଳ, ଡ. ସ୍ନେହଲତା ବେହେରା, ସତୀଶ ଚନ୍ଦ୍ର ବେହେରା, ଗୋକୁଳ ଚନ୍ଦ୍ର ଦାସ, ଭଗବତୀ ଦାଶ, ସୁକନ୍ୟା ବାନାର୍ଜୀ ଓ ମମତା ରାଣୀ ମିଶ୍ର ପ୍ରମୁଖ ବହୁ ସାରସ୍ୱତ ସାଧକ ଯୋଗଦେଇ ଦୁଇ ସାହିତ୍ୟ ଅନୁରାଗୀଙ୍କ ସ୍ମୃତିଚାରଣ ସହିତ ଦିବଂଗତ ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସାହିତ୍ୟ ପରିଷଦର କୋଷାଧ୍ୟକ୍ଷ ଅଧ୍ୟାପକ ସମରେନ୍ଦ୍ର କୁମାର ବଶା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ଉପସଭାପତି ଜୟନ୍ତ କୁମାର ଦ୍ୱାରୀ ଧନ୍ୟବାଦ ଦେଇଥିଲେ ।

# ବୈଷ୍ଣବ ମହାନ୍ତିଙ୍କ ପରଲୋକରେ ପାରାଦ୍ୱୀପ ଖବର କାଗଜ ବିତରକ ସଂଘର ଶୋକ ସଭା



ପାରାଦ୍ୱୀପ,୦୪/୦୭ (ନି.ପ୍ର): ପାରାଦ୍ୱୀପ ବନ୍ଦର ର ଅବସରପ୍ରାପ୍ତ କର୍ମଚାରୀ ତଥା ସମାଜ ଖବର କାଗଜ ପ୍ରସାରଣ ସହ ଦୀର୍ଘ ୪ ଦଶନ୍ଧି ଧରି ଜଡିତ ଥିବା ବୈଷ୍ଣବ ଚରଣ ମହାନ୍ତିଙ୍କ ଶନିବାର ପ୍ରତ୍ୟୁଷରେ ପରଲୋକ ହୋଇଯାଇଛି । ତାଙ୍କ ବିୟୋଗରେ ନିଜ ଜନ୍ମମାଟି କୁଜଙ୍ଗ ର ଏରସମା ବ୍ଲକ ଅନ୍ତର୍ଗତ ବାମଦେଇପୁର ଗ୍ରାମରେ ଏବଂ ତାଙ୍କ କର୍ମସ୍ଥଳୀ ପାରାଦ୍ୱୀପ ରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ ମହାନ୍ତି ଜଣେ ଧାର୍ମିକ, ବନ୍ଧୁ ବତ୍ସଳ ଓ ପରୋପକାରୀ ବ୍ୟକ୍ତି ଥିଲେ । ସେ ପାରାଦ୍ୱୀପ ଜଗନ୍ନାଥ ମନ୍ଦିର, ପାରାଦ୍ୱୀପ ଖବରକାଗଜ ବିତରକ ସଂଘ, ପାରାଦ୍ୱୀପ ବନ୍ଦର ଅବସରପ୍ରାପ୍ତ କର୍ମଚାରୀ ସଂଘ ସମେତ ବିଭିନ୍ନ ଅନୁଷ୍ଠାନ ସହ ଜଡିତ ଥିଲେ । ତାଙ୍କ ବିୟୋଗରେ ପାରାଦ୍ୱୀପ ଖବର କାଜଗ ବିତରକ ସଂଘ ପକ୍ଷରୁ ବଡପଡିଆ ବସଷ୍ଟାଣ୍ଡ ଠାରେ ରବିବାର ସକାଳେ ଏକ ଶୋକ ସଭାର ଆୟୋଜନ କରାଯାଇଥିଲା । ସଂଘର ସଭାପତି ନିମାଇଁ ଚରଣ ମହାପାତ୍ର ଙ୍କ ଅଧକ୍ଷତାରେ ଆୟୋଜିତ ଶୋକ ସଭାରେ ପାରାଦ୍ୱୀପ ର ପୂର୍ବତନ ପୌରାଧକ୍ଷ ତଥା ବିଜେଡି ସଭାପତି ବସନ୍ତ କୁମାର ବିଶ୍ୱାଳ ଯୋଗଦେଇ ସ୍ୱର୍ଗତ ବୈଷ୍ଣବ ମହାନ୍ତିଙ୍କ କର୍ମମୟ ଜୀବନ ଓ ବିଭିନ୍ନ ଅନୁଷ୍ଠାନ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ କହିଥିଲେ । ଏହି ଶୋକ ସଭାରେ ସ୍ଥାନୀୟ ଅଞ୍ଚଳର ବହୁ କାର୍ଯ୍ୟରତ ସାମ୍ବାଦିକ ଙ୍କ ସମେତ ବିତରକ ସଂଘର ସମ୍ପାଦକ ବାଳ କୃଷ୍ଣ ସୁତାର, ସଭ୍ୟ ପ୍ରଦୀପ ଜେନା, ବାବୁଲି ନାଉରୀ, ଦୀପକ ସାହୁ, ନବ ଦାସ, ସୁଭ ପ୍ରଧାନ, ଜଗନ୍ନାଥ ଦାସ, ବଳରାମ ବେହେରା ଏବଂ ସମସ୍ତ ସଭ୍ୟ ଶୋକ ବ୍ୟକ୍ତ କରିବା ସହ ତାଙ୍କର ଆତ୍ମର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ । ସୂଚନାଥାଉକି ବିତରକ ସଂଘର ଅନୁରୋଧ କ୍ରମେ ସ୍ୱର୍ଗତ ବୈଷ୍ଣବ ମହାନ୍ତିଙ୍କ ସମାନାର୍ଥେ ରବିବାର ଗୋଟିଏ ଦିନ ପାଇଁ ପାରାଦ୍ୱୀପ ରେ ଖବର କାଗଜ ବିତରଣ ବନ୍ଦ ରହିଥିଲା ।

## ଧର୍ମପରାୟଣା ମହିଳାଙ୍କ ପରଲୋକ



ବାଲିଆପାଳ,୦୪/୦୭ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଉଳା ପଂଚାୟତ ବିରପାଲିଆ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ଶିବପ୍ରସାଦ ଭୂୟାଁଙ୍କର ଧର୍ମପତ୍ନୀ ଗୌରୀ ମଣୀ ଭୂୟାଁ(୯୨)ବର୍ଷଙ୍କର ଶନିବାର ସଂଧ୍ୟାରେ ପରଲୋକ ହୋଇଯାଇଛି । ଦୀର୍ଘ ଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ୪ ଜଣ ପୁଅ ବଡପୁଅ ବ୍ରଜକିଶୋର, ବୀରକିଶୋର, ରାଜକିଶୋର ଓ ଡ.ନନ୍ଦକିଶୋର, ପୁତ୍ରବଧୂ, ଝିଅ ଜ୍ୱାଇଁ ଓ ନାତି ନାତୁଣୀ ମାନେ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇଁ ସ୍ଥାନୀୟ ଅଂଚଳର ବହୁ ମାନ୍ୟଗନ୍ୟ ବ୍ୟକ୍ତି ତାଙ୍କ ବାସଗୃହରେ ପହଂଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଗୌରୀମଣି ଜଣେ ଧର୍ମପରାୟାଣା, ଉଦାର ହୃଦୟା, ସହନଶୀଳା ମହିଳା ଥିଲେ । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

## ତୃତୀୟ ଲହର ମୁକାବିଲା ପାଇଁ ପ୍ରସ୍ତୁତ : ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୦୪/୦୭(ନି.ପ୍ର): କରୋନାର ସମ୍ଭାବ୍ୟ ତୃତୀୟ ଲହର ମୁକାବିଲା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଜୋରଦାର୍ ପ୍ରସ୍ତୁତି କରିଛି । ଗତ ୧୭ ତାରିଖରୁ ପ୍ରସ୍ତୁତ ଏସଓପିରେ ତୃତୀୟ ଲହର ପାଇଁ ସବୁ ଜିଲ୍ଲାପାଳ, ମେଡିକାଲ କଲେଜ, ମ୍ୟୁନିସିପାଲ କମିଶନରଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ, ଶିଶୁଙ୍କୁ ତୃତୀୟ ଲହର ବେଶି ପ୍ରଭାବିତ କରିପାରେ । ତେଣୁ ସବୁ ଡାକ୍ତର ଓ ନର୍ସଙ୍କୁ ଏହାର ମୁକାବିଲା କରିବାକୁ ସ୍ୱତନ୍ତ୍ର ଟ୍ରେନିଂ ଦିଆଯାଇଛି । ୧୦ଟି ଆଇସୋଲେସନ ବେଡ୍, ସିଏଚସିୟୁର ୨ରୁ ୪ଟି ବେଡ୍ ଓ ୬୪ଟି ଏନଆଇସିୟୁ ବେଡ୍ ପ୍ରସ୍ତୁତ ରଖିବାକୁ କୁହାଯାଇଛି । ଭିମସାର ଏନଆଇସିୟୁରେ ୨୦ ବେଡ୍, ଏସସିବିରେ ୧୦, ବାଲେଶ୍ୱର ଏଫ.ଏମ୍.ରେ ୧୦ ବେଡ୍ ସଂରକ୍ଷିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ରାଜ୍ୟରେ ଗତ ୨୪ ଘଂଟାରେ....

ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୮ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ବରଗଡ ଜିଲ୍ଲାରେ ୫ ଜଣ ମୃତ୍ୟୁବରଣ କରିଛନ୍ତି । ସୁନ୍ଦରଗଡ ଜିଲ୍ଲାରେ ୪ ଜଣ ମୃତ୍ୟବରଣ କରିଛନ୍ତି । ଅନୁଗୁଳ. ଗଂଜାମ, ଝାରସୁଗୁଡା ଓ ସମ୍ବଲପୁର ଜିଲ୍ଲାରେ ୩-୩ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ଢେଙ୍କାନାଳ.ଜଗତସିଂହପୁର, ଯାଜପୁର, କଳାହାଣ୍ଡି, ନୟାଗଡ ଓ ପୁରୀ ଜିଲ୍ଲାରେ ୨-୨ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି। କେନ୍ଦୁଝର ଜିଲ୍ଲାରେ ଜଣେ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି ।

## ନଭେମ୍ବରରେ ଆସିପାରେ ....

ପ୍ରଫେସର ମନିନ୍ଦ୍ର ଅଗ୍ରୱାଲଙ୍କ ନେତୃତ୍ୱରେ ପ୍ରସ୍ତୁତ ମଡେଲ ଅନୁସାରେ ଅତି ଖରାପ ସ୍ଥିତି ଆସିଲେ ବି ଅକ୍ଟୋବରରୁ ନଭେମ୍ବର ମଧ୍ୟରେ ସର୍ବାଧିକ ଦୈନିକ ୨ଲକ୍ଷ ଲୋକ ସଂକ୍ରମିତ ହୋଇପାରନ୍ତି । ଏଥିସହ କୋଭିଡ୍ ଗାଇଡଲାଇନ କଡ଼ାକଡ଼ି ପାଳନ କରିବାକୁ କାନପୁର ଆଇଆଇଟି ମଡେଲରେ କୁହାଯାଇଛି ।

## ୭ ଜିଲ୍ଲାରେ ପ୍ରବଳ ବର୍ଷା....

ଝାରସୁଗୁଡ଼ା ଏବଂ ନବରଙ୍ଗପୁର ଜିଲ୍ଲାର ଗୋଟିଏ ୨ଟି ସ୍ଥାନରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି । ଏ ନେଇ ଆଂଚଳିକ ପାଣିପାଗ ବିଭାଗ ପକ୍ଷରୁ ଏହିସବୁ ଜିଲ୍ଲା ଗୁଡିକୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି । ୫ ତାରିଖ ସକାଳ ଠାରୁ ୬ ତାରିଖ ସକାଳ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୁରଭଂଜ, ନବରଙ୍ଗପୁର, ମାଲକାନଗିରି, କୋରାପୁଟ, କନ୍ଧମାଳ , ଢେଙ୍କାନାଳ ଓ ବୌଦ୍ଧ ଜିଲ୍ଲାରେ ଗୋଟିଏ ୨ଟି ସ୍ଥାନରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

## ଅସହ୍ୟ ହେଲାଣି ତେଲ....

ଟଙ୍କାରେ ପହଂଚିଛି । ଆଜିର ପେଟ୍ରୋଲ ଓ ଡିଜେଲର ଦାମ ବୃଦ୍ଧି ପରେ ଦେଶର ଅଧିକାଂଶ ସହରରେ ପେଟ୍ରୋଲ ଲିଟର ପ୍ରତି ୧୦୦ ଟଙ୍କା ପାର କରିଥିବା ବେଳେ ଅନେକ ସହରରେ ଡିଜେଲ ବି ଶତକ ମାରି ସାରିଛି । ମେ ମାସରୁ ଜୁଲାଇ ମାସ ମଧ୍ୟରେ ପେଟ୍ରୋଲ ଲିଟର ପ୍ରତି ପାଖା ପାଖି ୧୦ ଟଙ୍କା ବୃଦ୍ଧି ହୋଇଛି । ଏହାସହ ଡିଜେଲ ଲିଟର ପିଛା ବି ୬୦ ଦିନ ମଧ୍ୟରେ ୮.୬୩ ପଇସା ବୃଦ୍ଧି ହୋଇଛି । ଅନ୍ତର୍ଜାତୀୟ ତୈଳ ବଜାରରେ ଅଶୌଧିତ ତୈଳମୂଲ୍ୟ ବିଶେଷ ବୃଦ୍ଧି ଘଟି ନଥିଲେ ବି ଭାରତରେ କାହିଁକି ଅହେତୁକ ଭାବେ ତୈଳଦର ବୃଦ୍ଧି କରାଯାଉଛି ସେନେଇ ନା ସରକାର ନା ତୈଳ କମ୍ପାନୀ କେହି ବି ଉପଭୋକ୍ତାଙ୍କୁ ସଠିକ୍ କାରଣ କହିବାକୁ ପ୍ରସ୍ତୁତ ନାହାନ୍ତି ।

# ଗୋଟିଏ ଦିନରେ ୨୮୭୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୪/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୮୭୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୨୧୮୯୬ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୮୮୭୪୨୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୩୦୨୨୭ ରହିଛି । ଆଜି ଚିହ୍ନଟ ହୋଇଥିବା ୨୮୭୦ ଜଣଙ୍କ ମଧ୍ୟରୁ ୧୬୫୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୨୧୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକରୁ ସବୁଠାରୁ ଅଧିକ ୪୪୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୯୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୪୦ ଜଣ, ବରଗଡ଼ରୁ ୧୪ ଜଣ, ଭଦ୍ରକରୁ ୧୨୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୩, କଟକରୁ ୪୪୦, ଦେବଗଡ ଜିଲ୍ଲାରୁ ୫ ଜଣ, ଢେଙ୍କାନାଳ ଜିଲ୍ଲାରୁ ୮୫ଜଣ, ଗଜପତି ଜିଲ୍ଲାରୁ ୭ , ଗଞ୍ଜାମରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୧୨ ଜଣ, ଯାଜପୁରରୁ ୧୯୧ ଜଣ, ଝାରସୁଗୁଡ଼ାରୁ ୦୫ ଜଣ, କଳାହାଣ୍ଡିରୁ ୩୬ ଜଣ, କନ୍ଧମାଳ ଜିଲ୍ଲାରୁ ୨୫ ଜଣ. କେନ୍ଦ୍ରାପଡ଼ାରୁ ୧୫୭ ଜଣ, କେନ୍ଦୁଝରରୁ ୬୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୩୮୪ ଜଣ, କୋରାପୁଟରୁ ୬୬ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୬୪ ଜଣ, ନବରଙ୍ଗପୁରରୁ ୩୫ ଜଣ, ନୟାଗଡ଼ରୁ ୧୦୫ ଜଣ, ନୂଆପଡ଼ାରୁ ୭ ଜଣ, ପୁରୀରୁ ୧୬୫ ଜଣ, ରାୟଗଡ଼ାରୁ ୫୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୨୩ ଜଣ, ସୋନପୁରରୁ ୧୦ ଜଣ, ସୁନ୍ଦରଗଡ଼ରୁ ୮୭ ଜଣ ଓ ଷ୍ଟେଟ୍ ପୁଲରୁ ୬୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ରଥପାଇଁ ପଥ ପ୍ରସ୍ତୁତ : ସଜେଇ ହେଉଛି ଗୁଣ୍ଡିଚା ମନ୍ଦିର

ପୁରୀ,୦୪/୦୭ (ନି.ପ୍ର): ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ରାଜ୍ୟ ଓ ଜିଲା ପ୍ରଶାସନ ସଂପୂର୍ଣ୍ଣ ତତ୍ପର ହୋଇ ଉଠିଛି । କୋଭିଡ୍ କଟକଣା ଅନୁସାରେ କିପରି ରଥଯାତ୍ରା ସଂପର୍ଣ୍ଣ ହେବ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ବ୍ଲୁପ୍ରିଂଟ୍ ପ୍ରସ୍ତୁତ କରିଛି । ଶ୍ରୀକ୍ଷେତ୍ର ର ସୁରକ୍ଷା ପାଇଁ ପୁଲିସ ବାହିନୀ ପକ୍ଷରୁ ଏସପି କେ ବିଶାଲ ସିଂ ଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ମକଡ୍ରିଲ କରାଯାଇଛି ।ଅକ୍ଷୟତୃତୀୟା ଠାରୁ ମହାପ୍ରଭୁ ଙ୍କ ୩ ଟି ରଥ ନିର୍ମାଣ ପାଇଁ ରଥଖଳା ରେ ରଥ ନିର୍ମାଣ କାର୍ଯ୍ୟ ରେ ନିମଗ୍ନ ରହିଥିଲେ ବିଶ୍ୱକର୍ମା ମହାରଣା , ଭୋଇ ସେବାୟତ ଓ ରୂପକାର ଚତ୍ରକାର ସେବାୟତ ମାନେ । ମହାପ୍ରଭୁ ଙ୍କ ରଥଦାଣ୍ଡ ବଡଦାଣ୍ଡ ରେ ମହାପ୍ରଭୁଙ୍କ ତିନି ରଥ ଗଡିବା ପାଇଁ ପଥ ପ୍ରସ୍ତୁତ କରାଯାଉଛି । ବଡଦାଣ୍ଡ ରେ ରହିଥିବା କ୍ୟାବିନ୍ ଠେଲାଗାଡି, ଖଟ, ଛତା ପସରା ଗୁଡିକ ଘର ବାହୁଡା ହେଲେଣି । ପୌରସଂସ୍ଥା ପକ୍ଷରୁ ତୁରନ୍ତ ହଟିଯିବା ପାଇଁ ଡାକବାଜି ଯନ୍ତ୍ର ଦ୍ୱାରା ଜଣାଇଦିଆଯାଇଛି । ବିଭିନ୍ନ ଛକ ସ୍ଥାନରେ ବ୍ୟାରିକେଡ୍ ନିର୍ମାଣ ପାଇଁ ଖୁଂଟ ପୋତାଗଲାଣି । ଆଜି ଗୁଣ୍ଡିଚା ମନ୍ଦିର ନିକଟ ଶରଧାବାଲି ରେ ପୁଲିସ ଟେଂଟ ପାଇଁ କଂଟା ବାଉଁଶ ଗଦା ହୋଇଛି । ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ଠାରେ ଚାରମାଳ ବାନ୍ଧିବା ପାଇଁ ତାଳଶେଣୀ ଗଦା ହୋଇଛି । ଗୁଣ୍ଡିଚା ମନ୍ଦିର ସଂହଦ୍ୱାର ର ସିଂହ ଗୁଡିକ ରଙ୍ଗ କରାଯାଉଛି । ଗୁଣ୍ଡିଚା ମନ୍ଦିରର ପାଚେରୀ ସମେତ ଦୁଇ ଦ୍ୱାର କୁ ରଙ୍ଗ କରାଯିବା ସହ ଆଲୋକୀକରଣ ବ୍ୟବସ୍ଥା କରାଯାଉଛି । ସିଂହଦ୍ୱାର ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ଅଢେଇ କିଲୋମିଟର ପ୍ରସସ୍ତ ବଡଦାଣ୍ଡ କୁ ପରିଷ୍କାର କରାଯାଉଛି । ଚଳିତ ବର୍ଷ କେବଳ ସେବାୟତ ମାନେ ଖାଲି ପାଦରେ ତିନି ରଥ ଟାଣିବେ । ପାଦ ନତାତିବା ପାଇଁ ବଡଦାଣ୍ଡର ବିଭିନ୍ନ ସ୍ଥାନରେ ତାତିକମାଇବା ରଙ୍ଗ କରାଯିବ । ସେବାୟତ ମାନେ ବସିବା ପାଇଁ ସିଂହଦ୍ୱାର ନିକଟ ପୂର୍ବ ଏମାର ମଠ ଚକଡା ଓ ଗୁଣ୍ଡିଚା ମନ୍ଦିର ନିକଟରେ ସେଡ୍ କରାଯିବ । ଏହା ସହ ବଡଦାଣ୍ଡର ଦୁଇ ପାର୍ଶ୍ୱରେ ସ୍ୱଳ୍ପ ବିଶ୍ରାମ ପାଇଁ ୧୦ ଟି ସ୍ଥାନରେ ସେଡ୍ କରାଯିବ ।

# ରାଜପୁର ପଂଚାୟତ ପକ୍ଷରୁ ବନମହୋତ୍ସବ ଅନୁଷ୍ଠିତ



ଜଳେଶ୍ୱର,୦୪/୦୭ (ନି.ପ୍ର): ବନ ମହୋତ୍ସବ ସପ୍ତାହ ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ରାଜପୁର ପଂଚାୟତ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପଂଚାୟତର ଓଳିନ୍ଦା ଗ୍ରାମରେ ଥିବା ଚନ୍ଦନ ପୋଖରୀ ପଡିଆରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଚାରାଗଛ ରୋପଣ କରାଯାଇଥିଲା । ଏଥିରେ ବିଧାୟକ ଅଶ୍ୱିନୀ ପାତ୍ର ଯୋଗ ଦେଇ ଅକ୍ସିଜେନ୍‌ର ଆବଶ୍ୟକତା ସମ୍ପର୍କରେ କହିବା ସହିତ ବୃକ୍ଷରୋପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରପଂଚ ଦିଲ୍ଲିପ ପରିଡା, ଗ୍ରାମ୍ୟମୁଖ୍ୟ ସମର ବଲ୍ଲଭ ସାହୁ, ରବିନାରାୟଣ ମିଶ୍ର, ଜ୍ୟୋତିର୍ମୟାନନ୍ଦ ପାଳ, ଲକ୍ଷ୍ମିନାରାୟଣ ମହାପାତ୍ରଙ୍କ ସହିତ ଜଂଗଲ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବିବାହ ବାର୍ଷିକୀରେ ପାରିବାରିକ ରକ୍ତଦାନ ଶିବିର

## ୬୪ ବର୍ଷ ବୟସ ମଧ୍ୟରେ ୧୬୪ଥର ରକ୍ତଦାନ

ଭୁବନେଶ୍ୱର,୦୪/୦୭ (ନି.ପ୍ର): ବୟସ ୬୪ । ୬୪ ବୟସ ମଧ୍ୟରେ ୧୬୪ଥର ରକ୍ତଦାନ । ପ୍ଲେଟଲେଟ୍ ବି ୧୯ଥର ଦାନ କରିଛନ୍ତି । ଆଶ୍ଚର୍ଯ୍ୟ ଲାଗୁଥିଲେ ହିଁ ଏଭଳି ବ୍ୟକ୍ତି ଆମ ସମାଜରେ ନିଃସ୍ୱାର୍ଥ ଭାବେ ତାଙ୍କ କର୍ମ କରି ଚାଲିଛନ୍ତି । ରକ୍ତଦାନକୁ ଜୀବନର ବ୍ରତ ରୂପେ ଗ୍ରହଣ କରି ଅନ୍ୟମାନଙ୍କ ପାଇଁ ସେ ଉଦାହରଣ ପାଲଟି ଯାଇଛନ୍ତି । ଓଡ଼ିଶାର ସେ୍ଞ୍ଚୁରିୟାନ ବ୍ଲଡ଼ ଡ଼ୋନର ରୂପେ ସେ ବେଶ୍ ପରିଚିତ । ‘ରକ୍ତଦାନ, ଜୀବନ ଦାନ’ର ମହାମନ୍ତ୍ରକୁ ଆପଣାଇ ଅନ୍ୟମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ ତାଙ୍କର ଭୂମିକା ଅତୁଳନୀୟ । ସେ ବ୍ୟକ୍ତିଜଣକ ହେଉଛନ୍ତି ସ୍ମାର୍ଟନଗରୀ ଭୁବନେଶ୍ୱରର ଭୀମଟାଙ୍ଗୀ ନିବାସୀ ମଦନ ମୋହନ ପଟ୍ଟନାୟକଙ୍କ ବଡ଼ପୁତ୍ର ଗୋପୀମୋହନ ପଟ୍ଟନାୟକ । ପ୍ରତିବର୍ଷ ପରି ଚଳିତବର୍ଷ ନିଜର ୩୦ତମ ବିବାହ ବାର୍ଷିକୀ ଉତ୍ସବ ଅର୍ଥାତ୍ ଜୁଲାଇ ୪ ତାରିଖରେ ନିଜର ବନ୍ଧୁ, ଆତ୍ମୀୟସ୍ୱଜନ ମାନଙ୍କୁ ସାମିଲ କରି ଆୟୋଜନ କରିଥିଲେ ଏକ ରକ୍ତଦାନ ଶିବିର । ଭୁବନେଶ୍ୱର ୟୁନିଟ୍-୬ସ୍ଥିତ ଗଙ୍ଗନଗର କମ୍ୟୁନିଟି ହଲ୍‌ରେ ଏହି ଶିବିରକୁ ଆୟୋଜନ କରାଯାଇଥିଲା । ଶିବିରକୁ ଆନୁଷ୍ଠାନିକ ରୂପେ ପୂର୍ବତନ ସ୍ଥାନୀୟ କର୍ପୋରେଟର ଧୀରନ୍ଦ୍ର ନାଥ ବେହେରା ଉଦ୍‌ଘାଟନ କରିଥିଲେ । ମହାମାରୀ କରୋନା ପାଇଁ ନା ଥିଲା ଭୋଜିଭାତ ନା ଥିଲା କେକ୍ କଟାର ପର୍ବ । ଏହି ଅବସରରେ ଗୋପୀମୋହନ ନିଜର ସାଙ୍ଗ, ସାଥୀ, ଆତ୍ମୀୟସ୍ୱଜନ ଓ ଧର୍ମପତ୍ନୀ ଆଶାଲତାଙ୍କୁ ନେଇ ୧୬୪ଥର ରକ୍ତଦାନକୁ ପୂରଣ କରିଥିଲେ । ୟୁନିଟ୍-୬ସ୍ଥିତ କ୍ୟାପିଟାଲ ହସ୍ପିଟାଲ ରକ୍ତ ଭଣ୍ଡାରର ନିର୍ଦ୍ଦେଶକ ଡା. ଦେବାଶିଷ ମିଶ୍ର, ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ, ସାମାଜିକ କର୍ମୀ କୈଳାସ ଚନ୍ଦ୍ର ପାତ୍ର, ରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ଈଶ୍ୱରଙ୍କ ନିକଟରେ ଗୋପୀମୋହନଙ୍କ ଦୀର୍ଘାୟୁ କାମନା କରିବା ସହ ଶୁଭେଚ୍ଛା ଜଣାଇଥିଲେ । ସୂଚନାଯୋଗ୍ୟ ୨୦୦୪ ମସିହାରୁ ଗୋପୀମୋହନ ରାଜ୍ୟର ସର୍ବପ୍ରଥମ ପାରିବାରିକ ରକ୍ତଦାନ ଶିବିର ଆରମ୍ଭ କରିଥିଲେ । ଏତଦ୍‌ସହ ୨୫୦୦ରୁ ଉର୍ଦ୍ଧ୍ୱ ରକ୍ତଦାନ ଶିବିର ଆୟୋଜନ କରିସାରିଲେଣି । ଶିବିରରେ ଗୋପୀମୋହନଙ୍କ ବନ୍ଧୁ ମାନସ ରଞ୍ଜନ ପଟ୍ଟନାୟକ, ପ୍ରିତିଶ ମିଶ୍ର, ସ୍ମୃତି ରଞ୍ଜନ ମହାପାତ୍ର, ବିଭୂତି ମହାପାତ୍ର, ନିଳୟମ ଷଡ଼ଙ୍ଗୀ, ଆଦିତ୍ୟ ନାରାୟଣ ରାଉତ, ଭବାନୀ ପ୍ରସାଦ ନନ୍ଦ, ଦୃତି ସୁନ୍ଦର ରାଉତ ପ୍ରମୁଖ ରକ୍ତଦାନ କରି ନିଜର ସାମାଜିକ କର୍ତବ୍ୟକୁ ନିଷ୍ଠାର ସହ ପାଳନ କରିଥିବାର ଜଣାପଡ଼ିଛି । ଶିବିରରୁ ସର୍ବମୋଟ ୧୨ ୟୁନିଟ୍ ରକ୍ତ ସଂଗୃହିତ କରାଯାଇଥିଲା ।

ବାଲେଶ୍ୱର ସୋମବାର, ୦୫ ଜୁଲାଇ, ୨୦୨୧

ଧ୍ୱନି ପ୍ରତିଧ୍ୱନି



## କରୋନା ମୁକାବିଲା ପାଇଁ ବିଜେପି ତରଫରୁ କୋଭିଡ-୧୯ ଶୀର୍ଷକ କର୍ମଶାଳା

କେନ୍ଦ୍ରାପଡ଼ା,୦୪/୦୭ (ନି.ପ୍ର): ବାରତୀୟ ଜନତା ପାର୍ଟି କେନ୍ଦ୍ରାପଡା ଶାକା ତରଫରୁ ଭର୍ଚୁଆଲ ମାଧ୍ୟମରେ "କୋଭିଡ-୧୯ ଆହ୍ୱାନ" ଶୀର୍ଷକ କର୍ମଶାଳା ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ଜଗତ୍‌ସିଂହପୁର ର ପୂର୍ବତନ ସାଂସଦ ତଥା ଅନୁସୂଚିତ ମୋର୍ଚ୍ଚାର ରାଜ୍ୟ ସଭାପତି ଡ଼ଃ ବିଭୂ ପ୍ରଶାଦ ତରାଇ ଯୋଗଦେଇ ସଂପ୍ରତି କୋଭିଡ ମହାମାରୀ କୁ ଦେଶରେ ସଫଳ ମୁକାବିଲା ପାଇଁ ଆମ ପ୍ରିୟ ପ୍ରଧାନମନ୍ତ୍ରୀ ପଦକ୍ଷେପ ନେଇ ସଫଳ ପରିଚାଳନା ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଦେଶରେ କରୋନାର ପ୍ରଥମ ଲହରରେ ଦଳର କାର୍ଯ୍ୟକର୍ତା ମାନଙ୍କୁ ସେବା ହିଁ ସଂଗଠନ ମାଧ୍ୟମରେ ଗରିବ ଲୋକ ମାନଙ୍କୁ କରୋନା ମହାମାରୀ ବିଷୟରେ ବୁଝାଇବା ସହିତ ମାକ୍ସ, ସାବୁନ, ସାନିଟାଇଜର, ସୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ ବଣ୍ଟନ କାର୍ଯ୍ୟର ଆହ୍ୱାନ ଦେବାପରେ ଦେଶର ଅଗଣିତ କାର୍ଯ୍ୟକର୍ତା ସେମାନଙ୍କ ଜୀବନକୁ ବାଜି ଲଗାଇ ଲୋକ ମାନଙ୍କ ସେବାରେ ନିୟୋଜିତ ହୋଇଥିଲେ । ସେହିଭଳି ଦ୍ୱିତୀୟ ଲହର ପରିଚାଳନାରେ ସ୍ୱାସ୍ଥ୍ୟସେବା ଭିତିଭୂମିର ବିକାଶ, ଟୀକା ଉତ୍ପାଦନ ବୃଦ୍ଧି, କୋଭିଡ ହସପିଟାଲ, କୋଭିଡ କେୟାର ସେଣ୍ଟର ବୃଦ୍ଧି, ଅମ୍ଳଜାନ ପ୍ଲାଣ୍ଟ ପ୍ରତିଷ୍ଠା ଓ ଜଳ, ସ୍ଥଳ ଓ ଆକାଶ ମାର୍ଗରେ ବିଭିନ୍ନ ସ୍ଥାନରେ ପହଁଚାଇବା, ଗରିବ କଲ୍ୟାଣ ଯୋଜନା ମାଧ୍ୟମରେ ଦେଶର ୮୦ କୋଟି ଲୋକଙ୍କୁ ମାଗଣାରେ ଚାଉଳ, ଡାଲି, ରନ୍ଧନ ଗ୍ୟାସ ଯୋଗାଇବା, ଦେଶରେ କୃଷକ, ଶ୍ରମିକ, ମହିଳା, ବିଧବା, ବିକଳାଙ୍ଗ, ଛୋଟ ଉଠା ଦୋକାନୀ ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଦ୍ୱାରା ଦେଶରେ ମହାମାରୀର ସଫଳ ମୁକାବିଲା ହୋଇ ପାରିଛି ବୋଲି ଶ୍ରୀ ତରାଇ ଭର୍ଚୁଆଲ ମାଧ୍ୟମରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦଳର ନେତୃବୃନ୍ଦ, ଜିଲ୍ଲା ତଥା ମଣ୍ଡଳ ସ୍ତରର କାର୍ଯ୍ୟକର୍ତା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ଆଇଟି ସେଲର ସଂଯୋଜକ ମୁକ୍ତିକାନ୍ତ ସ୍ୱାଇଁ ପରିଚାଳନା କରିଥିବା ବେଳେ ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ ଧନ୍ୟବାଦ ଅର୍ପଣ କରିଥିଲେ ।

## 'କାବ୍ୟ ଅନୁରକ୍ତି' ଆନୁକୂଲ୍ୟରେ ଅନ୍‌ଲାଇନ୍ କବିତା ପାଠୋତ୍ସବ ଅନୁଷ୍ଠିତ




ନୂଆଦିଲ୍ଲୀ,୦୪/୦୭ (ନି.ପ୍ର): ଦିଲ୍ଲୀର ଓଡ଼ିଆ ସାହିତ୍ୟ ସଂଗଠନ 'କାବ୍ୟ ଅନୁରକ୍ତି' ଆନୁକୂଲ୍ୟରେ ଜୁମ୍ ମିଟିଂ ଦ୍ୱାରା ଓଡିଶା ତଥା ଦିଲ୍ଲୀରେ ଥିବା କେତେକ ଲବ୍ଧ ପ୍ରତିଷ୍ଠିତ ଏବଂ ନବ ପ୍ରତିଭା ସମ୍ପନ୍ନ କବିଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି 'ପ୍ରେମରେ ପ୍ରେମରେ ବର୍ଷା' କବିତାର ଆସର । ଉକ୍ତ କବିତା ଆସରକୁ ଆୟୋଜିତ କରିଥିଲେ ବାଲେଶ୍ୱରର ପ୍ରତିଷ୍ଠିତ କବି ଯଶୋଧରା ଦାସ । ଏହି ଉତ୍ସବକୁ ଉଦଘାଟନ କରିଥିଲେ କବୀ ଶ୍ରୀମତୀ ଅପର୍ଣ୍ଣା ମହାନ୍ତି । ମୁଖ୍ୟ ଅତିଥି ଭାବେ କବି ଶ୍ରୀ ପିତାମ୍ବର ତରାଇ ଯୋଗ ଦେଇ ବର୍ଷା । ସମ୍ପର୍କରେ ନିଜର ବହୁମୂଲ୍ୟ ବକ୍ତବ୍ୟ ରଖିବା ସହ କବିତା ପାଠ କରିଥିଲେ । ଏଥିରେ ଯୋଗ ଦେଇଥିବା ଅନ୍ୟ ପ୍ରତିଷ୍ଠିତ କବିମାନେ ହେଲେ କବି ଶ୍ରୀଦେବ, କବି ଡାକ୍ତର ସର୍ବେଶ୍ୱର ଶତପଥୀ, କବି ଡ଼ଃ ରଜନୀ ରଞ୍ଜନ, ଧ୍ୱନି ପ୍ରତିଧ୍ୱନିର ସମ୍ପାଦିକା କବି ଶ୍ରୀମତୀ ସୈରିନ୍ଧ୍ରୀ ସାହୁ, କବି ରକ୍ଷକ ନାୟକ, କବି ପିନାକୀ ମିଶ୍ର, କବି କାଳୀପଦ ପଣ୍ଡା, କବି ରାଜୀବ ପାଣି, କବି ପୂର୍ଣ୍ଣେନ୍ଦୁ ଦାସ ମହାପାତ୍ର, କବୀ ଯଶୋଧରା ଦାସ, କବି ଜୟଶ୍ରୀ ପଟ୍ଟନାୟକ, କବି ଭଗବାନ ସାହୁ, କବି ଅଭିମନ୍ୟୁ ନାୟକ, କବି ପ୍ରଭାତୀ ମାଝୀ, ରତିକାନ୍ତ ଦଳାଇ, ପ୍ରତିମାରଣୀ ଷଡଙ୍ଗୀ, ଗୀତା ଷଡଙ୍ଗୀ, ଲତିକା ମହାପାତ୍ର, ସାମ୍ବାଦିକ ରାମକୃଷ୍ଣ ରଥ, ଶ୍ରୀରୂପା ମଞ୍ଜରୀ ସେନ, ଅହମଦାବାଦର କୁମୁଦିନି ପାଢ଼ୀ ପ୍ରମୁଖ କବି ମାନେ ସ୍ୱରଚିତ କବିତା ପାଠ କରିଥିଲେ । କବି ତଥା ଅଧ୍ୟାପିକା ଡଃ ଗୀତାଶ୍ରୀ ପ୍ରିୟମ୍ବଦା ଖୁବ୍ ସୁନ୍ଦର ଭାବରେ ସଭାଟିକୁ ପରିଚାଳନା କରିବା ସହ ଏହି କବିତା ଆସରକୁ ସଂଯୋଜନା କରିଥିଲେ । ଶେଷରେ ମାୟାଧର ସରାଫ ଧନ୍ୟବାଦ ଅର୍ପଣ କରିଥିଲେ । କାବ୍ୟ ଅନୁରକ୍ତିର ଆୟୋଜିକା ନତାସା ଦାସ ଏପରି ଏକ ସଫଳ ଆସର ପାଇଁ ସମସ୍ତଙ୍କୁ କୃତଜ୍ଞତା ଜଣାଇ ସଭା ସାଙ୍ଗ କରିଥିଲେ ।

## ଜିଲ୍ଲାର ସ୍ୱାସ୍ଥ୍ୟସେବା ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କ ସହ ମେଡିକାଲ କ୍ରିୟାନୁଷ୍ଠାନ କମିଟିର ଆଲୋଚନା



ବାଲେଶ୍ୱର,୦୪/୦୭ (ନି.ପ୍ର): କୋଭିଡ ପ୍ରତିଷେଧକ ଟିକାଦାନକୁ ଶୃଙ୍ଖଳିତ ଓ ତ୍ୱରାନ୍ୱିତ କରିବା ଏବଂ ବାଲେଶ୍ୱର ଜିଲାରେ ସ୍ୱାସ୍ଥ୍ୟସେବାର ଉନ୍ନତି ସମ୍ପର୍କରେ ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧିମାନେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସହ ସ୍ଥାନୀୟ ସର୍କିଟ ହାଉସରେ ସାକ୍ଷାତ ଆଲୋଚନା ସହ ମେଡିକାଲ କଲେଜ ସଂଲଗ୍ନ ନିର୍ମାଣାଧୀନ ୬୫୦ ଶଯ୍ୟା ବିଶିଷ୍ଟ ହସପିଟାଲର ନିର୍ମାଣ କାର୍ଯ୍ୟ, ଦୁଇପାର୍ଶ୍ୱରୁ ସଂଯୋଗ ରାସ୍ତା, କଲେଜର ମୁଖ୍ୟ ଫାଟକ ନିର୍ମାଣ, ମଂଜୁରୀ ପ୍ରାପ୍ତ ନର୍ସିଂ କଲେଜ୍ ପାଇଁ ସ୍ଥାନ ନିରୂପଣ, ଏମସ୍ ବହିଃ ବିଭାଗକୁ କାର୍ଯ୍ୟକ୍ଷମ କରିବା ପ୍ରଭୃତି ସମସ୍ୟା ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରତିନିଧିମାନେ ଅବଗତ କରାଇଥିଲେ । ଏନେଇ ମେଡିକାଲ କଲେଜ ସ୍ୱାସ୍ଥ୍ୟସେବା ସମିତିର ବୈଠକ ତୁରନ୍ତ ଆହ୍ୱାନ କରିବାକୁ ମନ୍ତ୍ରୀ ମହୋଦୟଙ୍କୁ ଅନୁରୋଧ କରାଯାଇଛି । ହସପିଟାଲ ପରିସରରେ ଏକମୋ ମେସିନ ପ୍ରତିଷ୍ଠା ପାଇଁ ପୂର୍ବ ଦାବି ସମ୍ପର୍କରେ ମନ୍ତ୍ରୀଙ୍କୁ ପ୍ରତିନିଧିମାନେ ସ୍ମରଣ କରାଇଥିଲେ । ସମସ୍ତ ସମସ୍ୟା ସମ୍ପର୍କରେ ତୁରନ୍ତ ଉଚିତ ପଦକ୍ଷେପ ସହ ଟିକାକରଣକୁ ଶୃଙ୍ଖଳିତ କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ଏହି ଆଲୋଚନାରେ କ୍ରିୟାନୁଷ୍ଠାନ କମିଟିର ଉପଦେଷ୍ଟା ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ସମେତ ନିରଞ୍ଜନ ରାଉତ, ନିରଞ୍ଜନ ପରିଡ଼ା, ସୀତାରାମ ପ୍ରଧାନ ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ପରେ କ୍ରିୟାନୁଷ୍ଠାନ କମିଟିର ଏକ ସ୍ୱତନ୍ତ୍ର ବୈଠକ ମମତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲାବାସୀଙ୍କ ସାମଗ୍ରିକ ସ୍ୱାର୍ଥ ପାଇଁ ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ଦେଇଥିବା ପ୍ରତିଶ୍ରୁତିକୁ ନେଇ ସମସ୍ତେ ଆଶା ପୋଷଣ କରଥିଲେ । ରାଜ୍ୟ ସରକାର ବାଲେଶ୍ୱରରେ ନର୍ସିଂ କଲେଜ ପ୍ରତିଷ୍ଠା ପାଇଁ ଘୋଷଣା କରି ସାରିଥିବାରୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ବୈଠକରେ ଧନ୍ୟବାଦ ଦିଆଯାଇଥିଲା । ଏନେଇ ପ୍ରଶାସନ ତୁରନ୍ତ ଆବଶ୍ୟକୀୟ ସ୍ଥାନ ନିରୂପଣ କରିବାକୁ ଦାବି କରାଯାଇଛି । ସେହିଭଳି ଆମେରିକାର ଜର୍ଜିଆ ଓଡ଼ିଆ ସୋସାଇଟି କରୋନାର ମୁକାବିଲା ପାଇଁ ବାଲେଶ୍ୱର ଜିଲାକୁ ସହାୟତା ପ୍ରଦାନ କରିଥିବାରୁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରଯାଇଥିଲା । ବୈଠକରେ ସାଧାରଣ ସମ୍ପାଦକ ପ୍ରଦୀପ ଦାସ କୋଷାଧ୍ୟକ୍ଷ ପ୍ରଫୁଲ୍ଲ ଦାସ, ପ୍ରଭାକର ସାହୁ, ଇଂ. ବନମାଳି ନାୟକ, ଶ୍ୟାମସୁନ୍ଦର ଜେନା, କିସମାତୁନ ବିବି ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ । ପ୍ରମିତା ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## କଳାକାର ସଂଘ ପକ୍ଷରୁ ଯାତ୍ରାପାର୍ଟି କଳାକାରଙ୍କୁ ରାସନ ବଣ୍ଟନ



ଜଳେଶ୍ୱର ୪/୭(ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକରେ କଳାକାର ସଂଘ ପକ୍ଷରୁ ଆଜି ରବିବାର ସ୍ଥାନୀୟ ମୂରଲୀ କଲ୍ୟାଣ ମଣ୍ଡପରେ ଆର୍ଥୀକ ଅନଟନରେ ଦିନ କାଟୁଥିବା ଉତ୍ତର ବାଲେଶ୍ୱରର ପ୍ରାୟ ୧୭୫ ଜଣ କଳାକାର ମାନଙ୍କୁ ୧୫ ଦିନର ରାସନ ସାମଗ୍ରୀ ସହିତ ଆର୍ଥୀକ ସହାୟତା ପ୍ରଦାନ କରାଯାଇଛି । ଏଥିରେ ବାଲିଆପାଳ ଶାଖା ପରିଚାଳକ ବିଜୟ ଜେନା, ଭୋଗରାଇ ଶାଖା ପରିଚାଳକ ମାୟାଧର ଦାସ ସହାୟତା କରିଥିଲେ । ସଂଘର ସଭାପତି ଗୌରାଙ୍ଗ ଚରଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦୟାନିଧି ସାହୁ, ବିକ୍ରମ ଦତ୍ତ, ସୁଧାଂଶୁ ଶେଖର ଜେନାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ରାଧାକୃଷ୍ଣ ଗିରି, ସୁକୁମାର ରଣା, ରାଜେଶ ଖଟୁଆ, ସୁବ୍ରତ ରଣା, ଅଜିତ୍ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରମୋଦ ମେହେର୍ଦ୍ଦାଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୦୪/୦୭ (ନି.ପ୍ର): ଓଡିଶା ରାଜ୍ୟପାଳଙ୍କ ସଚି ତଥା କମିଶନର ଡ. ପ୍ରମୋଦ କୁମାର ମେହେର୍ଦ୍ଦାଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ୧୯୯୭ ବ୍ୟାଚ୍ ର ଏହି ଆଇଏଏସ୍ ଅଧିକାରୀ ପୂର୍ବ ଦାୟିତ୍ୱ ସହ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ସେ ଦାୟିତ୍ୱ ନେବା ପରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପାଇଥିବା ବରିଷ୍ଠ ଆଇଏଏସ୍ ଅଧିକାରୀ ଶ୍ରୀମତୀ ଅନୁ ଗର୍ଗ ଏଥିରୁ ଓହରିବେ । ଏସମ୍ପର୍କରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରୀ କରାଯାଇଛି ।

## ବିଜେପି ପକ୍ଷରୁ ଶାସଙ୍ଗରେ ରକ୍ତଦାନ ଶିବିର



ବାଲେଶ୍ୱର,୦୪/୦୭ (ନି.ପ୍ର): ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ସପ୍ତାହ ପାଳନ ଅବସରରେ ସେବା ହିଁ ସଂଗଠନ ଅଭିଯାନ ଆନୁକୂଲ୍ୟରେ ବିଜେପି ଶାସନଙ୍ଗ ଶାଖା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶାସଙ୍ଗ ଉପ୍ରା ବିଦ୍ୟାଳୟ ପରିସରରେ ଆୟୋଜିତ ଶିବିରକୁ ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଆନୁଷ୍ଠାନିକ ଭାବେ ଉଦଘାଟନ ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲା ସମ୍ପାଦକ ଆଶିଷ ଘୋଷ, ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ସ୍ଥାନୀୟ ୱାର୍ଡ଼ ସଭ୍ୟ ଶେଖ ସାହିଦ ପ୍ରମୁଖ ଏଥିରେ ଯୋଗଦେଇ ରକ୍ତର ଅଭାବ ପୂରଣରେ ଯୁବଗୋଷ୍ଠୀଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଶିବିର ଶେଷ ସୁଦ୍ଧା ୫୦ଜଣ ରକ୍ତଦାନ କରିଥିଲେ । ଜୟନ୍ତ ଦାସ, ସୁବୋଧ ଚନ୍ଦ୍ର ପଣ୍ଡା, ରଣଜିତ କୁମାର ପୃଷ୍ଟି, ଶରତ ବାରିକ ପ୍ରମୁଖ ବିଜେପି କର୍ମକର୍ତ୍ତାଙ୍କ ସମେତ ବହୁ ଗ୍ରାମବାସୀ ଏହି ଶିବିର ପରିଚାଳନା କରିଥିଲେ ।

## ବିଷ୍ଣୁ ସେଠୀଙ୍କ ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୪/୦୭ (ନି.ପ୍ର): ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠି କରୋନା ସଂକ୍ରମିତ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ ବିରୋଧୀ ଦଳ ଉପନେତା ତଥା ବିଧାୟକ ଶ୍ରୀ ବିଷ୍ଣୁ ଚରଣ ସେଠି କରୋନା ସଂକ୍ରମିତ ହୋଇ ଏମ୍ସରେ ଚିକିତ୍ସିତ ହେଉଥିବା ନେଇ ଅବଗତ ହେଲି । ତାଙ୍କର ଆଶୁ ଆରୋଗ୍ୟ ଓ ଉତମ ସ୍ୱାସ୍ଥ୍ୟ କାମନା କରୁଛି ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୪୩,୦୭୧ ନୂଆ ମାମଲା

ଭୁବନେଶ୍ୱର,୦୪/୦୭(ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୪୩,୦୭୧ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୯୫୫ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩,୦୫,୪୫,୪୩୩ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୪,୮୫,୩୫୦ ଥିବା ବେଳେ ବର୍ତମାନ ସୁଦ୍ଧା ୪,୦୨,୦୦୫ଜଣ ମୃତ୍ୟୁ ବରଣ କରିଛନ୍ତି ।

## ସ୍ୱାମୀଙ୍କ ଆରୋଗ୍ୟ କାମନା କରି ସ୍ତ୍ରୀ ଗ୍ରାମବାସୀଙ୍କୁ ମାସ୍କ ବାଂଟିଲେ



ବାଲିଆପାଳ,୦୪/୦୭ (ନି.ପ୍ର): ବାଲିଆପାଳା ଥାନା ଦାନ୍ତୁଣିଦା ଗ୍ରାମର ଜଣେ ମହିଳା ଶୈଳବାଳା ପାତ୍ର ତାଙ୍କ ସ୍ୱାମୀ ମୁକ୍ତିକାନ୍ତଙ୍କ ଆଶୁଆରୋଗ୍ୟ କାମନା କରି ଗୁରୁବାର ସଗ୍ରାମର ହଜାରେ ଜଣ ଯୁବକଙ୍କୁ ମାସ୍କ, ସାବୁନ, ସାନିଟାଇଜର ଆଦି ବଂଟନ କରିଛନ୍ତି । ତାଙ୍କ ସ୍ୱାମୀ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ହୋଇଥିବା ବେଳେ ତାଙ୍କ ଦୁଇଟି କିଡନ୍ନୀ ନଷ୍ଟ ହୋଇଯାଇଛି । ସେ ମୁମ୍ବାଇର ଆମ୍ବାନୀ ଘରୋଇ ହସପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଗ୍ରାମ୍ୟ କମିଟିର ମୁଖ୍ୟ ରାମଚନ୍ଦ୍ର ରାଉତ,ମୃତ୍ୟୁଞ୍ଜୟ ରାଉତ, ନରହରି ଜେନା, ପ୍ରଫୁଲ ଦଳାଇ, ମହେଶ୍ୱର ଦଳାଇ, ଝାଡେଶ୍ୱର ରଣଜିତ, ସନ୍ୟାସୀ ଦଳାଇ, ଅମୂଲ୍ୟ ଦାସ ପ୍ରମୁଖ ଗ୍ରାମବାସୀଙ୍କୁ ସାମଗ୍ରୀ ଗୁଡିକ ବଂଟନ କରିବାରେ ସହାୟତା କରିଥିଲେ । ଆଗକୁ ଆହୁରୀ ଅଧିକ ସାମଗ୍ରୀ ଅନ୍ୟ ଗ୍ରାମରେ ବଂଟନ କରାଯିବ ବୋଲି ଶୈଳାବାଳା ପ୍ରକାଶ କରିଛନ୍ତି ।

## ଭତ୍ତା ନ ପାଇ ବିଧବା ମହିଳା ହନ୍ତ ସନ୍ତ



ବାଲିଆପାଳ,୦୪/୦୭ (ନି.ପ୍ର): ବାଲିଆପାଳ ବ୍ଲକ ମଧୁପୁରା ଗ୍ରାମର ବିଧବା ମହିଳା ମାଳତୀ ଦାସ ଦୀର୍ଘ ଦିନ ଧରି ଭତା ନ ପାଇ ହନ୍ତ ସନ୍ତ ହେଉଛନ୍ତି । ତାଙ୍କର ବୟସ ୬୫ ବର୍ଷରୁ ଅଧିକ ହୋଇଥିଲେ ବି ତାଲିକାରେ ତାଙ୍କ ନାମକୁ ଅର୍ନ୍ତଭୁକ୍ତ କରାଯାଇ ନାହିଁ । ଏନେଇ ମାଳତୀ ମଧୁପୁରା ସରପଂଚ ଓ ବିଡିଓ ବାରମ୍ବାର ଦେଖା କରି ଆକୁଳ ଆବେଦନ କରିଥିଲେ ବି କେହି କର୍ଣ୍ଣପାତ କରୁନାହାନ୍ତି । ଭତା ବିନା ଜୀବନ ନିର୍ଭାୟ ତାଙ୍କ ପାଇ ଦୁର୍ବିସ ହୋଇପଡିଛି । ଆଗାମୀ ଏକ ମାସ ମଧ୍ୟରେ ତାଙ୍କୁ ଭତା ନ ମିଳିଲେ ସେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ପ୍ରକାଶ କରିଛନ୍ତି । ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ମାଳତୀ ଦାବି କରିଛନ୍ତି ।

## ପଦୋନ୍ନତି ପାଇଁ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର



ବାରିପଦା,୦୪/୦୭ (ନି.ପ୍ର): ସରକାରଙ୍କ ତରଫରୁ ପ୍ରାଥମିକ ଶିକ୍ଷକ ମାନଙ୍କର ପଦନ୍ନତି ନିମନ୍ତେ ଗତ ଜୁନ ୨୮ତାରିଖରୁ ସିଦ୍ଧାନ୍ତ ହୋଇଥିଲେ ସୁଦ୍ଧା ପଦନ୍ନତି ପ୍ରକ୍ରିୟା ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ଆରମ୍ଭ ହୋଇନଥିବା ଜାଣିବାକୁ ମିଳିଛି । ଏନେଇ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ଅସନ୍ତୋଷ ପ୍ରକାଶ କରିବା ସହିତ ପଦୋନ୍ନତି ପ୍ରକ୍ରିୟାକୁ ତୁରନ୍ତ କାର୍ଯ୍ୟକାରୀ କରିବା ନିମନ୍ତେ ଅନୁରୋଧ ପୂର୍ବକ ଏକ ଦାବିପତ୍ର ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଆଜି ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ପ୍ରଦାନ କରାଯାଇଛି । ଜିଲ୍ଲା ସିକ୍ଷାଧିକାରୀ ଯଥା ସମୟରେ ଏହି ପଦନ୍ନତି ପ୍ରକ୍ରିୟାକୁ ସମ୍ପାଦନ କରିବାର ପ୍ରତିଶୃତି ଦେଇଥିବା ଜଣାଯାଇଛି । ଏହି ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଶିକ୍ଷକ ସଂଘ ପକ୍ଷରୁ ମାନସ କୁମାର ପଣ୍ଡା, ପ୍ରମୋଦ କୁମାର ମହାନ୍ତ, ଆଦିତ୍ୟ କୁମାର କୁଆଁର, ଦୀପକ ପାତ୍ର, ଭରତ ଚନ୍ଦ୍ର ପାତ୍ର ଏବଂ ସମୀର ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକଙ୍କ ମନମୁଖୀକୁ ନେଇ କେନ୍ଦ୍ର ଶିକ୍ଷା ସଚିବଙ୍କୁ ଦାବିପତ୍ର

ଭୁବନେଶ୍ୱର,୦୪/୦୭ (ନି.ପ୍ର): ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ଆର.ଭି ରାଜକୁମାରଙ୍କ ମନମୁଖୀକୁ ନେଇ,ଏକ ଅନୁସନ୍ଧାନ କମିଟି ଗଠନ ପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡିଶ (ଏବିଭିପି) ତରଫରୁ କେନ୍ଦ୍ର ଶିକ୍ଷା ସଚିବ ଅମିତ ଷେରେଙ୍କୁ ଦାବିପତ୍ର ଦିଆଯାଇଛି । ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ଆର.ଭି ରାଜକୁମାର ନାମରେ ବରାମ୍ବାର ଅଭିଯୋଗ ଆସୁଛି । ପିଲାମାନଙ୍କୁ ନର୍ଯାତନା ଦେବା ଭଳି ସଙ୍ଗୀନ ଅଭିଯୋଗ ତାଙ୍କ ନାମରେ ଅଛି । ଅନୁଷ୍ଠାନର ଅଧ୍ୟାପକ, ଛାତ୍ରଙ୍କ ସହ ଯୋଗାଯୋଗ କରିବା ପରେ, ଦୁଃଖର ସହ କହୁଛୁ ଯେ ଆଇଆଇଟି ଭୁବନେଶ୍ୱର, ନିର୍ଦ୍ଦେଶକ ଆର.ଭି ରାଜକୁମାର ପକ୍ଷପାତିତାକୁ ପ୍ରୋତ୍ସାହିତ କରୁଛନ୍ତି ଏବଂ ପାଣ୍ଠି ପରିଚାଳନାରେ ଅନିୟମିତତା ତଥା ଅଧାପକ ନିଯୁକ୍ତିକୁ ମଧ ଏଡ଼ାଇ ଦିଆଯାଇପାରିବ ନାହିଁ । ତେଣୁ ଉଚ୍ଚ ସ୍ତରୀୟ ଅନୁସନ୍ଧାନ କମିଟି ଗଠନ କରିବା ସହିତ ତୁରନ୍ତ ମନ୍ତ୍ରଣାଳୟର ହସ୍ତକ୍ଷେପ ପ୍ରାର୍ଥନା କରିବା ସହିତ ନିର୍ଦ୍ଦେଶକଙ୍କୁ ତୁରନ୍ତ ହଟାଇବା ପାଇଁ ଏବିଭିପ ଦାବି କରିଛି । ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି ଯେ ଆଇଆଇଟି ଭୁବନେଶ୍ୱରରେ ଦଣ୍ଡବିଧାନ ପ୍ରଣାଳୀ ଅତ୍ୟନ୍ତ ଅମାନୁଷିକ ଏବଂ ଛୋଟ ଛୋଟ ଅପରାଧ ପାଇଁ ଛାତ୍ରଙ୍କ ଉପରେ ଆର୍ଥିକ ଦଣ୍ଡ ୫,୦୦୦ ରୁ ୧ ଲକ୍ଷ ପର୍ଯ୍ୟନ୍ତ ନିଆଯାଉଛି । ଏହା ମଧ ଆମ ନଜରକୁ ଆସିଛି ଯେ କୋଭିଡ -୧୯ ଲକଡାଉନ ଅବଧି ସମୟରେ ଅନେକ ଗବେଷକଙ୍କୁ ସେମାନଙ୍କର ଫେଲୋସିପ୍ ବାରଣ କରାଯାଇଛି । ଏବିଭି ମଧ ପ୍ରଫେସର ରାଜକୁମାରଙ୍କ କାର୍ଯ୍ୟକାଳରେ ଅଧାପକ ନିଯୁକ୍ତିରେ ଅନିୟମିତତା, ଭିତ୍ତିଭୂମି ବିକାଶରେ ଅନିୟମିତତା ତଥା ଛାତ୍ରଛାତ୍ରୀଙ୍କ ଉପରେ ଲଗାଯାଇଥିବା ଜୋରିମାନା ଯାଂଚ କରିବା ପାଇଁ ତୁରନ୍ତ ଏକ ଉଚ୍ଚ ସ୍ତରୀୟ ତଦନ୍ତ କମିଟି ଗଠନ କରିବାକୁ ଦାବି କରିଛି ।

## ପୁଲିସ୍‌ର ନିଷ୍କ୍ରିୟତା : ମରଣାନ୍ତ ଆକ୍ରମଣ ଘଟଣାରେ ହେଉନି କାର୍ଯ୍ୟାନୁଷ୍ଠାନ

ଜଳେଶ୍ୱର,୦୪/୦୭ (ନି.ପ୍ର): ବାଲେଶ୍ୱର ଜିଲାର ରାଇବଣିଆ ଥାନା ଅନ୍ତର୍ଗତ ଶ୍ୟାମନଗର ପଂଚାୟତ ଅଧିନ ଚନ୍ଦ୍ରପୁର ଗାଁର ଦୀପକ ମହାନ୍ତ ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରନ୍ତି । ଗତ ଶୁକ୍ରବାର ରାସ୍ତାରେ ବାଇକ୍ ରଖିବାକୁ କେନ୍ଦ୍ର କରି ଏକ ବିବାଦରେ ଗ୍ରାମର ଗଦାଧର ମହାନ୍ତ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା । ତାର ମୁଣ୍ଡକୁ ଧାରୁଆ ଅସ୍ତ୍ରରେ ଆଘାତ କରିବାରୁ ସେ ମୁମୂର୍ଷୁ ହୋଇ ପ୍ରଥମେ ହାତୀଗଡ ଡାକ୍ତରଖାନା ଓ ପରେ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିଲେ । ଏ ସମ୍ପର୍କରେ ଦୀପକର ସ୍ତ୍ରୀ ଜୟନ୍ତୀ ମହାନ୍ତ କୁଷଗଡ ଫାଣ୍ଡିରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନଥିବା ଅଭିଯୋଗ ହୋଇଛି । ଏପରିକି କେଶ୍‌ରୁଜୁ ହେଉନଥିବାରୁ ସ୍ଥାନୀୟ ବୁଦ୍ଧିଜିବୀ ମହଲରେ ବିସ୍ମୟ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ଏସ୍‌ଡିପିଓ ଅଂକିତା କୁମ୍ବାରଙ୍କ ସହିତ ଯୋଗାଯୋଗ କଲାପରେ ଆସନ୍ତା କାଲି ଏ ସମ୍ପର୍କରେ ବୁଝିବେ ବୋଲି କହିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo